## ହସ୍ପିଟାଲରୁ ମୋବାଇଲ ଚୋରି, ଜଣେ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): କ୍ୟାପିଟାଲ ହସ୍ପିଟାଲର ମେଡିସିନ୍ ୱାର୍ଡରୁ ମୋବାଇଲ ଚୋରି କରି ଫେରାର ହେଉଥିବା ବେଳେ ଅଭିଯୁକ୍ତଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ମୁରଲୀ ନାୟକ। ତାଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ ହୋଇଛି। ସୂଚନାନୁସାରେ ମନୋଜ କୁମାର ନନ୍ଦ ତାଙ୍କ ପୁଅର ଦେହ ଖରାପ ଥିବାରୁ କ୍ୟାପିଟାଲ ହସ୍ପିଟାଲର ମେଡିସିନ୍ ୱାର୍ଡରେ ଆଡମିଟ କରିଥିଲେ। ଘଟଣାଦିନ ସକାଳେ ଅଭିଯୁକ୍ତ ଉକ୍ତ ୱାର୍ଡ ଭିତରକୁ ହଠାତ୍ ପଶିଆସି ବେଡ୍ ନିକଟରେ ଥିବା ଦୁଇଟି ମୋବାଇଲ ଫୋନ ଚୋରି କରି ନେଇଯାଇଥିଲେ। ଏନେଇ ନନ୍ଦଙ୍କ ପତ୍ନୀ ଘଟଣା ଦେଖି ପାଟି କରିବାରୁ ନିକଟରେ ଉପସ୍ଥିତ ଥିବା ଲୋକମାନେ ଅଭିଯୁକ୍ତଙ୍କୁ କାବୁ କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧୋତ୍ସବ, ରେଳ ଷ୍ଟେଶନସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା।
- ଆଇଟି ସଫ୍ଟୱେର ଏକ୍ସପୋ ପକ୍ଷରୁ ଆଇଟି କର୍ମଶାଳା, ହୋଟେଲ ସୂର୍ଯ୍ୟାଂଶ, କଳିଙ୍ଗ ହସ୍ପିଟାଲ ନିକଟ, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଋତୁସ୍ରାବ ସ୍ୱଚ୍ଛତା ଦିବସ, ସିଓ୍ୱାଇଏସ୍‌ଡି, ଜାଭିୟର ଛକ, ପୂର୍ବାହ୍ନ ୧୦ଟା।
- ନୃତ୍ୟାଞ୍ଜଳି ଅନୁଷ୍ଠାନ ପକ୍ଷରୁ ନୃତ୍ୟାଞ୍ଜଳି ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- କ୍ରିଷ୍ଟା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ସାଇନ୍ସର ବାର୍ଷିକ ଉତ୍ସବ, ରୋଟାରୀ ଭବନ, ୟୁନିଟ-୯, ପୂର୍ବାହ୍ନ ୧୦ଟା ୩୦।
- ସମ୍ବାଦପତ୍ର ଓ ପତ୍ରିକା ଆଶ୍ରୟର ୧୩ତମ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ଗନ୍ଧର୍ବ କଳା ପରିଷଦ ପକ୍ଷରୁ ଗନ୍ଧର୍ବ କଳା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ରାଧାନାରାୟଣ ଫାଉଣ୍ଡେସନ ଓ ସୃଜନୀ ଆନୁକୂଲ୍ୟରେ କବି, ନାଟ୍ୟକର ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତିସଭା ଏବଂ ସମ୍ବର୍ଦ୍ଧନା ସଭା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ବାଟ ମହାବୀରଙ୍କ ପ୍ରଥମ ଜନ୍ମ ବାର୍ଷିକ ଉତ୍ସବର ଅଙ୍କୁରାରୋପଣ, ବଇଗୁଆ ବିଲସାହି, ସନ୍ଧ୍ୟା ୬ଟା।

## ବିଦ୍ୟୁତ୍‌ଖୁଣ୍ଟରେ ଲାଗିଲା ନିଆଁ

ବାଲିଅନ୍ତା,୨୬।୫(ଡି.ଏନ୍.ଏ.)- ବାଲିଅନ୍ତା ବଜାର ଛକରେ ଥିବା ଏକ ବିଦ୍ୟୁତ୍‌ଖୁଣ୍ଟରେ ଶୁକ୍ରବାର ରାତି ୧୧ଟାରେ ହଠାତ୍ ନିଆଁ ଲାଗିଯିବାରୁ କେବୁଲ ତାର ପୋଡ଼ିଯାଇଛି। ନିଆଁ ହୁତୁ ହୁତୁ ହେଇ ଜଳିବା କାରଣରୁ ରାସ୍ତାରେ ଅଧ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। କେବୁଲ ତାର ପୋଡ଼ି ରାସ୍ତାରେ ପଡ଼ିଥିଲା। ନିଆଁ ଲାଗିଯିବାରୁ ଖୁଣ୍ଟରେ ଥିବା ବିଦ୍ୟୁତ କେବୁଲ ତାର ପୋଡ଼ିଯାଇଛି। ତଳେ ପଡ଼ିଥିବାର ତାରରେ ଲୋକେ ବାଲି ପକାଇ ନିଆଁ ଲିଭାଇଥିଲେ।

# 'ଦେଶ ନିର୍ମାଣ କରୁଥିବା ଶ୍ରମିକ ସାମାଜିକ ସୁରକ୍ଷାରୁ ବଞ୍ଚିତ'



**ଓଡ଼ିଶା ନିର୍ମାଣ ମହାସଂଘର ରାଜ୍ୟ ସମ୍ମିଳନୀ**

- ୨୧ ଜଣିଆ ରାଜ୍ୟ କମିଟି ଗଠିତ
- ମହେନ୍ଦ୍ର ପରିଡା ସାଧାରଣ ସମ୍ପାଦକ, ସମର ବଳ ସଭାପତି

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ଓଡ଼ିଶା ନିର୍ମାଣ ମହାସଂଘର ତୃତୀୟ ରାଜ୍ୟ ସମ୍ମିଳନୀ ନାଗଭୂଷଣ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ନେତା କିଶୋର ସରକାର ଲାଲ ପତାକା ଉତ୍ତୋଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିପିଆଇ(ଏମ-ଏଲ୍ ଲିବରେଶନ)ର ରାଜ୍ୟ ସମ୍ପାଦକ କହିଲେ, ଏ ଦେଶକୁ ନିର୍ମାଣ କରୁଥିବା ଶ୍ରମିକଙ୍କ ସାମାଜିକ ସୁରକ୍ଷା ଦିନକୁ ଦିନ ବିପନ୍ନ ହେଉଛି। ସେମାନଙ୍କ ପିଲାମାନେ ପାଠପଢାରୁ ବଞ୍ଚିତ ହେବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରୁନାହାନ୍ତି। ମହାସଂଘର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡା କହିଲେ, ସାମାଜିକ ସୁରକ୍ଷା କୋଡ୍ ନାମରେ ମୋଦି ସରକାର ନିର୍ମାଣ ଶ୍ରମିକଙ୍କ ସଂଜ୍ଞା ପରିବର୍ତ୍ତନ କରି କର୍ପୋରେଟଙ୍କ ପାଖରେ ଗୋଲାମୀ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେଣୁ ଏହି କୋଡ୍‌କୁ ବାତିଲ କରିବାକୁ ସେ ଦାବି କରିବା ସହିତ ନିର୍ମାଣ ଶ୍ରମିକଙ୍କୁ ଗୃହ, ସ୍ୱାସ୍ଥ୍ୟ ଓ ପେନ୍‌ସନ ବ୍ୟବସ୍ଥା ରାଜ୍ୟ ସରକାର ତୁରନ୍ତ ଯୋଗାଇ ଦିଅନ୍ତୁ ବୋଲି ପରିଡା ଦାବି କରିଛନ୍ତି। ଏଆଇସିସିଟିୟୁର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ କହିଲେ, ୨୦୨୪ ଭାରତର ଶ୍ରମଜୀବୀଙ୍କ ପାଇଁ ଏକ ଆହ୍ୱାନର ବର୍ଷ। ଅଚ୍ଛା ଦିନର ସ୍ଲୋଗାନ ଦେଇ ମୋଦି ସରକାର ଯେଉଁଭଳି ଭାବରେ ଦରଦାମ ବୃଦ୍ଧି, ବେରୋଜଗାରୀ ଓ ଦେଶର ସମ୍ପତି କର୍ପୋରେଟଙ୍କ ହାତରେ ଟେକି ଦେଉଛନ୍ତି ତାହାକୁ ବିରୋଧ ନକଲେ ଆଗାମୀ ପିଢ଼ି ଆମକୁ ପ୍ରଶ୍ନ କରିବ। ଅଖିଳ ଭାରତ କୃଷକ ସଭା ସମ୍ପାଦକ ଅଶୋକ ପ୍ରଧାନ କହିଲେ, କୃଷକ ଆନ୍ଦୋଳନ ୩ କୃଷି ଆଇନକୁ ବାତିଲ କରିବାକୁ ମୋଦି ସରକାରଙ୍କୁ ବାଧ କରିଥିଲା। ମାତ୍ର ଏଯାଏ ଏମ୍‌ଏସପି ଓ ଅନ୍ୟ ଦାବି ପୂରଣ ହୋଇପାରିନି। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ମଲ୍ଲିକ, ରିଙ୍କି ଦିଗଲ, ରାମ ମହାରଣା, ବନବିହାରୀ ବେହେରା, ତପନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶ୍ରୀନିବାସ ସାହୁ, ଲିଟୁଲାଲ ସୁବୁଦ୍ଧି, ରଜନୀଗନ୍ଧା ବାରିକ, ବଂଶୀଧର ପରିଡା ଓ ସମର ବଳଙ୍କୁ ନେଇ ସଭାପତି ମଣ୍ଡଳୀ ଗଠନ ହୋଇଥିଲା। ଏଥିସହ ମହାସଂଘର ୨୧ ଜଣିଆ ରାଜ୍ୟ କମିଟି ଗଠନ ହୋଇଥିଲା। ମହେନ୍ଦ୍ର ପରିଡା ସାଧାରଣ ସମ୍ପାଦକ ଓ ସମର ବଳ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ।

# ମୋ ବସ୍‌ରେ ଚୋରି କରୁଥିବା ଗ୍ୟାଙ୍ଗ୍ ଧରାପଡ଼ିଲା, ୩ ଗିରଫ



ଭୁବନେଶ୍ୱର,୨୬।୫(ବ୍ୟୁରୋ)

ମୋ ବସ୍‌ରେ ଯାତ୍ରୀଙ୍କଠାରୁ ଚୋରି କରୁଥିବା ଏକ ଗ୍ୟାଙ୍ଗ୍‌କୁ ନୟାପଲ୍ଲୀ ଥାନା ପୋଲିସ ଧରିଛି। ଏଥିସହ ଗ୍ୟାଙ୍ଗ୍‌ର ୩ଜଣ ସଦସ୍ୟଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ସେଖ୍ ମୁନା (୩୨), ବାସୁ ଖାନ୍ (୩୨) ଓ ବଡ଼ମ୍ବା ଥାନା ଅନ୍ତର୍ଗତ ବିଶ୍ୱମ୍ଭପୁର ଗ୍ରାମର ବିମ୍ବାଧର ବାରିକ (୪୨)। ସେମାନଙ୍କଠାରୁ ୨ ପର୍ସ ଓ ୭ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ନୟାପଲ୍ଲୀ ନୂଆସାହି ଲେନ୍-୧ର ଉର୍ମିଳା ଷଡ଼ଙ୍ଗୀ ତାଙ୍କ ପୁଅ ସହ ଗତ ଶନିବାର ମଧ୍ୟାହ୍ନରେ କଲ୍ୟାଣୀ ମାର୍କେଟ ଛକରୁ ରୁଟ୍ ନଂ. ୨୮ରେ ଚଳାଚଳ କରୁଥିବା ମୋ ବସ୍‌ରେ ସିଆର୍‌ପି ଛକକୁ ଯାଉଥିଲେ। ଏହି ସମୟରେ ଉର୍ମିଳାଙ୍କଠାରୁ ଜଣେ ଅଭିଯୁକ୍ତ ୧୦ ହଜାର ଟଙ୍କା ଥିବା ଭ୍ୟାନିଟି ଚୋରି କରି ନେଇଥିଲେ। ଏନେଇ ଉର୍ମିଳା ଥାନାରେ ଏତଲା ଦେବାପରେ ପୋଲିସ ଏକ ମାମଲା (ନଂ.୬୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଜୟଦେବବିହାର ଛକରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ସେମାନେ ନିୟମିତ ମୋ ବସ୍‌ରୁ ଗ୍ରାହକଙ୍କଠାରୁ ଚୋରି କରୁଥିବା ସ୍ୱୀକାର କରିଥିଲେ। ଗାଡକଣସ୍ଥିତ ବିମ୍ବାଧରଙ୍କ ଘରେ ସମସ୍ତ ଚୋରି ସାମଗ୍ରୀ ଓ ଟଙ୍କାକୁ ଭାଗକରି ବାଣ୍ଟି ନେଉଥିଲେ। ତେବେ ମୁନାଙ୍କ ନାମରେ ନୟାପଲ୍ଲୀ ଥାନାରେ ୪ଟି, ବାସୁଙ୍କ ନାମରେ ୩ଟି ଓ ବିମ୍ବାଧରଙ୍କ ନାମରେ ୩ଟି ଚୋରି ମାମଲା ରହିଛି। ଅଭିଯୁକ୍ତମାନେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସେମାନଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱରଠାରେ ଶୁକ୍ରବାର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଶିକ୍ଷାନବିସମାନେ ଭେଟି ଆଲୋଚନା କରୁଛନ୍ତି।

# ୩୦ ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା 'ଶଳା ବୁଢ଼ାର ବଦ୍‌ଲା'

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ଚଳଚ୍ଚିତ୍ର କହୁଛି ଓଡ଼ିଶାର ପରମ୍ପରା। ଗାଁର କଥା, ସାହିର କଥା ଆଉ ମଣିଷ ମଣିଷର କଥା। ମଣିଷ ଭିତରେ ଥିବା ରାଗ, କ୍ରୋଧକୁ ସମ୍ଭାଳି ନ ପାରି ସେ ଅନ୍ୟଠୁ ବଦଲା ନେବାକୁ ସବୁବେଳେ ଆଗଭର ଥାଏ। ତାହା ବି ଅମାନବିକ ଭାବରେ। କିନ୍ତୁ ପ୍ରକୃତ ବଦ୍‌ଲା ଯେ କ୍ଷମା, ଭଲପାଇବା, ଆଦର, ସତ୍କାରରୁ ନେଇହେବ ତାହା ସ୍ପଷ୍ଟ କରିଛି ଚଳଚ୍ଚିତ୍ର ଶଳା ବୁଢ଼ାର ବଦଲା। କାହାଣୀ ଯେତିକି ସରଳ, ଅଭିନୟ ସେମିତି ଜୀବନ୍ତ। ପୂର୍ବରୁ ଅନେକ ଚରିତ୍ରଙ୍କ ଅଭିନୟ ଦେଖେ ନଥିଲେ ବି ସେମାନେ ଯେ ନୂଆ କରି ଅଭିନୟ କରୁଛନ୍ତି ତାହା ଚଳଚ୍ଚିତ୍ରରେ ଜଣାପଡୁ ନଥିଲା। ସମାଜକୁ ଏକ ଭଲ ଶିକ୍ଷା ଦେବା ସହ ଓଡ଼ିଆ ଭାବନା ଆଣିଦେଇଛି ଏହି ଚଳଚ୍ଚିତ୍ର। ଚଳଚ୍ଚିତ୍ରଟି ଗାଁ କଥା ସହ କମେଡି ମଧ୍ୟ ଜବରଦସ୍ତ ହୋଇଛି। ସେହିପରି ଶେଷ ପର୍ଯ୍ୟନ୍ତ ବଦଲାଟା କିଭଳି ନିଆଯିବ ତାହା ସସପେନ୍ସ ରଖି ବେଶ୍ ସୁନ୍ଦର ଭାବେ ଉପସ୍ଥାପିତ କରାଯାଇଛି। ଶେଷରେ ମାରପିଟ କି ବିଶୃଙ୍ଖଳା ନ କରି କ୍ଷମା ଯେ ସବୁଠୁ ବଡ଼ ବଦଲା ହୋଇପାରେ ତାହା ଦର୍ଶାଯାଇଛି। ଶୁକ୍ରବାର ଓଡ଼ିଆ ଭାଷାରେ ଓଡ଼ିଶାର ୩୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର। ପ୍ରଯୋଜକ କୁମାର ସି. ଦେବ ମହାପାତ୍ର ରହିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପଙ୍କଜ ଜାଲ। ଅଭିନୟରେ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା, ଚନ୍ଦନା ସିଂହ, ଲୋଚନି ବାଗ, ବିନ୍ଦୁ, ବୈରାଗୀ,ନେତ୍ରାନନ୍ଦ,ଜିତ୍,ମଣ୍ଟୁ ମହାପାତ୍ର ପ୍ରମୁଖ ରହିଛନ୍ତି।

# କୃଷି ମହାବିଦ୍ୟାଳୟର ୫୯ତମ ବାର୍ଷିକୋତ୍ସବ




ଭୁବନେଶ୍ୱର,୨୬।୫(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ସ୍ଥିତ କୃଷି ମହାବିଦ୍ୟାଳୟର ୫୯ତମ ବାର୍ଷିକୋତ୍ସବ ଓ 'ଏଗ୍ରି ଭିଜନ-୨୦୨୩' ଶୁକ୍ରବାର ପାଳିତ ହୋଇଯାଇଛି। କଲେଜ ଖେଳପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରିଥିଲେ। କୃଷି ବିଜ୍ଞାନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ସଫଳତା ଦିଗରେ କୁଳପତି ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ବିଭାଗର ସଚିବ ଡ. ଅରବିନ୍ଦ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ହୃଷିକେଶ ପାତ୍ର, ଆଡ୍‌ଭାଇଜର ଏମ୍.କେ. ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଛାତ୍ର ସଂସଦ ଚେୟାରମ୍ୟାନ ହିରଣ୍ମୟ ତ୍ରିପାଠୀ, ଅର୍ଗାନାଇଜିଙ୍ଗ୍ ଚେୟାରମ୍ୟାନ ବିନୁଭୂଷଣ ବେହେରା, କୋ-ଚେୟାରମ୍ୟାନ ଶୁଭମ୍ ପ୍ରିୟଦର୍ଶୀ, କନ୍‌ଭେନର ଅମନ ମହାପାତ୍ର ଓ ସୂରଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ପ୍ରେମର ଦୃଷ୍ଟିଭଙ୍ଗୀ ବଦଳାଇଲା 'ନୀଳ ଆକାଶ ଦୂର ବନାନୀ'

**ଦୀର୍ଘ ୪୯ବର୍ଷ ପରେ ମଞ୍ଚସ୍ଥ**



ଭୁବନେଶ୍ୱର,୨୬।୫(ବ୍ୟୁରୋ)

ପ୍ରେମ ଶାଶ୍ୱତ, ଚିରନ୍ତନ। ପ୍ରେମକୁ ନେଇ କେତେ ଯେ ସୁନ୍ଦର ବାଖ୍ୟା ସବୁ ଆମେ ପଢ଼ିଥାଉ, ଶୁଣିଥାଉ। କିନ୍ତୁ ବାସ୍ତବ ଜୀବନରେ ପ୍ରେମର ସଂଜ୍ଞା ସତରେ କେତେ ଅଲଗା। କେବେ କେଉଁ ପ୍ରେମ ଚଢ଼େଇକୁ ଡାଳରେ ବସିଥିବାର ଦେଖିଲେ ଇର୍ଷାରେ ବା ଘୃଣାରେ ତାକୁ ଘଉଡ଼ାଇବାକୁ ଚେଷ୍ଟା କରୁ। କେତେଦିନ ଏମିତି ପ୍ରେମ ବିରୋଧରେ ଘୃଣାଭାବ ସୃଷ୍ଟି କରି ଚାଲିଥିବା। ପ୍ରେମପକ୍ଷୀଙ୍କ ପାଇଁ ଆମ ଦୃଷ୍ଟିଭଙ୍ଗୀ ଆଉ କେବେ ବଦଳିବ। ସମ୍ପୂର୍ଣ୍ଣ ଧରିତ୍ରୀକୁ ଯଦି ପଞ୍ଜୁରୀ କରି ଦିଆଯାଏ ତଥାପି ଆକାଶ ଓ ବନାନୀ ଭଳି ପ୍ରେମ ପକ୍ଷୀଙ୍କୁ ବସା ବାନ୍ଧିବାକୁ କେହି ଅଟକାଇ ପାରିବେନି। ନୀଳ ଆକାଶ ଓ ଦୂର ବନାନୀର ମିଳନ ଅସମ୍ଭବ ମନେ ହେଲେ ବି ଏମାନଙ୍କର ମିଳନ ହୁଏ ଦିଗବଳୟର ସେପାରିରେ ଦୂରେ ବହୁଦୂରେ। କବିର କଳ୍ପନା ମଧ୍ୟରେ ଚିତ୍ରର କାନ୍‌ଭାସରେ କିମ୍ବା ତାରାର ସହରଗୁଡ଼ିକରେ..। ପ୍ରେମକୁ ନେଇ ସାଇ ବିଦ୍ୟାଧର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ନୀଳ ଆକାଶ ଦୂର ବନାନୀ ନାଟକ ମଞ୍ଚସ୍ଥ ହୋଇଯାଇଛି। ଦୀର୍ଘ ୪୯ବର୍ଷ ପୂର୍ବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଡ. ସଚ୍ଚି ଦାସ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଥିଲେ। ଏବେ ଯୁବ ନାଟ୍ୟ ନିର୍ଦ୍ଦେଶକ ଅବକାଶ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକଟି ବେଶ୍ ବାସ୍ତବଧର୍ମୀ ହୋଇପାରିଥିଲା। ଶେଷ ପର୍ଯ୍ୟନ୍ତ ନାଟକଟି ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା। ଅଭିନୟରେ କରୁଣାକର ସାମଲ, ବିରଞ୍ଚି କୁମାର ଦାସ, କେ. ଚନ୍ଦ୍ରଶେଖର ସୁବୁଦ୍ଧି, ମାନସ କୁମାର ପରିଡ଼ା, ରାଜେଶ, ସାଗର, ରାଜେନ୍ଦ୍ର ପ୍ରମୁଖ ଅଭିନୟ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ବରୀର ବିଧାୟିକ ସୁନନ୍ଦା ଦାସ, ମେୟର ସୁଲୋଚନା ଦାସ, ସାମ୍ବାଦିକ କିଶୋର ଦ୍ୱିବେଦୀ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସ୍ୱୟଂ ଡ. ସଚ୍ଚି ଦାସ ଉପସ୍ଥିତ ରହି କହିଥିଲେ, ନାଟକ ସବୁବେଳେ ନାଟକ। ନାଟକକୁ କେହି ଏପାଖସେପାଖ କରିପାରିବେ ନାହିଁ। ଶୁଭକାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

# ନରାଜ, ମୁଣ୍ଡଳୀ ଦେଖିଲେ ମହାନଦୀ ଟ୍ରିବ୍ୟୁନାଲ ଅଧିକାରୀ

ବାରଙ୍ଗ,୨୬।୫(ଡି.ଏନ୍.ଏ.)

ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ କରିଛନ୍ତି ମହାନଦୀ ଟ୍ରିବ୍ୟୁନାଲ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏ.ଏମ.ଖାନଓ୍ୱାଲିକର, ବିଚାରପତି ଡ. ରାଜୀବ ରଞ୍ଜନ, ବିଚାରପତି ଇନ୍ଦ୍ରମିତ କଉର କୋଚରଙ୍କୁ ନେଇ ଗଠିତ ୩ଜଣିଆଟିମ ଶୁକ୍ରବାର ନରାଜ ଓ ମୁଣ୍ଡଳୀ ବ୍ୟାରେଜ ପରିଦର୍ଶନ କରିଛନ୍ତି। ଏହି ଟିମ ନରାଜ ବ୍ୟାରେଜ ସହ ମୁଣ୍ଡଳୀ ଆନିକଟ ଓ ପୁରୀ ମୁଖ୍ୟ କେନାଲ ପରିଦର୍ଶନ କରି ଫେରିଛନ୍ତି। ଛତିଶଗଡ଼ର ବେଆଇନ ନିର୍ମାଣ ଫଳରେ ଓଡ଼ିଶା କେତେ ପ୍ରଭାବିତ ହୋଇଛି, ସେନେଇ ସ୍ଥିତି ପରଖିବା ସହ ମହାନଦୀ ପ୍ରବାହିତ ହୋଇଥିବା ଓଡ଼ିଶାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଅନୁଧ୍ୟାନ କରୁଛନ୍ତି।



ଟ୍ରିବ୍ୟୁନାଲ ଅଧିକାରୀମାନେ ମୁଣ୍ଡଳୀ ବ୍ରିଜ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ୩ ଗିରଫ, ବାଳସୁଧାର ଗୃହ ଗଲେ ନାବାଳକ

**ପେଟ୍ରୋଲ ପମ୍ପ ଆତଙ୍କରାଜ ଘଟଣା**



ଭୁବନେଶ୍ୱର,୨୬।୫(ବ୍ୟୁରୋ)

କଟକରୋଡ୍‌ର ଝାରପଡ଼ାରେ ଥିବା ଜ୍ୟୋତି ପେଟ୍ରୋଲ ପମ୍ପରେ ଆତଙ୍କରାଜ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ନାବାଳକଙ୍କ ସମେତ ୪ ଅଭିଯୁକ୍ତଙ୍କ ବିରୋଧରେ ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ଝାରପଡ଼ା ଅଞ୍ଚଳର ସନ୍ତୋଷ କୁମାର ଭୋଲା (୧୯), ବଡ଼ଗଡ଼ ଥାନା ଅଞ୍ଚଳର ଦେବାଶିଷ ବେହେରା (୧୯) ଓ ଜୟପ୍ରକାଶ ଦଳେଇ (୨୦)। ସେମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଟକଥିବା ଅଭିଯୁକ୍ତ ନାବାଳକ ଜଣଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ପୋଲିସ ହାଜର କରିବା ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇଛି। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୯ଟାରେ ଅଭିଯୁକ୍ତ ନାବାଳକ ଓ ତାଙ୍କ ସାଙ୍ଗ ସନ୍ତୋଷ ଉକ୍ତ ପେଟ୍ରୋଲ ପମ୍ପକୁ ବାଇକରେ ପେଟ୍ରୋଲ ପକାଇବା ପାଇଁ ଯାଇଥିଲେ। ପେଟ୍ରୋଲ ପମ୍ପ କର୍ମଚାରୀ ଲାଇନରେ ଆସିବା ପାଇଁ କହିବାରୁ ଅଭିଯୁକ୍ତଦ୍ୱୟ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ସେମାନେ ସହଯୋଗୀ ଦେବାଶିଷ ଓ ଜୟପ୍ରକାଶଙ୍କୁ ସେଠାକୁ ଡ଼ାକିଥିଲେ। ପରେ ୪ ଅଭିଯୁକ୍ତ ମିଶି ପେଟ୍ରୋଲପମ୍ପ କର୍ମଚାରୀ ଓ ସାଧାରଣ ଲୋକଙ୍କୁ ଗାଳି କରିବା ସହ ମାଡ଼ ମାରିଥିଲେ। ପଥର ମାଡ଼ କରି ଭୟର ବାତାବରଣ ସୃଷ୍ଟି କରିଥିଲେ। ଅଭିଯୁକ୍ତମାନେ ଏକ ବାଇକ, ଏକ ଟାଟାଏସି ଗାଡିର କାଚ ଏବଂ ଏକ ସ୍ୱାଇପ୍ ମେଶିନକୁ ଭାଙ୍ଗି ଦେଇଥିଲେ। ଏନେଇ ମଙ୍ଗଳବାର କର୍ମଚାରୀ ତପନ ପରିଡାଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ. ୨୧୯/୨୦୨୩) ରୁଜୁ କରି ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କ ଧରିଥିଲା।

# 'ଛାତ୍ରୀଛାତ୍ର ଭବିଷ୍ୟତ ଲକ୍ଷ୍ୟ ନେଇ ଅଗ୍ରସର ହୁଅନ୍ତୁ'

- ୧୫୫ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ
- ୪ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍




ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିମାନେ।

କଟକ ଅଫିସ,୨୬।୫

ରାଜନୈତିକ, ସାମାଜିକ, ଅର୍ଥନୈତିକ, ଚିନ୍ତାଧାରାର ପ୍ରାଣକେନ୍ଦ୍ର ହେଉଛି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ। ମହାନ୍ କୀର୍ତ୍ତିକୁ ବହନ କରୁଥିବା ଏହି ଶିକ୍ଷାନୁଷ୍ଠାନରୁ ନିଜର ଭବିଷ୍ୟତ ନେଇ ବାହାରୁଥିବା ଛାତ୍ରୀଛାତ୍ରମାନେ ସମାଜ ପାଇଁ ଉନ୍ନତ କାର୍ଯ୍ୟ କରିବା ଦରକାର। ଛାତ୍ରୀଛାତ୍ର ଭବିଷ୍ୟତ ଗଠନ ଦିଗରେ ଏକ ଲକ୍ଷ୍ୟ ନେଇ ଅଗ୍ରସର ହୁଅନ୍ତୁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବ ସେଭେନ୍ ପିଲାର୍ସ ଅଫ୍ ୱିସଡମ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟରେ କହିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ ଯୋଗଦେଇ କହିଥିଲେ, ସ୍ୱାଧୀନତା ପରେ ଏବଂ ପୂର୍ବରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରକ ହୋଇପାରିଛି। ଓଡ଼ିଶାର କଳା, ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିଛି ଏହି ବିଶ୍ୱବିଦ୍ୟାଳୟ। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ପିଜି କାଉନ୍‌ସିଲ ଅଧ୍ୟକ୍ଷା ପ୍ରଫେସର ଅସୀମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ କୁଳସଚିବ କାହ୍ନୁଚରଣ ମଲ୍ଲିକ ଉପସ୍ଥିତ ଥିଲେ।

ଏହି ଅବସରରେ ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ତଥା ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ, କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ସମ୍ମାନସୂଚକ ଡି.ଲିଟ୍ ଉପାଧି, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମିଶ୍ର, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ରୁମାଟୋଲୋଜି ଏବଂ ଇମ୍ୟୁନୋଲୋଜି ବିଭାଗର ପ୍ରଫେସର ଡା. ବିଦ୍ୟୁତ୍ କୁମାର ଦାସଙ୍କୁ ସମ୍ମାନସୂଚକ ଡିଏସ୍ ଉପାଧି ପ୍ରଦାନ କରାଯାଇଥିଲା। ଚଳିତବର୍ଷଠାରୁ ଦୁଇଟି ନୂତନ ସ୍ମାରକୀ ସମ୍ମାନ ଦିଆଯାଇଛି। ଇଂଲିଶ ବିଭାଗର ସ୍ନାତକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜଷ୍ଟିସ ହରିହର ମହାପାତ୍ର ସ୍ମାରକୀ ସ୍ୱର୍ଣ୍ଣ ପଦକ ଏବଂ କମ୍ପ୍ୟୁଟେଶ୍‌ନାଲ ହ୍ୟୁମାନିଟିଜ ପିଜି ସାର୍ଟିଫିକେଟ୍ ପାଠ୍ୟକ୍ରମରେ ଶ୍ରେଷ୍ଠତା ପ୍ରଦର୍ଶନ ନିମନ୍ତେ ପ୍ରଫେସର ଡ. ବାସୁଦେବ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ନାତକ, ସ୍ନାତକୋତ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଓ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିବା ମୋଟ ୧୫୫ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଏଥିସହ ସ୍ନାତକରେ ୧୭୨୫, ସ୍ନାତକୋତ୍ତରରେ ୧୧୨୫, ସିସିଏଚ୍‌ରେ ୧୧, ଏମ୍‌ଫିଲ୍‌ରେ ୭୬ ଏବଂ ପିଏଚ୍.ଡି.ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ୧୫୫ ଜଣଙ୍କୁ ମିଶାଇ ମୋଟ ୩୦୨୨ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିପରି ବୋରାସମ୍ବର ସେନାପତି ତର୍କ ପ୍ରତିଯୋଗିତାର ୩ ଜଣ ବିଜେତାଙ୍କୁ ମଧ୍ୟ ସ୍ୱର୍ଣ୍ଣ ପଦକ ଦିଆଯାଇଛି।

## ସଂକ୍ଷେପରେ

### ମେଡିକାଲରେ ଭର୍ତ୍ତି ହେଲେ ଦିବ୍ୟାଙ୍ଗ ବିଜୟ

#### ଶିକୁଳିରେ ବନ୍ଧା ହୋଇ ରହୁଥିଲେ

କଟକ ଅଫିସ,୨୬।୫: ଜିଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ଦିବ୍ୟାଙ୍ଗ ଯୁବକ ବିଜୟ କୁମାର ସାମଲଙ୍କୁ ଚିକିତ୍ସା ପାଇଁ ଶୁକ୍ରବାର ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ବିଜୟଙ୍କୁ ଟାଙ୍ଗୀ ଥାନା ଅଧୀନ ଖର୍ଦ୍ଧାସାହି ଅଞ୍ଚଳରୁ ଉଦ୍ଧାର କରାଯାଇଛି। ଶାରୀରିକ ଓ ମାନସିକ ସ୍ତରରେ ଦିବ୍ୟାଙ୍ଗ ହୋଇଥିବାରୁ ପରିବାର ଲୋକେ ତାଙ୍କୁ ଶିକୁଳିରେ ବାନ୍ଧି ରଖୁଥିଲେ। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ବିଜୟ ୨ବର୍ଷ ପୂର୍ବେ ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। କିଛି ମାସ ପରେ ତାଙ୍କୁ ବ୍ରହ୍ମପୁର ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ଏଥିପାଇଁ ପରିବାର ଲୋକେ ବିଜୟଙ୍କୁ ଶିକୁଳି ବାନ୍ଧି ରଖୁଥିଲେ। ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଦିବ୍ୟାଙ୍ଗମାନଙ୍କ ସମସ୍ୟା ସମାଧାନ ନିମନ୍ତେ ସପ୍ତାହେ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ତେବେ ବିଜୟଙ୍କ ସମ୍ପର୍କରେ ଖବର ପାଇବା ପରେ ଆଇନ ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ଜଣେ ଦିବ୍ୟାଙ୍ଗଙ୍କୁ ମଧ ଉଦ୍ଧାର କରାଯାଇ ଛତିଆସ୍ଥିତ ସେବକ ଆଶ୍ରମରେ ଥଇଥାନ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ନେତୃତ୍ୱରେ ପରିଚାଳିତ ଦିବ୍ୟାଙ୍ଗ ସଶକ୍ତୀକରଣ ଅଭିଯାନରେ ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ଆଇନଜୀବୀ ବିପିନ କୁମାର ଚୌଧୁରୀ, ସ୍ୱେଚ୍ଛାସେବୀ ଅଶୋକ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ରାସ୍ତାକଡ଼ରେ ଅଚଳ ଗାଡ଼ି, ଘର ଆଗରେ ଭଙ୍ଗା ଫର୍ନିଚର ରହିବନି

ଭୁବନେଶ୍ୱର, ୨୬।୫ (ବ୍ୟୁରୋ): ରାଜଧାନୀ ରାସ୍ତାକଡ଼ରେ ଆଉ ରହିବନି ଅଚଳ ଗାଡ଼ି। ଗାଡ଼ି ମାଲିକମାନେ ମନଇଚ୍ଛା ଅଚଳ ଗାଡ଼ିକୁ ଥୋଇ ପାରିବେ ନାହିଁ। ସେହିଭଳି ଲୋକଙ୍କ ଘର ଆଗରେ ଭଙ୍ଗା ଗାଡି ଓ ଫର୍ନିଚର ଗଦା ହୋଇପାରିବନି। ଏନେଇ ବିଏମ୍‌ସି ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯିବା ସହ ରାସ୍ତାକଡରେ ଅଚଳ ହୋଇ ପଡ଼ି ରହିଥିବା କେତେକ ଗାଡ଼ି ଓ ଘର ଆଗରେ ଥିବା ଭଙ୍ଗା ସାମଗ୍ରୀ ଉପରେ ନୋଟିସ ଲଗାଇଛି। ନୋଟିସ ଲଗାଇବାର ୭ଦିନ ମଧରେ ମାଲିକ ନିଜ ଅବ୍ୟବହୃତ ଗାଡ଼ି ବା ସାମଗ୍ରୀକୁ ସେଠାରୁ ହଟାଇବେ। ନ ମାନିଲେ ବିଏମ୍‌ସି ସେଗୁଡ଼ିକୁ ଉଠାଇ ନେଇ ଡିସ୍‌ପୋଜାଲ କରିଦେବ ବୋଲି ଟୁଇଟ୍ କରି ସୂଚନା ଦେଇଛି।

### ହସ୍ପିଟାଲରୁ ମୋବାଇଲ ଚୋରି, ଜଣେ ଗିରଫ

ଭୁବନେଶ୍ୱର,୨୬।୫(ବ୍ୟୁରୋ)- କ୍ୟାପିଟାଲ ହସ୍ପିଟାଲର ମେଡିସିନି ୱାର୍ଡରୁ ମୋବାଇଲ ଚୋରି କରି ଫେରାର ହେଉଥିବା ବେଳେ ଅଭିଯୁକ୍ତଙ୍କୁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ମୁରଲୀ ନାୟକ। ତାଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ ହୋଇଛି। ସୂଚନାନୁସାରେ ମନୋଜ କୁମାର ନନ୍ଦ ତାଙ୍କ ପୁଅର ଦେହ ଖରାପ ଥିବାରୁ କ୍ୟାପିଟାଲ ହସ୍ପିଟାଲର ମେଡିସିନି ୱାର୍ଡରେ ଆଡମିଟ କରିଥିଲେ। ଘଟଣାଦିନ ସକାଳେ ଅଭିଯୁକ୍ତ ଉକ୍ତ ୱାର୍ଡ ଭିତରକୁ ହଠାତ୍ ପଶିଆସି ବେଡ୍ ନିକଟରେ ଥିବା ଦୁଇଟି ମୋବାଇଲ ଫୋନ ଚୋରି କରି ନେଇଯାଇଥିଲେ। ଏନେଇ ନନ୍ଦଙ୍କ ପତ୍ନୀ ଘଟଣା ଦେଖି ପାଟି କରିବାରୁ ନିକଟରେ ଉପସ୍ଥିତ ଥିବା ଲୋକମାନେ ଅଭିଯୁକ୍ତଙ୍କୁ କାବୁ କରି କ୍ୟାପିଟାଲ ଥାନା ପୋଲିସ ଜିମା ଦେଇଥିଲେ।

# ସହର ହେବ ୫ ଜୋନ୍, ଜଗିବେ ୭୦ ପ୍ଲାଟୁନ ଫୋର୍ସ

## ସ୍ନାନଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ପୁରୀ ଅଫିସ, ୨୬।୫:


ବୈଠକରେ ଏସ୍‌ପି କନୱର ବିଶାଳ ସିଂହ ଏବଂ ଅନ୍ୟ ଅଧିକାରୀମାନେ।

ଆସନ୍ତା ଜୁନ ୪ରେ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହେବା ସହ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ ମହାପ୍ରଭୁ। ସ୍ନାନଯାତ୍ରା ସହ ହାତୀବେଶ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟିବ। ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ସ୍ନାନଯାତ୍ରାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏସ୍‌ପି କନୱର ବିଶାଳ ସିଂହ ସ୍ନାନଯାତ୍ରାକୁ ନେଇ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ବୈଠକ କରି ଆଲୋଚନା କରିଛନ୍ତି। ପୋଲିସ ପକ୍ଷରୁ କରାଯାଉଥିବା ବ୍ୟବସ୍ଥାର ସମୀକ୍ଷା ମଧ କରିଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ସହ ଜନଗହଳି ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥା ଲାଗି ପୁରୀ ସହରକୁ ୫ଟି ଜୋନରେ ବିଭକ୍ତ କରାଯାଇଛି।

ଏସ୍‌ପି କହିଛନ୍ତି ଯେ, ଆମ୍ବୁଲାନ୍ସ କରିଡର, ସହରର ସୁରକ୍ଷା ବ୍ୟବସ୍ଥା, ସମୁଦ୍ରକୂଳ ଅଞ୍ଚଳରେ ବିଶେଷ ବ୍ୟବସ୍ଥା କରାଯିବ। ଏଥିପାଇଁ ଅଗ୍ନିଶମ କର୍ମଚାରୀ ଓ ନୋଳିଆ ସ୍ୱେଚ୍ଛାସେବୀଙ୍କ ସହିତ ଆଲୋଚନା ହେବ। ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ପୁରୀ ସହରକୁ ୫ଟି ଜୋନ୍‌ରେ ବିଭକ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ଚାରିପାଖ ଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ଏବଂ ଶ୍ରୀମନ୍ଦିର ଚାରିପାଖରେ ଥିବା ଛକ ଯଥା କାକୁଡିଖାଇ ଛକ, ଦୋଳମଣ୍ଡପ ସାହି, ଗଡ଼ନ୍ତି ଛକ ଏସବୁକୁ ଗୋଟିଏ ଜୋନ କରାଯାଇଛି। ଏହି ସବୁ ସ୍ଥାନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି, ଯେପରି ଟ୍ରାଫିକ ନିୟନ୍ତ୍ରଣ, ଗହଳି ନିୟନ୍ତ୍ରଣ ହୋଇପାରିବ। ଏଥିସହ ସାହି ବାନ୍ଦିଦାଙ୍କୁ ଯେପରି କୌଣସି ସମସ୍ୟା ନ ହେବ ସେଥିପାଇଁ ଦୃଷ୍ଟି ଦିଆଯାଉଛି। ସେହିପରି ମେଡିକାଲ ଛକଠାରୁ ଅଠରନଳା ପର୍ଯ୍ୟନ୍ତ ଗୋଟିଏ ଜୋନ କରାଯାଇଛି। ସମୁଦ୍ରକୂଳ ଅଞ୍ଚଳକୁ ଗୋଟିଏ ଏବଂ ବାଲିଘାଇ ଅଞ୍ଚଳକୁ ଅନ୍ୟ ଏକ ଜୋନ କରାଯାଇଛି। ଜୋନଗୁଡିକୁ ବିଭିନ୍ନ ସେକ୍ଟର କରାଯାଇଛି ଇନ୍ସପେକ୍ଟର ର୍‍ୟାଙ୍କର ଅଫିସର ଦାୟିତ୍ୱରେ ରହିବେ। ସେହିଭଳି ସ୍ନାନଯାତ୍ରା ପାଇଁ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ୫ରୁ ୧୦ ପ୍ଲାଟୁନ ଫୋର୍ସ ରିଜର୍ଭରେ ରହିବେ। ୨୦ଜଣ ଅତିରିକ୍ତ ଏସ୍‌ପି, ଡିସିପି ର୍‍ୟାଙ୍କର ଅଫିସର, ୮୦ରୁ ୯୦ ଜଣ ବରିଷ୍ଠ ଦକ୍ଷ ଅଧିକାରୀ ଦାୟିତ୍ୱରେ ରହିବେ। ଶ୍ରୀମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ହେବ। ସିସିଟିଭି ଲଗାଯିବ। ଚାରିଚକିଆ ଗାଡ଼ିର ପାର୍କିଂ ଲାଗି ବ୍ୟବସ୍ଥା ହେଉଛି। ଖୁବ୍‌ଶୀଘ୍ର ଟ୍ରାଫିକ ବ୍ୟବସ୍ଥା ନେଇ ସୂଚନା ଦିଆଯିବ। ମହାପ୍ରଭୁଙ୍କ କୃପାରୁ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ଏସ୍‌ପି ଆଶା ପ୍ରକାଶ କରିବା ସହ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ରଥ ସିଂହାସନରେ ଚାଲିଛି ଖୋଦେଇ କାମ

## ରଥଖଳାରୁ ...

ପୁରୀ ଅଫିସ, ୨୬।୫: ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇଚାଲିଛି। ଦଣ୍ଡାଫ୍ରେମ୍, ନମ୍ବରିଂ ହୋଇ କଳଶା କାର୍ଯ୍ୟ ସରିଛି। କଣ୍ଟା ବସିବା ପାଇଁ ଅଗରବିନ୍ଧ ପରେ ଦଣ୍ଡାଫ୍ରେମ୍‌ର ବିଭିନ୍ନ ଅଂଶ ଖୋଲାଯାଇଛି। ଶନିବାର ଚକଗୁଡ଼ିକର ଦିଗ ନିର୍ଣ୍ଣୟ କାର୍ଯ୍ୟ ମୁଖ୍ୟ ମହାରଣାମାନେ ଭୋଇସେବକଙ୍କ ସହଯୋଗରେ ସମ୍ପାଦିତ କରିବେ, ଯେପରି ତିନିରଥ ବିନା ବାଧାରେ ସିଂହଦ୍ୱାରଠାରେ ଯାଇ ନିଜ ସ୍ଥାନରେ ପହଞ୍ଚିବ। ସେଥିପାଇଁ ତିନିରଥର ଚକ ଅଖ ସେଟିଂ କରାଯିବ। ତାଳଧ୍ୱଜ ରଥ ପାଇଁ ୩ଟି ଅଣସର ଗୟଳର ନିର୍ମାଣ ଆରମ୍ଭ ହୋଇ ଦୁଇଟିର ଚଉପଟ ସରିଛି। ଦୁଇଟି ବଡ଼ ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାରି ନାହାକାର ମୁହଁସାଲ କାର୍ଯ୍ୟ ସରିଛି। ଧୂଳିଦଣ୍ଡାର ଚିରଟ ଚାଲିଛି। ଚଉପଟ ପରେ ଦୁଇପାର୍ଶ୍ୱ ଗୋଲାକାର କରାଯିବ। ତାଳଧ୍ୱଜ ରଥର ଚାରପରିଚ୍ଛା ଚଉପଟ ଶେଷ ହୋଇଛି। ଭୂଇଁ ଓରା, ଭୂଇଁ ଖମ୍ବୀ, ପୋଟଳ ପାରେଣି, ପୋଟଳ ନାହାକା ନିର୍ମାଣ ସରିଛି। ଦର୍ପଦଳନ ରଥର ପାଞ୍ଚଦଣ୍ଡା ଫ୍ରେମ୍ ନମ୍ବରିଂ, କଳଶା, ଅଗରବିନ୍ଧ ହୋଇ ଦଣ୍ଡା ଖୋଲାଯାଇ ସାଇତା ପରେ ଦର୍ପଦଳନ ରଥର ଚାରପରିଚ୍ଛା ଚଉପଟ ଶେଷ ହୋଇଛି। ୨ଟି ଧୂଳିଦଣ୍ଡା, ୩ଟି ଡମକ ତିଆରି ସରିଛି। ଦୁଇଟି ବଡ଼ ପୋଲ ଗୟଳର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥର ଦଣ୍ଡାଫ୍ରେମ୍ ନମ୍ବରିଂ ହୋଇ କଳଶା ପରେ କଣ୍ଟା ବସିବା ପାଇଁ ଅଗରବିନ୍ଧ ପରେ ଦଣ୍ଡାଫ୍ରେମ୍ ଖୋଲାଯାଇ ସାଇତା ହୋଇଛି। ଦୁଇଟି ବଡ଼ ପୋଲ ଗୟଳର ଚଉପଟ ସରି ଆଉ ଦୁଇଟିର ଚଉପଟ ପାଇଁ ହଣା କାର୍ଯ୍ୟ ଜାରି ରହିଛି। ରଥର ଆଗଆଣି ଡମକ ଏବଂ ଚାର ପରିଚ୍ଛାର ଚଉପଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଇଟି ଧୂଳିଦଣ୍ଡା କାମ ଆରମ୍ଭ ହୋଇଛି। ରୂପକାର ସେବକମାନେ ତିନିରଥ ସିଂହାସନରେ ପୂର୍ଣ୍ଣକୁମ୍ଭ, ପଦ୍ମପାଖୁଡ଼ା ଇତ୍ୟାଦି ଖୋଦେଇ ଜାରି ରଖିଛନ୍ତି। କରତି ସେବକମାନେ ଚକା ବାନ୍ଦେଣି ପାଇଁ କାଠ ଗଢ଼ କାମ ଆରମ୍ଭ କରିଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ ଓଝା ସେବକମାନେ କଣ୍ଟା ତିଆରିରେ ବ୍ୟସ୍ତ ରହିଛନ୍ତି।



# 'ଲୁହରେ ଲେଖୁଛି ନୂଆ କାହାଣୀ' ନାଟକ ମଞ୍ଚସ୍ଥ


ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲାରେ ଶୀତଳ ଷଷ୍ଠୀ ପର୍ବ ଅବସରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## କୁଶପଲ୍ଲାରେ ଶୀତଳଷଷ୍ଠୀ ଉତ୍ସବ

ବେଗୁନିଆ,୨୬।୫(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମରେ ଶୀତଳ ଷଷ୍ଠୀ ପର୍ବ ଅବସରରେ ମୁକ୍ତ ମଞ୍ଚ ନାଟକ ପରିବେଷଣ କରାଯାଇଥିଲା। ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ଅଧକ୍ଷତାରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମାଜିକ ତଥା ପାରିବାରିକ ଚଳଣିର ଛବିକୁ ସଂଳାପ ମାଧମରେ ଦର୍ଶକଙ୍କୁ ସଚେତନ କରାଏ ନାଟକ ବୋଲି ଅତିଥିମାନେ କହିଥିଲେ। ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ସ୍ଥାନୀୟ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ବରିଷ୍ଠ ନାଗରିକ ସେକ ଜବାର, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗ୍ରାମ୍ୟ କମିଟି ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ସମାଜିକ ନାଟକ 'ଲୁହରେ ଲେଖୁଛି ନୂଆ କାହାଣୀ' କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

## ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ)ର କାର୍ଯ୍ୟକାରିଣୀ ବୈଠକ ଆଭାସୀ ମାଧମରେ ଅନୁଷ୍ଠିତ ହୋଇଯାଇଛି। ୟୁଟିଆର ପ୍ରତିଷ୍ଠାତା ବିକ୍ରମ କେଶରୀ ବର୍ମାଙ୍କ ୮୩ତମ ଜୟନ୍ତୀ ଅବସରରେ ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ବର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯଇଥିଲା। ୮୫୪ ପ୍ରଧାନ ଶିକ୍ଷକଙ୍କୁ ସେମାନଙ୍କ ନିଯୁକ୍ତି ଦିବସରୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ ସରକାରୀକରଣ, ପୂର୍ବଭଳି ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା, ପ୍ରାଥମିକ ସ୍ତରରେ ନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିବସରୁ ଧାରାବାହିକ କରିବା, ପଦୋନ୍ନତିରେ ୫ବର୍ଷ ବାଦ୍ ନ ଦେବା ଆଦି ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ଭାଗବତ ପ୍ରଧାନ, ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ସମ୍ପାଦକ ଡ. ବ୍ରଜ କିଶୋର ନାୟକ, ଭିକାରୀ ଚରଣ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ରିଲେ ଧର୍ମଘଟ ପାଇଁ ସଙ୍କଳ୍ପ ନେଲେ ଗ୍ରାମବାସୀ


ଦଧିବାମନ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ବୈଠକ।

## ବେଗୁନିଆ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ପ୍ରସଙ୍ଗ

ବେଗୁନିଆ,୨୬।୫(ଡି.ଏନ୍.ଏ.)

ବେଗୁନିଆ ସଦର ମହକୁମା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ପରିଣତ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ପ୍ରତିଶ୍ରୁତି ମିଳୁଛି ହେଲେ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ପାର୍ଶ୍ୱରେ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣସତ୍ୟାଗ୍ରହର ଶୁକ୍ରବାର ଥିଲା ପଞ୍ଚମ ଦିବସ। ସଭାପତି ଲାଲା ଦିଲୀପ ରାୟଙ୍କ ଅଧକ୍ଷତାରେ ବସିଥିବା ସତ୍ୟାଗ୍ରହରେ ଆୟୋଜକ କମିଟିର ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ ଓ ପ୍ରମୁଖ ସଙ୍ଗଠକ ସାମିଲ ହୋଇଛନ୍ତି। ଶୁକ୍ରବାର ବେଗୁନିଆ ସଦର ମହକୁମାର ସମସ୍ତ ଗ୍ରାମବାସୀ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଭଉଁରୀ ସାହି, କୋଠକରଣ ସାହି, କାମନା ସାହି, ବଡ଼ସାହି ଓ ବଜାର ସାହିର ସଭାପତିଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଏକ ସଚେତନତା ବୈଠକ ଦଧିବାମନଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ପକ୍ଷରୁ ଅବହେଳାର ପ୍ରତିବାଦରେ ରିଲେ ଧର୍ମଘଟ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି। ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ହିତରେ ହକ୍ ପାଇଁ ସଫଳ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କମିଟି ସଭାପତି ରାୟ କହିଛନ୍ତି।

# ବଚସାରୁ ଆକ୍ରମଣ, ୨ ଗୁରୁତର

ବୋଲଗଡ଼,୨୬।୫(ଡି.ଏନ୍.ଏ.)

ବୋଲଗଡ଼ ଥାନା ତଥା ବାଙ୍କୋଇ ଫାଣ୍ଡି ଅଧୀନ ଖଲ୍ଲିକୋଟ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବଚସା ପରେ ମରଣାନ୍ତକ ଆକ୍ରମଣରେ ଦୁଇ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲୋକନାଥ ମାନ୍ଧାତା ଓ ସୁମନ୍ତ କୁମାର। ଚିକିତ୍ସା ପାଇଁ ଏମାନଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଖଲ୍ଲିକୋଟ ଗ୍ରାମର ମାନସ ମାନ୍ଧାତା ଓ ପ୍ରଶାନ୍ତ ମାନସିଂହଙ୍କ ଅଭିଯୋଗ ଅନୁଯାୟୀ, ଗୋରଡ଼ା ଛକଠାରେ ଗଡଡ଼ସାହି ଯୁବକଙ୍କ ଦ୍ୱାରା ଡ୍ରାମା ଅବସରରେ ପେଣ୍ଡାଲରେ ରେକର୍ଡଡ୍ୟାନ୍ସ ଅନୁଷ୍ଠିତ ହେଉଥିବା ବେଳେ ମାନସଙ୍କ ସାନଭାଇ ଲୋକନାଥ ଅନ୍ୟ ଏକ ଗୀତରେ ଡ୍ୟାନ୍ସ କରିବାକୁ ଅନୁରୋଧ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଉକ୍ତ ସାହିର କେତେଜଣ ଯୁବକ ଲୋକନାଥଙ୍କ ସହ ଯୁକ୍ତିତର୍କ କରିବା ପରେ ତାଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ମାନସ, ପ୍ରଶାନ୍ତ, ସୁମନ୍ତ କୁମାର ପ୍ରମୁଖ ଲୋକନାଥଙ୍କୁ ଉଦ୍ଧାର କରିବାକୁ ଯାଉଥିବା ବେଳେ କେତେଜଣ ବ୍ୟକ୍ତି ଠେଙ୍ଗା ଓ ଲୁହାରଡ ଧରି ଆକ୍ରମଣକାରୀଙ୍କ ସହ ସାମିଲ ହୋଇ ନିଘୁଞ୍ଚ ପିଟିଥିଲେ। ଲୋକନାଥଙ୍କ ମୁଣ୍ଡ ଓ ସୁମନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆହତଦ୍ୱୟଙ୍କୁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଏମ୍‌ସ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ କେତେଜଣ ବ୍ୟକ୍ତି ଡ୍ରାମାରେ ବିଭ୍ରାଟ ସୃଷ୍ଟି କରିବାକୁ ଟେକାପଥର ମାଡ଼ କରିବାରୁ କେତେଜଣ ମହିଳା ଆହତ ହେବା ସହ ଡ୍ରାମା ପାଇଁ ଭଡ଼ାରେ ଆସିଥିବା ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମର ଅହଲ୍ୟା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଲିଲି ପାଢ଼ୀ କୁହନ୍ତି, ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଥାନାରେ ଦୁଇଟି ମାମଲା (ନଂ.୧୨୫, ୧୨୬/୨୩ )ରୁଜୁ ହୋଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆରାଧ୍ୟା

## ୨ବର୍ଷ ୪ ମାସରେ ସ୍ଥାନ ପାଇଲେ

ପୁରୀ ଅଫିସ, ୨୬।୫




ପ୍ରତିଭାର କୌଣସି ବୟସ ନ ଥାଏ ତାହା ପ୍ରମାଣ କରି ଦେଖାଇଛନ୍ତି ପୁରୀ ମାର୍କଣ୍ଡେଶ୍ୱର ସାହି ଅନ୍ତର୍ଗତ ମାତା ଗୋସେଇଁ ଲେନ୍‌ର ଆରାଧ୍ୟା ପ୍ରଧାନ। ମାତ୍ର ୨ବର୍ଷ ୪ମାସ ବୟସରେ ଆରାଧ୍ୟା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇ ପୁରୀ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଆରାଧ୍ୟା ୧୫ ପ୍ରାଣୀର ନାମ, ବର୍ଷର ବିଭିନ୍ନ ମାସ ଓ ଋତୁର ନାମ, ଇଂଲିଶରେ ୧ ଠାରୁ ୧୦୦, ଏ ଠାରୁ ଜେଡ୍ ପର୍ଯ୍ୟନ୍ତ କହିବା, ୩ରୁ ୪ଟି ଶ୍ଳୋକ ବୋଲିବା, ୪୦ଟି ସାଧାରଣ ଜ୍ଞାନ ଆଦି ଟେଷ୍ଟ ଦେଇଥିଲେ। ଯେଉଁଥିରେ ସେ ସଫଳ ହୋଇଥିଲେ। ଫଳରେ ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ବାପା ରାଜେଶ କୁମାର ପ୍ରଧାନ ଏବଂ ମା' ଲୁଇନା ପ୍ରଧାନଙ୍କ ସହ ଆରାଧ୍ୟା ପୁରୀରେ ରହୁଛନ୍ତି। ତେବେ ତାଙ୍କ ଘର କଟକ ଜିଲା ନିଆଳି ବ୍ଲକ୍‌ର ତିହୁଡ଼ିରେ ହୋଇଥିବାବେଳେ ବାପା ରାଜେଶ ଜଗନ୍ନାଥ ଟେମ୍ପଲ ଫାୟାର ଷ୍ଟେଶନରେ ଅଗ୍ନିଶମ କର୍ମଚାରୀ ଭାବେ କାର୍ଯ୍ୟରତ। ବର୍ତ୍ତମାନ ସୁଦ୍ଧା ଆରାଧ୍ୟା ସ୍କୁଲ ଯାଇନାହାନ୍ତି, ତଥାପି ପଢିବା ପ୍ରତି ଥିବା ଆଗ୍ରହ ତାଙ୍କୁ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇବାରେ ସହାୟକ ହୋଇଛି। ଇଣ୍ଡିଆ ବୁକ୍ ଅଫ ରେକଡ ପକ୍ଷରୁ ଆରାଧ୍ୟାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଆରାଧ୍ୟା ଏକବର୍ଷର ହୋଇଥିବାବେଳେ ତାଙ୍କୁ ଯାହା କୁହାଯାଉଥିଲା ତାହାକୁ ସେ ସଙ୍ଗେସଙ୍ଗେ ମନେ ରଖିଦେଇ କହିପାରୁଥିଲେ। ଝିଅର ଏହି ସଫଳତା ନେଇ ଉଭୟ ମା' ବାପା ଖୁସିଥିବା ରାଜେଶ ପ୍ରକାଶ କରିଛନ୍ତି।

# କୁଶୁପୁରରେ ତୈଳ ସନ୍ଧାନ କାର୍ଯ୍ୟ ବନ୍ଦ



## ବାହାରିଲା ଅତ୍ୟାଧୁନିକ ରିଗ୍ ମେଶିନ

ଗୋପ,୨୬।୫(ଡି.ଏନ୍.ଏ.)

ପୁରୀ ଜିଲା ଗୋପ କୁଶୁପୁରରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ସନ୍ଧାନ ଫେଲ ମାରିଛି। ଫଳରେ ଶୁକ୍ରବାର ଅପରାହ୍ନରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଖନନ କାର୍ଯ୍ୟ ବନ୍ଦ କରିବା ସହ ଖନନରେ ଲଗାଯାଇଥିବା ଅତ୍ୟାଧୁନିକ ରିଗ ମେଶିନକୁ ବାହାର କରିଦିଆଯାଇଛି। ଏହି ଅତ୍ୟାଧୁନିକ ରିଗ ମେଶିନକୁ କମ୍ପାନୀ ଅନ୍ୟତ୍ର ନେବା ସୂଚନା ମଧ ମିଳିଛି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ କୁଶୁପୁରୁ ଓ ମହଲପଡାର ଚିତେରା ଗ୍ରାମ ନିକଟରେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ଥିବାର ସାଟେଲାଇଟ ଚିତ୍ର ଆସିବା ପରେ କମ୍ପାନୀ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ କୁଶୁପୁରରେ ଅତ୍ୟାଧୁନିକ ମେଶିନ ଆଣି ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଏବେ ଏହି ଖନନ କାର୍ଯ୍ୟରେ ବାରମ୍ବାର ବିରାଟକାୟ ପଥର ବାଜିଥିଲା। ଫଳରେ ଏବେ ଏହି ଖନନ କାର୍ଯ୍ୟ ବନ୍ଦ କରାଯାଇଛି। ଏବେ କମ୍ପାନୀ ସମସ୍ତ ଅତ୍ୟାଧୁନିକ ମେଶିନଗୁଡିକୁ ଗୋପ ବ୍ଲକ ଅନ୍ତର୍ଗତ ମହଲପଡାର ଚିତେରା ଗ୍ରାମକୁ ନେବ ବୋଲି ଜଣାପଡ଼ିଛି। ସେଠାରେ କେତେ ଦୂର ଅଏଲ ଇଣ୍ଡିଆ କମ୍ପାନୀ ସଫଳତା ହାସଲ କରିବ, ତାହା ଏବେ ଚର୍ଚ୍ଚା ହେଉଥିବା ସମୟରେ ଅନେକ ଆଶା ଆଶଙ୍କା ଦେଖାଦେଇଛି ବୋଲି ମଧ ସାଧାରଣରେ ଆଲୋଚନା ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୫।୨୦୨୩

| | |
|---|---|
| ୫,୦୮,୫୨୦ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୩୨ ଗ୍ରାମ୍ |

# ସହର ହେବ ୫ ଜୋନ୍, ଜଗିବେ ୭୦ ପ୍ଲାଟୁନ ଫୋର୍ସ

## ସ୍ନାନଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ପୁରୀ ଅଫିସ, ୨୬।୫:

ଆସନ୍ତା ଜୁନ ୪ରେ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହେବା ସହ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ ମହାପ୍ରଭୁ। ସ୍ନାନଯାତ୍ରା ସହ ହାତୀବେଶ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟିବ। ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ସ୍ନାନଯାତ୍ରାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏସ୍‌ପି କନ୍‌ୱର ବିଶାଲ ସିଂହ ସ୍ନାନଯାତ୍ରାକୁ ନେଇ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ବୈଠକ କରି ଆଲୋଚନା କରିଛନ୍ତି। ପୋଲିସ ପକ୍ଷରୁ କରାଯାଉଥିବା ବ୍ୟବସ୍ଥାର ସମୀକ୍ଷା ମଧ୍ୟ କରିଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ସହ ଜନଗହଳି ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥା ଲାଗି ପୁରୀ ସହରକୁ ୫ଟି ଜୋନରେ ବିଭକ୍ତ କରାଯାଇଛି।

ଏସ୍‌ପି କହିଛନ୍ତି ଯେ, ଆମ୍ବୁଲାନ୍ସ କରିଡର, ସହରର ସୁରକ୍ଷା ବ୍ୟବସ୍ଥା, ସମୁଦ୍ରକୂଳ ଅଞ୍ଚଳରେ ବିଶେଷ ବ୍ୟବସ୍ଥା କରାଯିବ। ଏଥିପାଇଁ ଅଗ୍ନିଶମ କର୍ମଚାରୀ ଓ ନୋଳିଆ ସ୍ୱେଚ୍ଛାସେବୀଙ୍କ ସହିତ ଆଲୋଚନା ହେବ। ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ପୁରୀ ସହରକୁ ୫ଟି ଜୋନ୍‌ରେ ବିଭକ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ଚାରିପାଖ ଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ଏବଂ ଶ୍ରୀମନ୍ଦିର ଚାରିପାଖରେ ଥିବା ଛକ ଯଥା କାକୁଡିଖାଇ ଛକ, ଦୋଳମଣ୍ଡପ ସାହି, ଗଡ଼ନ୍ତି ଛକ ଏସବୁକୁ ଗୋଟିଏ ଜୋନ କରାଯାଇଛି। ଏହି ସବୁ ସ୍ଥାନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି, ଯେପରି ଟ୍ରାଫିକ ନିୟନ୍ତ୍ରଣ, ଗହଳି ନିୟନ୍ତ୍ରଣ ହୋଇପାରିବ। ଏଥିସହ ସାହି ବାସିନ୍ଦାଙ୍କୁ ଯେପରି କୌଣସି ସମସ୍ୟା ନ ହେବ ସେଥିପାଇଁ ଦୃଷ୍ଟି ଦିଆଯାଉଛି। ସେହିପରି ମେଡିକାଲ ଛକଠାରୁ ଅଠରନଳା ପର୍ଯ୍ୟନ୍ତ ଗୋଟିଏ ଜୋନ କରାଯାଇଛି। ସମୁଦ୍ରକୂଳ ଅଞ୍ଚଳକୁ ଗୋଟିଏ ଏବଂ ବାଲିଘାଇ ଅଞ୍ଚଳକୁ ଅନ୍ୟ ଏକ ଜୋନ କରାଯାଇଛି। ଜୋନଗୁଡ଼ିକୁ ବିଭିନ୍ନ ସେକ୍ଟର କରାଯାଇଛି ଇନ୍ସପେକ୍ଟର ର୍‍ୟାଙ୍କର ଅଫିସର ଦାୟିତ୍ୱରେ ରହିବେ। ସେହିଭଳି ସ୍ନାନଯାତ୍ରା ପାଇଁ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ୫ରୁ ୧୦ ପ୍ଲାଟୁନ ଫୋର୍ସ ରିଜର୍ଭରେ ରହିବେ। ୨୦ଜଣ ଅତିରିକ୍ତ ଏସ୍‌ପି, ଡିସିପି ର୍‍ୟାଙ୍କର ଅଫିସର, ୮୦ରୁ ୯୦ ଜଣ ବରିଷ୍ଠ ଦକ୍ଷ ଅଧିକାରୀ ଦାୟିତ୍ୱରେ ରହିବେ। ଶ୍ରୀମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ହେବ। ସିସିଟିଭି ଲଗାଯିବ। ଚାରିଚକିଆ ଗାଡ଼ିର ପାର୍କିଂ ଲାଗି ବ୍ୟବସ୍ଥା ହେଉଛି। ଖୁବ୍‌ଶୀଘ୍ର ଟ୍ରାଫିକ ବ୍ୟବସ୍ଥା ନେଇ ସୂଚନା ଦିଆଯିବ। ମହାପ୍ରଭୁଙ୍କ କୃପାରୁ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ଏସ୍‌ପି ଆଶା ପ୍ରକାଶ କରିବା ସହ ଡିୟୁଟିରେ ଥିବା ପୋଲିସ କର୍ମଚାରୀଙ୍କୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।



ବୈଠକରେ ଏସ୍‌ପି କନ୍‌ୱର ବିଶାଲ ସିଂହ ଏବଂ ଅନ୍ୟ ଅଧିକାରୀମାନେ।)

## ରଥ ସିଂହାସନରେ ଚାଲିଛି ଖୋଦେଇ କାମ



### ରଥଖଳାରୁ ...

ପୁରୀ ଅଫିସ, ୨୬।୫:

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇଚାଲିଛି। ଦଣ୍ଡାଫ୍ରେମ୍, ନମ୍ବରିଂ ହୋଇ କଳଶା କାର୍ଯ୍ୟ ସରିଛି। କଣ୍ଟା ବସିବା ପାଇଁ ଅଗରବିନ୍ଧ ପରେ ଦଣ୍ଡାଫ୍ରେମ୍‌ର ବିଭିନ୍ନ ଅଂଶ ଖୋଲାଯାଇଛି। ଶନିବାର ଚକଗୁଡ଼ିକର ଦିଗ ନିର୍ଣ୍ଣୟ କାର୍ଯ୍ୟ ମୁଖ୍ୟ ମହାରଣାମାନେ ଭୋଇସେବକଙ୍କ ସହଯୋଗରେ ସମ୍ପାଦିତ କରିବେ, ଯେପରି ତିନିରଥ ବିନା ବାଧାରେ ସିଂହଦ୍ୱାରଠାରେ ଯାଇ ନିଜ ସ୍ଥାନରେ ପହଞ୍ଚିବ। ସେଥିପାଇଁ ତିନିରଥର ଚକ ଅଖ ସେଟିଂ କରାଯିବ। ତାଳଧ୍ୱଜ ରଥ ପାଇଁ ୩ଟି ଅଣସର ଗୟଳର ନିର୍ମାଣ ଆରମ୍ଭ ହୋଇ ଦୁଇଟିର ଚଉପଟ ସରିଛି। ଦୁଇଟି ବଡ଼ ପୋଲ ଗୟଳର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚାରି ନାହାକାର ମୁହଁସାଲ କାର୍ଯ୍ୟ ସରିଛି। ଧୂଳିଦଣ୍ଡାର ଚିରଟ ଚାଲିଛି। ଚଉପଟ ପରେ ଦୁଇପାର୍ଶ୍ୱ ଗୋଲାକାର କରାଯିବ। ତାଳଧ୍ୱଜ ରଥର ଚାରପରିଛା ଚଉପଟ ଶେଷ ହୋଇଛି। ଭୂଇଁ ଓରା, ଭୂଇଁ ଖମ୍ବୀ, ପୋଟଳ ପାରେଣି, ପୋଟଳ ନାହାକା ନିର୍ମାଣ ସରିଛି। ଦର୍ପଦଳନ ରଥର ପାଞ୍ଚଦଣ୍ଡା ଫ୍ରେମ୍ ନମ୍ବରିଂ, କଳଶା, ଅଗରବିନ୍ଧ ହୋଇ ଦଣ୍ଡା ଖୋଲାଯାଇ ସାଇତା ପରେ ଦର୍ପଦଳନ ରଥର ଚାରପରିଛା ଚଉପଟ ଶେଷ ହୋଇଛି। ୨ଟି ଧୂଳିଦଣ୍ଡା, ୩ଟି ଡମକ ତିଆରି ସରିଛି। ଦୁଇଟି ବଡ଼ ପୋଲ ଗୟଳର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥର ଦଣ୍ଡାଫ୍ରେମ୍ ନମ୍ବରିଂ ହୋଇ କଳଶା ପରେ କଣ୍ଟା ବସିବା ପାଇଁ ଅଗରବିନ୍ଧ ପରେ ଦଣ୍ଡାଫ୍ରେମ୍ ଖୋଲାଯାଇ ସାଇତା ହୋଇଛି। ଦୁଇଟି ବଡ଼ ପୋଲ ଗୟଳର ଚଉପଟ ସରି ଆଉ ଦୁଇଟିର ଚଉପଟ ପାଇଁ ହଣା କାର୍ଯ୍ୟ ଜାରି ରହିଛି। ରଥର ଆଗଆଣି ଡମକ ଏବଂ ଚାର ପରିଛାର ଚଉପଟ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୁଇଟି ଧୂଳିଦଣ୍ଡା କାମ ଆରମ୍ଭ ହୋଇଛି। ରୂପକାର ସେବକମାନେ ତିନିରଥ ସିଂହାସନରେ ପୂର୍ଣ୍ଣକୁମ୍ଭ, ପଦ୍ମପାଖୁଡ଼ା ଇତ୍ୟାଦି ଖୋଦେଇ ଜାରି ରଖିଛନ୍ତି। କରତି ସେବକମାନେ ଚକା ବାନ୍ଦେଣି ପାଇଁ କାଠ ଗଢ଼ କାମ ଆରମ୍ଭ କରିଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ ଓଝା ସେବକମାନେ କଣ୍ଟା ତିଆରିରେ ବ୍ୟସ୍ତ ରହିଛନ୍ତି।

## ସଂକ୍ଷେପରେ

### ଚାଳକ ସଚେତନ ହୋଇ ଗାଡ଼ି ଚଳାଇବା ଜରୁରୀ

ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଚେକିଂ

ଗୋପ,୨୬।୫(ଡି.ଏନ୍.ଏ.)- ରାସ୍ତାରେ ଯେକୌଣସି ଗାଡ଼ି ଚଲାନ୍ତୁ ତାହା କିପରି ସୁରକ୍ଷିତ ଭାବରେ ଯିବା ଚାଳକ କିପରି ନିଜକୁ ସୁରକ୍ଷିତ ରଖିପାରିବେ ତାକୁ ନେଇ ଶୁକ୍ରବାର ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଗୋପ ପୋଲିସର ମିଳିତ ଭାବେ ଏକ ଚେକିଂ କରାଯିବା ସହିତ ଚାଳକମାନଙ୍କୁ ସଚେତନ କରାଯାଇଥିଲା। ଏହି ଚେକିଂ ପ୍ରକ୍ରିୟା ସମୟରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ରବୀନ୍ଦ୍ର ପଟ୍ଟନାୟକ, ଜିଲା ସହକାରୀ ମୋଟର ନିରୀକ୍ଷକ ଅମିତ କୁମାର ରଣା, ଜିଲା ଟ୍ରାଫିକ ପୋଲିସ ଅଧିକାରୀ ସୁଶାନ୍ତ କୁମାର ପାତ୍ର, ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ଥାନା ଏସ୍‌ଆଇ ଭାସ୍କର ମାଣିଆ ପ୍ରଭୃତି ଉପସ୍ଥିତ ଥିଲେ। ଗୋପ ଥାନାର କୁଶୁପୁରୁ, ବ୍ଲକ ଛକ ଆଦି ସ୍ଥାନରେ ଏହି ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ଗାଡ଼ି ମୋଟର ଚେକିଂ କରାଯାଇଥିଲା। ଚେକିଂ ସମୟରେ ମଦ୍ୟପାନ କରିଥିବା ଗାଡ଼ି ଚାଳକ, ହେଲମେଟ ନ ଥିବା ଗାଡ଼ି ଚାଳକ ସହିତ ଗାଡ଼ି କାଗଜପତ୍ର ନ ଥିବା ଓ ହାଇସିକ୍ୟୁରିଟି ଗାଡ଼ି ନମ୍ବରର ଯାଞ୍ଚ କରାଯାଇଥିଲା। ଏହି ଚେକିଂରେ ୪ଜଣ ଗାଡ଼ି ଚାଳକ ମଦ୍ୟ ପାନ କରିଥିବାରୁ ସେମାନଙ୍କ ବାଇକ୍‌କୁ ଜବତ କରିବା ସହିତ ୬୬ ହଜାର ଟଙ୍କା ଫାଇନ କରାଯାଇଥିଲା। ଏଥିସହ ଅନ୍ୟାନ୍ୟ ଗାଡ଼ିଗୁଡିକ ଯାଞ୍ଚ କରାଯାଇ ଲକ୍ଷାଧିକ ଟଙ୍କାର ଅନ୍‌ଲାଇନ ଚାଲାଣ କଟାଯାଇ ଫାଇନ ମଧ କରାଯାଇଥିଲା।

### ପୁରୁଣା ସ୍ମୃତି ବାଣ୍ଟିଲେ ଛାତ୍ରୀଛାତ୍ର

କୋଣାର୍କ,୨୬।୫(ଡି.ଏନ୍.ଏ.)- ସ୍ଥାନୀୟ ଯାତ୍ରୀନିବାସରେ କୋଣାର୍କ ହାଇସ୍କୁଲର ୧୯୮୮ ବ୍ୟାଚ ମାଟ୍ରିକ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ସମାରୋହ ଆୟୋଜିତ ହୋଇଯାଇଛି। ଦୀର୍ଘ ୩୫ବର୍ଷ ପରେ ପ୍ରଥମଥର ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ପୁରାତନ ଛାତ୍ରୀଛାତ୍ର ସପରିବାର ଯୋଗଦେଇ ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ କୋଣାର୍କ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ସେଠ, ଅବସରପ୍ରାପ୍ତ ଶିକ୍ଷକ ଶେଖ ଅମାନୁଲା, ନରେନ୍ଦ୍ର ପାତ୍ର, ଉପେନ୍ଦ୍ର ଭୋଳ, ବିଦ୍ୟାଧର ଜେନା, ସନାତନ ବିଶ୍ୱାଳ, ପ୍ରବୋଧ ସାମନ୍ତରାୟ ଏବଂ ଶିକ୍ଷାବିତ କୁଳମଣି ମହାନ୍ତି ଓ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମରେଶ୍ୱର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ପୂର୍ଣ୍ଣଚନ୍ଦ୍ର ମୁଦୁଲି ସଂଯୋଜନା କରିଥିଲେ। ଅବନୀ ଭୂଷଣ ବାରିକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଡ୍‌ଭୋକେଟ ବିଜୟ ମହାନ୍ତି, ମିଟୁ ପ୍ରଧାନ, ନିଗମାନନ୍ଦ ପରିଡ଼ା, ସୁଷମା ପୃଷ୍ଟି, ପୀତବାସ ବେଉରା, ରମେଶ ଚନ୍ଦ୍ର ବେହେରା ଓ ସୁଶାନ୍ତ ବେଉରା, ଦିଲୀପ କୁମାର ଜେନା, ଶରତ ସାହୁ, ମାନସ ପଣ୍ଡିଆ, ମନୋଜ ନାୟକ, ନଟବର ନାୟକ, ଝରଣା ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ।



ପୁରୀ ସଂସ୍କୃତି ଭବନରେ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱମାନେ ।

# ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱକୁ ମାନବବାଦର ଦିଗ୍‌ଦର୍ଶନ ଦିଏ

## ୧୦ଜଣଙ୍କୁ ଶ୍ରୀପୁରୁଷୋତ୍ତମ ସେବା ସମ୍ମାନ

ପୁରୀ ଅଫିସ,୨୬।୫

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଜିଲା ସଂସ୍କୃତି ଭବନ ପରିସରରେ ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଜାତୀୟ ଆଲୋଚନାଚକ୍ରକୁ ନ୍ୟାୟମୂର୍ତ୍ତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଉଦ୍‌ଘାଟନ କରି କହିଥିଲେ, ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱକୁ ମାନବବାଦର ଦିଗ୍‌ଦର୍ଶନ ଦେଇଆସୁଛି। ବିଶ୍ୱ ଶାନ୍ତି, ସଂହତି ଓ ଭାତୃତ୍ୱ ବାଦ ଉତ୍କଳୀୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ ଧର୍ମର ବିଶେଷତ୍ୱ ଅଟେ। ସାଂସ୍କୃତିକ ଐତିହ୍ୟ ପରମ୍ପରା ଓ ଇତିହାସର ତ୍ରିବେଣୀଧାରା ଏହି ଭୂମିକୁ ଭାରତ ଓ ବିଶ୍ୱର ସମସ୍ତ ଦାର୍ଶନିକଙ୍କୁ ଆକୃଷ୍ଟ କରିଛି ବୋଲି କହିଥିଲେ। ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ଯୋଗଦେଇ କହିଥିଲେ, ଆଧ୍ୟାତ୍ମବାଦ ଓ ଆଧ୍ୟାତ୍ମିକ ଚେତନାର ପ୍ରାଣ ସ୍ପନ୍ଦନ ମହାପ୍ରଭୁଙ୍କ ନିକଟରେ ଜାତି, ବର୍ଣ୍ଣ ନିର୍ବିଶେଷରେ ସଭିଙ୍କୁ ଏକ କରିଛି। ପରମାତ୍ମା ସ୍ୱର ବାସୁଦେବ ତତ୍ତ୍ୱର ତତ୍ତ୍ୱ ଦାରୁବ୍ରହ୍ମ ତତ୍ତ୍ୱରେ ସମାହିତ ହୋଇଛି। ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ସୃଷ୍ଟିର ଆରମ୍ଭ କାଳରୁ ମନୁଷ୍ୟ ଓ ଶ୍ରୀଜଗନ୍ନାଥଙ୍କ ସୃଷ୍ଟି ହୋଇଛି। ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିବର୍ତ୍ତନ ଧାରା ଶ୍ରୀଜଗନ୍ନାଥ ଦର୍ଶନରେ ପ୍ରତିଫଳିତ ଘଟିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇ ଭାରତ ବିଶ୍ୱଗୁରୁ ସେବା କ୍ଷେତ୍ରରେ ଉତ୍କଳୀୟ ସଂସ୍କୃତିର ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧାପିକା ପ୍ରତିଭା ମହାରଥୀ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଭଗବାନ ସୁଆର, ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଟ୍ରଷ୍ଟ ସଦସ୍ୟା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ଦେଇଥିବା ବେଳେ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ ।

ଉଦ୍‌ଘାଟନ ଅବସରରେ ଓଡ଼ିଶୀ ସଙ୍ଗୀତ ପରିଷଦର ଛାତ୍ରୀମାନଙ୍କ ଦ୍ୱାରା ଶ୍ରୀଗୀତଗୋବିନ୍ଦ ଗାନ କରାଯାଇଥିବା ବେଳେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଜଗନ୍ନାଥ ଶୀର୍ଷକ ଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ସଂଯୋଜନା କରିଥିଲେ ଶିବସୁନ୍ଦର ମିଶ୍ର। ଆଲୋଚକ ଭାବେ ଡ.ରାଧାକାନ୍ତ ମହାପାତ୍ର, ଗବେଷକ ମଦନମୋହନ ମହାପାତ୍ର, ପ୍ରଫେସର ହରପ୍ରସାଦ ମିଶ୍ର, ରମାକାନ୍ତ ମିଶ୍ର, ପ୍ରଫେସର ଚନ୍ଦ୍ରଶେଖର ଦାସ, ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷମନୋଜ ରଥ, ଆରତି କର, ଅଭିମନ୍ୟୁ ଭୂୟାଁ, ରମାକାନ୍ତ କର, ବଳରାମ ଦାଶ, ପ୍ରମୋଦ ଦଳାଇ, ଦିଲୀପ ସେନାପତି, ଗୋଲାପମଞ୍ଜରୀ ନନ୍ଦ, ଗୁରୁଚରଣ ଦାଶ, କୈଳାସ ଚନ୍ଦ୍ର ସାହୁ, ଇଂ.କେଶବ ଚନ୍ଦ୍ର ପାତ୍ର, ଇ. ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଟ୍ରଷ୍ଟର ରାଷ୍ଟ୍ରୀୟ ବିଶେଷାଙ୍କ ଶ୍ରୀଗୁଣ୍ଡିଚା ଓ ଇ. କେଶବ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ରଚିତ ଚେତନାରେ ଶ୍ରୀକ୍ଷେତ୍ର ଓ ମା’ ସୁଭଦ୍ରା ପୁସ୍ତକଦ୍ୱୟ ଉନ୍ମୋଚିତ ହୋଇଥିଲା। ପରେ ରତ୍ନାକର ଦଳାଇ, ଟି. ପ୍ରକାଶ ରାଓ, ପ୍ରଭାତ ତରାଇ, ପ୍ରଫେସର ରାଧାକାନ୍ତ ମହାପାତ୍ର, ଆନନ୍ଦ ହୁରାଦ, ବେଣୁଧର ସୁତାର, ଭାଗବତ ପ୍ରସାଦ ପଟ୍ଟନାୟକ, ଦୁର୍ଗାମାଧବ କର, ରତିକାନ୍ତ ପ୍ରତିହାରୀ, ଜୟନ୍ତୀ ମହାପାତ୍ର ପ୍ରମୁଖଙ୍କୁ ଶ୍ରୀପୁପପରୁଷୋତ୍ତମ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୌମ୍ୟରଞ୍ଜନ ବିଶୋଇ, ଆଶାଲତା ପ୍ରଧାନ, ବୀଣାପାଣି ଚୌଧୁରୀ, ହେମାଙ୍ଗିନୀ ମହାନ୍ତି, ତପନ ସେଠୀ, ନୃସିଂହ ମହାନ୍ତି, ସୌମ୍ୟରଞ୍ଜନ ମଲ୍ଲିକ, ମୟଙ୍କ ଦାସ, ବସନ୍ତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଟ୍ରଷ୍ଟ ସଦସ୍ୟ ଭବାନୀ ପ୍ରସାଦ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

## ଆଇନ ସେବା ସଚେତନତା ଶିବିର

ପୁରୀ ଅଫିସ, ୨୬।୫:

ପୁରୀ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍‌ଙ୍କ ଆଦେଶ କ୍ରମେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମିତ୍ କୁମାର ବାରିକ୍‌ଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ସ୍ଥାୟୀ ଲୋକ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ସମ୍ପର୍କିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଚିବ ଅମିତ କୁମାର ବାରିକ୍ ଉଦ୍‌ଘାଟନ କରିଥିଲେ। ପ୍ରାଧିକରଣର ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନ୍ୟାୟ ସଂଯୋଗ, ସମ୍ମୁଖ କାର୍ଯ୍ୟାଳୟ, ମଧ୍ୟସ୍ଥତା କେନ୍ଦ୍ର ଉପରେ ସେ ଆଲୋକପାତ କରିଥିଲେ। ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷା ପ୍ରତିମା ପଣ୍ଡା ଜନ ଉପଯୋଗୀ ଆଇନ ସମ୍ବନ୍ଧରେ ବୁଝାଇଥିଲେ। ହାପିନେସ୍ ଫାଉଣ୍ଡେଶନ୍ ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଓ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆରାଧ୍ୟା

### ୨ବର୍ଷ ୪ ମାସରେ ସ୍ଥାନ ପାଇଲେ

ପୁରୀ ଅଫିସ, ୨୬।୫:

ପ୍ରତିଭାର କୌଣସି ବୟସ ନ ଥାଏ ତାହା ପ୍ରମାଣ କରି ଦେଖାଇଛନ୍ତି ପୁରୀ ମାର୍କଣ୍ଡେଶ୍ୱର ସାହି ଅନ୍ତର୍ଗତ ମାତା ଗୋସେଇଁ ଲେନ୍‌ର ଆରାଧ୍ୟା ପ୍ରଧାନ। ମାତ୍ର ୨ବର୍ଷ ୪ମାସ ବୟସରେ ଆରାଧ୍ୟା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇ ପୁରୀ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଆରାଧ୍ୟା ୧୫ ପ୍ରାଣୀର ନାମ, ବର୍ଷର ବିଭିନ୍ନ ମାସ ଓ ଋତୁର ନାମ, ଇଂଲିଶରେ ୧ ଠାରୁ ୧୦୦, ଏ ଠାରୁ ଜେଡ୍ ପର୍ଯ୍ୟନ୍ତ କହିବା, ୩ରୁ ୪ଟି ଶ୍ଳୋକ ବୋଲିବା, ୪୦ଟି ସାଧାରଣ ଜ୍ଞାନ ଆଦି ଟେଷ୍ଟ ଦେଇଥିଲେ। ଯେଉଁଥିରେ ସେ ସଫଳ ହୋଇଥିଲେ। ଫଳରେ ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ବାପା ରାଜେଶ କୁମାର ପ୍ରଧାନ ଏବଂ ମା’ ଲୁଇନା ପ୍ରଧାନଙ୍କ ସହ ଆରାଧ୍ୟା ପୁରୀରେ ରହୁଛନ୍ତି। ତେବେ ତାଙ୍କ ଘର କଟକ ଜିଲା ନିଆଳି ବ୍ଲକ୍‌ର ତିହୁଡ଼ିରେ ହୋଇଥିବାବେଳେ ବାପା ରାଜେଶ ଜଗନ୍ନାଥ ଟେମ୍ପଲ ଫାୟାର ଷ୍ଟେଶନରେ ଅଗ୍ନିଶମ କର୍ମଚାରୀ ଭାବେ କାର୍ଯ୍ୟରତ। ବର୍ତ୍ତମାନ ସୁଦ୍ଧା ଆରାଧ୍ୟା ସ୍କୁଲ ଯାଇନାହାନ୍ତି, ତଥାପି ପଢ଼ିବା ପ୍ରତି ଥିବା ଆଗ୍ରହ ତାଙ୍କୁ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇବାରେ ସହାୟକ ହୋଇଛି। ଇଣ୍ଡିଆ ବୁକ୍ ଅଫ ରେକଡ ପକ୍ଷରୁ ଆରାଧ୍ୟାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଆରାଧ୍ୟା ଏକବର୍ଷର ହୋଇଥିବାବେଳେ ତାଙ୍କୁ ଯାହା କୁହାଯାଉଥିଲା ତାହାକୁ ସେ ସଙ୍ଗେସଙ୍ଗେ ମନେ ରଖିଦେଇ କହିପାରୁଥିଲେ। ଝିଅର ଏହି ସଫଳତା ନେଇ ଉଭୟ ମା’ ବାପା ଖୁସିଥିବା ରାଜେଶ ପ୍ରକାଶ କରିଛନ୍ତି।



ମେଡାଲ ଓ ପ୍ରମାଣପତ୍ର ସହ ଆରାଧ୍ୟା ପ୍ରଧାନ ।

# ସ୍ନାତକ ଶେଷବର୍ଷ ଫାର୍ମାସୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୀ ଅଫିସ, ୨୬।୫:

କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ସ୍ନାତକ ବିଭାଗ ଶେଷବର୍ଷ ଫାର୍ମାସୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଟାଉନ ହଲ ସଭାକକ୍ଷରେ ବୁଧବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଅମିୟକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ସହକାରୀ ଅଧ୍ୟାପକ ଡ. ଶାନ୍ତନୁ କୁମାର ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ସମୟରେ ଫାର୍ମାସୀ ଶିକ୍ଷାର ଚାହିଦା ଦିନକୁ ଦିନ ବଢ଼ିଚାଲିଛି ଏବଂ ଏହା କର୍ମସଂସ୍ଥାନ ଯୋଗାଇପାରୁଛି ବୋଲି ମୁଖ୍ୟ ଅତିଥି କହିଥିଲେ। ମହାବିଦ୍ୟାଳୟର ଚେୟାରମ୍ୟାନ୍ ଅନିମା ଦାଶ ଛାତ୍ରୀଛାତ୍ରଙ୍କୁ ସମାଜର ଅସହାୟ ଗରିବ ରୋଗୀଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ନିକୁଞ୍ଜ କିଶୋର ମିଶ୍ର ଓ ଡ. ଚିନ୍ମୟ କେଶରୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଦାୟୀ ଛାତ୍ରୀଛାତ୍ରଙ୍କ ମଙ୍ଗଳ କାମନା କରିଥିଲେ। ଅଧ୍ୟାପକ ଡ. ସଞ୍ଜୟ କୁମାର ନାୟକ ଅଧ୍ୟାପିକା ସୁନୀତା ମିଶ୍ର, ସହକାରୀ ଅଧ୍ୟାପକ ଅସିତ କୁମାର ଷଡ଼ଙ୍ଗୀ ଏବଂ ସିଦ୍ଧେଶ୍ୱର ପାଇଯୋଶୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କନିଷ୍ଠ ଛାତ୍ରୀଛାତ୍ରମାନେ ସମବେତ ସଙ୍ଗୀତ ଗାନ ଓ ବିଦାୟକାଳୀନ ସୂଚକ ପ୍ରଦାନ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଚାରାରୋପଣ କରି ଜନ୍ମଦିନ ପାଳିଲେ

ଅସ୍ତରଙ୍ଗ,୨୬।୫(ଡି.ଏନ୍.ଏ.)

ନିଜ ଜନ୍ମଦିନକୁ ଅଧିକ ସ୍ମରଣୀୟ ତଥା ପରିବେଶ ପ୍ରତି ନିଜ ପ୍ରତିବଦ୍ଧତା ବ୍ୟକ୍ତ କରିବାକୁ ଚାରାରୋପଣ କରି ଜନ୍ମଦିନ ପାଳନ କରିଛନ୍ତି ଜଣେ ବ୍ୟବସାୟୀ। ସେ ହେଲେ ଅସ୍ତରଙ୍ଗ ବ୍ଲକ ଜିଉଁନ୍ତି ଗ୍ରାମର ‘ଗୋପବନ୍ଧୁ ଯୁବ ସାମାଜିକ ସଂଗଠନ ଓ ପାଠାଗାର’ ଉପଦେଷ୍ଟା ତଥା ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ଖଣ୍ଡୁଆଳ। ସେ ଚେନ୍ନାଇରେ ନିଜ ବ୍ୟବସାୟ କରୁଥିଲେ ମଧ୍ୟ ଜନ୍ମଦିନ ପାଳିବାକୁ ଗାଁକୁ ଆସିଥିଲେ। ନିଜ ଗ୍ରାମ ପୋଖରୀ ହୁଡ଼ାରେ ସେ ଚାରାରୋପଣ କରିଥିଲେ। ଏହି ମହତ କାର୍ଯ୍ୟ କରି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ସମସ୍ତେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିବା ଉଚିତ୍ ବୋଲି ସେ କହିଥିଲେ। ସଂଗଠନ ସଭାପତି ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ଆଦିତ୍ୟ ରାଉତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରକାଶ ଖଣ୍ଡୁଆଳଙ୍କ ସମେତ ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୁଶୁପୁରରେ ସନ୍ଧାନ କାର୍ଯ୍ୟ ବନ୍ଦ

- ଗୋପରେ ତୈଳ ସନ୍ଧାନ ମିଳିବା ଘଟଣା
- ବାହାରିଲା ଅତ୍ୟାଧୁନିକ ରିଗ୍ ମେଶିନ

ଗୋପ,୨୬।୫(ଡି.ଏନ୍.ଏ.)

ପୁରୀ ଜିଲା ଗୋପ କୁଶୁପୁରରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ସନ୍ଧାନ ଫେଲ ମାରିଛି। ଫଳରେ ଶୁକ୍ରବାର ଅପରାହ୍ନରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଖନନ କାର୍ଯ୍ୟ ବନ୍ଦ କରିବା ସହ ଖନନରେ ଲଗାଯାଇଥିବା ଅତ୍ୟାଧୁନିକ ରିଗ ମେଶିନକୁ ବାହାର କରିଦିଆଯାଇଛି। ଏହି ଅତ୍ୟାଧୁନିକ ରିଗ ମେଶିନକୁ କମ୍ପାନୀ ଅନ୍ୟତ୍ର ନେବା ସୂଚନା ମଧ୍ୟ ମିଳିଛି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ କୁଶୁପୁରୁ ଓ ମହଲପଡାର ଚିତେରା ଗ୍ରାମ ନିକଟରେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ଥିବାର ସାଟେଲାଇଟ ଚିତ୍ର ଆସିବା ପରେ କମ୍ପାନୀ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ କୁଶୁପୁରରେ ଅତ୍ୟାଧୁନିକ ମେଶିନ ଆଣି ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଏବେ ଏହି ଖନନ କାର୍ଯ୍ୟରେ ବାରମ୍ବାର ବିରାଟକାୟ ପଥର ବାଜିଥିଲା। ଫଳରେ ଏବେ ଏହି ଖନନ କାର୍ଯ୍ୟ ବନ୍ଦ କରାଯାଇଛି। ଏବେ କମ୍ପାନୀ ସମସ୍ତ ଅତ୍ୟାଧୁନିକ ମେଶିନଗୁଡ଼ିକୁ ଗୋପ ବ୍ଲକ ଅନ୍ତର୍ଗତ ମହଲପଡାର ଚିତେରା ଗ୍ରାମକୁ ନେବ ବୋଲି ଜଣାପଡ଼ିଛି। ସେଠାରେ କେତେ ଦୂର ଅଏଲ ଇଣ୍ଡିଆ କମ୍ପାନୀ ସଫଳତା ହାସଲ କରିବ, ତାହା ଏବେ ଚର୍ଚ୍ଚା ହେଉଥିବା ସମୟରେ ଅନେକ ଆଶା ଆଶଙ୍କା ଦେଖାଦେଇଛି ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଛି।



## ସଂକ୍ଷେପରେ

### ୱାର୍ଡ ପରିଦର୍ଶନ କଲେ ଜାଗା ମିଶନ ଉପଦେଷ୍ଟା

**ଚୌଦ୍ୱାର,୨୬।୫(ଡି.ଏନ୍.ଏ.):** ରାଜ୍ୟ ଜାଗା ମିଶନ ଉପଦେଷ୍ଟା ହରିଶଙ୍କର ରାଉତ ଶୁକ୍ରବାର ଚୌଦ୍ୱାର ପୌରପାଳିକାର ୧୭ନଂ. ୱାର୍ଡ ସୁଇପର କଲୋନୀ ପରିଦର୍ଶନ କରିଥିଲେ। ପ୍ରଥମେ ସେ ପୌର କାର୍ଯ୍ୟାଳୟରେ ପହଞ୍ଚିବା ପରେ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଓ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୌରପାଳିକାରେ ଜାଗାମିଶନ କାର୍ଯ୍ୟକ୍ରମ କିଭଳି ପରିଚାଳିତ ହେଉଛି ଓ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା ବସ୍ତିବାସିନ୍ଦାଙ୍କୁ ସରକାରୀ ସୁବିଧା ମିଳିବା ସମ୍ପର୍କରେ ଆଲୋଚନା କରିଥିଲେ । ସହରାଞ୍ଚଳରେ ବଞ୍ଚିତ ରହିଯାଇଥିବା ଅନ୍ୟ ବସ୍ତିବାସିନ୍ଦାଙ୍କୁ କିଭଳି ଭାବେ ଜାଗାମିଶନରେ ଅନ୍ତର୍ଭୁକ୍ତ କରାଯିବ ସେ ଦିଗରେ ରାଉତ ଆଲୋଚନା କରିଥିଲେ। ଏହି ଅବସରରେ ଜାଗା ମିଶନରେ ଅନ୍ତର୍ଭୁକ୍ତ ସୁଇପର କଲୋନୀ ପରିଦର୍ଶନ କରି ନିର୍ମାଣାଧୀନ ଆବାସଗୁଡିକୁ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ସୁବ୍ରତ ସାମଲ, ବିଜୟ ମଲ୍ଲିକ, ନୋଡାଲ ଅଫିସର ବାସନ୍ତୀ ସାହୁ, ଛାତ୍ରନେତା ଭରତ ଚନ୍ଦ୍ର ସାହୁଙ୍କ ସମେତ ବସ୍ତି ଉନ୍ନୟନ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ମେଡିକାଲରେ ଭର୍ତ୍ତି ହେଲେ ଦିବ୍ୟାଙ୍ଗ ବିଜୟ୍

**ଶିକୁଳିରେ ବନ୍ଧା ହୋଇ ରହୁଥିଲେ**

**କଟକ ଅଫିସ,୨୬।୫:** ଜିଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ଦିବ୍ୟାଙ୍ଗ ଯୁବକ ବିଜୟ୍ କୁମାର ସାମଲଙ୍କୁ ଚିକିତ୍ସା ପାଇଁ ଶୁକ୍ରବାର ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ବିଜୟ୍‌ଙ୍କୁ ଟାଙ୍ଗୀ ଥାନା ଅଧୀନ ଖର୍ଦ୍ଧାସାହି ଅଞ୍ଚଳରୁ ଉଦ୍ଧାର କରାଯାଇଛି। ଶାରୀରିକ ଓ ମାନସିକ ସ୍ତରରେ ଦିବ୍ୟାଙ୍ଗ ହୋଇଥିବାରୁ ପରିବାର ଲୋକେ ତାଙ୍କୁ ଶିକୁଳିରେ ବାନ୍ଧି ରଖୁଥିଲେ। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ବିଜୟ୍ ୨ବର୍ଷ ପୂର୍ବେ ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। କିଛି ମାସ ପରେ ତାଙ୍କୁ ବ୍ରହ୍ମପୁର ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ଏଥିପାଇଁ ପରିବାର ଲୋକେ ବିଜୟ୍‌ଙ୍କୁ ଶିକୁଳିରେ ବାନ୍ଧି ରଖୁଥିଲେ। ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଦିବ୍ୟାଙ୍ଗମାନଙ୍କ ସମସ୍ୟା ସମାଧାନ ନିମନ୍ତେ ସପ୍ତାହେ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ତେବେ ବିଜୟ୍‌ଙ୍କ ସମ୍ପର୍କରେ ଖବର ପାଇବା ପରେ ଆଇନ ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ଜଣେ ଦିବ୍ୟାଙ୍ଗଙ୍କୁ ମଧ୍ୟ ଉଦ୍ଧାର କରାଯାଇ ଛତିଆସ୍ଥିତ ସେବକ ଆଶ୍ରମରେ ଥଇଥାନ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ନେତୃତ୍ୱରେ ପରିଚାଳିତ ଦିବ୍ୟାଙ୍ଗ ସଶକ୍ତୀକରଣ ଅଭିଯାନରେ ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ଆଇନଜୀବୀ ବିପିନ କୁମାର ଚୌଧୁରୀ, ସ୍ୱେଚ୍ଛାସେବୀ ଅଶୋକ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।





ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଉପାଧି ଗ୍ରହଣ କରିଥିବା ଲେଖକ ଦେବଦାସ ଛୋଟରାୟ, କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, ଶିକ୍ଷାବିତ୍ ପ୍ରଫେସର ପ୍ରଭାତ ମିଶ୍ର, ପ୍ରଫେସର ବିଦ୍ୟୁତ୍ କୁମାର ଦାସ।

# 'ଛାତ୍ରୀଛାତ୍ର ଭବିଷ୍ୟତ ଲକ୍ଷ୍ୟ ନେଇ ଅଗ୍ରସର ହୁଅନ୍ତୁ'

**ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବ**

- ୧୫୫ ଛାତ୍ରୀଛାତ୍ରଙ୍କ ସ୍ୱର୍ଣ୍ଣ ପଦକ
- ୪ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍

**କଟକ ଅଫିସ,୨୬।୫**

ରାଜନୈତିକ, ସାମାଜିକ, ଅର୍ଥନୈତିକ, ଚିନ୍ତାଧାରାର ପ୍ରାଣକେନ୍ଦ୍ର ହେଉଛି ରେଭେନ୍ସା ବିଶ୍ୱବିଦ୍ୟାଳୟ। ମହାନ୍ କୀର୍ତ୍ତିକୁ ବହନ କରୁଥିବା ଏହି ଶିକ୍ଷାନୁଷ୍ଠାନରୁ ନିଜର ଭବିଷ୍ୟତ ନେଇ ବାହାରୁଥିବା ଛାତ୍ରୀଛାତ୍ରମାନେ ସମାଜ ପାଇଁ ଉନ୍ନତ କାର୍ଯ୍ୟ କରିବା ଦରକାର। ଛାତ୍ରୀଛାତ୍ର ଭବିଷ୍ୟତ ଗଠନ ଦିଗରେ ଏକ ଲକ୍ଷ୍ୟ ନେଇ ଅଗ୍ରସର ହୁଅନ୍ତୁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବ ସେଭେନ୍ ପିଲାର୍ସ ଅଫ୍ ୱିସଡମ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଅଧ୍ୟକ୍ଷତା କରି କହିଥିଲେ, ଭାରତର ସଭ୍ୟତା ଅମୂଲ୍ୟ। ଭାରତର ଇତିହାସ କେବଳ ମହାନ ଶାସକମାନଙ୍କର ନୁହେଁ। ଆମ ପାଠ୍ୟପୁସ୍ତକରେ ଆର୍ଯ୍ୟଭଟ୍ଟଙ୍କ ସୂତ୍ର, ଭାସ୍କରାଚାର୍ଯ୍ୟଙ୍କ ଗଣିତ, କୋଣାର୍କର ନିଖୁଣ କାରୁକାର୍ଯ୍ୟ, ମେହେରାଉଲିର ଲୌହସ୍ତମ୍ଭ ଆଦି ସ୍ଥାନ ପାଇଛି। ଏଗୁଡ଼ିକରୁ ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ କରିପାରିବେ ବୋଲି ସେ କହିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ ଯୋଗଦେଇ କହିଥିଲେ,



ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିମାନେ।

ସ୍ୱାଧୀନତା ପରେ ଏବଂ ପୂର୍ବରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରକ ହୋଇପାରିଛି। ଓଡ଼ିଶାର କଳା, ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିଛି ଏହି ବିଶ୍ୱବିଦ୍ୟାଳୟ। ଏଥିପାଇଁ ଏହାକୁ ବିଦ୍ୟାର ମନ୍ଦିର ଭାବେ ଆଖ୍ୟା ଦିଆଯାଇଛି। ଶିକ୍ଷାଦାନ ମାଧ୍ୟମରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ପିଜି କାଉନ୍‌ସିଲ ଅଧ୍ୟକ୍ଷା ପ୍ରଫେସର ଅସୀମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ କୁଳସଚିବ କାହ୍ନୁଚରଣ ମଲ୍ଲିକ ଉପସ୍ଥିତ ଥିଲେ।

ଏହି ଅବସରରେ ୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ତଥା ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ, ଖ୍ୟାତନାମା କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ ସମ୍ମାନସୂଚକ ଡି.ଲିଟ୍ ଉପାଧି, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମିଶ୍ର, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ରୁମାଟୋଲୋଜି ଏବଂ ଇମ୍ୟୁନୋଲୋଜି ବିଭାଗର ପ୍ରଫେସର ଡା. ବିଦ୍ୟୁତ୍ କୁମାର ଦାସଙ୍କୁ ସମ୍ମାନସୂଚକ ଡିଏସ୍ ଉପାଧି ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଚଳିତବର୍ଷଠାରୁ ଦୁଇଟି ନୂତନ ସ୍ମାରକୀ ସମ୍ମାନ ଦିଆଯାଇଛି। ଇଂଲିଶ ବିଭାଗର ସ୍ନାତକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜଷ୍ଟିସ ହରିହର ମହାପାତ୍ର ସ୍ମାରକୀ ସ୍ୱର୍ଣ୍ଣ ପଦକ ଏବଂ କମ୍ପ୍ୟୁଟେଶ୍‌ନାଲ ହ୍ୟୁମାନିଟିଜ ପିଜି ସାର୍ଟିଫିକେଟ୍ ପାଠ୍ୟକ୍ରମରେ ଶ୍ରେଷ୍ଠତା ପ୍ରଦର୍ଶନ ନିମନ୍ତେ ପ୍ରଫେସର ଡ. ବାସୁଦେବ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍ନାତକ, ସ୍ନାତକୋତ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଓ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିବା ମୋଟ ୧୫୫ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଏଥିସହ ସ୍ନାତକରେ ୧୭୨୫, ସ୍ନାତକୋତ୍ତରରେ ୧୧୨୫, ସିସିଏଚ୍‌ରେ ୧୧, ଏମ୍‌ଫିଲ୍‌ରେ ୭୬ ଏବଂ ପିଏଚ୍.ଡି.ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ୧୫୫ ଜଣଙ୍କୁ ମିଶାଇ ମୋଟ ୩୦୨୨ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିସହ ବୋରାସମ୍ବର ସେନାପତି ତର୍କ ପ୍ରତିଯୋଗିତାର ୩ ଜଣ ବିଜେତାଙ୍କୁ ମଧ୍ୟ ସ୍ୱର୍ଣ୍ଣ ପଦକ ଦିଆଯାଇଛି।

## ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଦିଆଯିବ ପୋଷ୍ଟାଲ ଷ୍ଟାମ୍ପ

**କଟକ ଅଫିସ, ୨୬।୫**

ବୀର ସାବରକର ଫାଉଣ୍ଡେଶନ ପକ୍ଷରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଜାଦ୍ ହିନ୍ଦ୍ ସରକାରଙ୍କ ଦ୍ୱାରା ପ୍ରଚଳିତ ପୋଷ୍ଟାଲ ଷ୍ଟାମ୍ପ ପ୍ରଦାନ କରାଯିବ। ଏ ନେଇ କଟକ କ୍ଲବଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ଉପସଭାପତି ନନ୍ଦ କିଶୋର ଜୋଶୀ ସୂଚନା ଦେଇଛନ୍ତି। ସେହିପରି ସଙ୍ଗଠନର କର୍ମକର୍ତ୍ତା ଶ୍ୟାମସୁନ୍ଦର ପୋଦ୍ଦାର ଯୋଗଦେଇ କହିଥିଲେ, କେନ୍ଦ୍ର ଶାସନରେ ଥିବା ପୂର୍ବ ସରକାରଗୁଡ଼ିକ ସାବରକରଙ୍କ ପ୍ରତି ଅନ୍ୟାୟ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ହତ୍ୟାକାଣ୍ଡରେ ସେ ସମ୍ପୃକ୍ତ ନ ଥାଇ ମଧ୍ୟ ତାଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଛି। ସାବରକରଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ସହିତ ତାଙ୍କୁ ଭାରତ ରତ୍ନ ଉପାଧି ଦେବା ପାଇଁ ଦାବି କରିଥିଲେ। ଏଥିସହ ତାଙ୍କୁ ଇତିହାସ ପୃଷ୍ଠାରେ ସ୍ଥାନ ଦେବା ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ପୋଦ୍ଦାର କହିଥିଲେ। ଆସନ୍ତା ୨୮ରେ ହେବାକୁ ଯାଉଥିବା ଏକ କାର୍ଯ୍ୟକ୍ରମରେ ପ୍ରଫେସର କପିଳ କୁମାରଙ୍କୁ ଫାଉଣ୍ଡେଶନ ପକ୍ଷରୁ ବୀର ସାବରକର ଆୱାର୍ଡ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ।

## ଚୋରି ଅଭିଯୋଗରେ ୨ ଗିରଫ

**ଚୌଦ୍ୱାର,୨୬।୫(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଧୀନ ଚାର୍‌ବାଟିଆସ୍ଥିତ ଆଭିଏସନ ରିସର୍ଚ୍ଚ ସେଣ୍ଟର (ଏଆର୍‌ସି) କ୍ୱାର୍ଟର୍ସରୁ ଚୋରି କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏଆର୍‌ସିରେ ରହୁଥିବା ଦୀପୁ ସୋନିୱାଲ ଓ ଗୌତମ କୁମାର ନାୟକ। ସେମାନଙ୍କଠାରୁ କମ୍ପ୍ୟୁଟର ମନିଟର, ଇନ୍‌ଭର୍ଟର, ଗ୍ରାଇଣ୍ଡର ସମେତ ବହୁ ସାମଗ୍ରୀ ଜବତ କରାଯାଇଛି। ଗତ ଫେବୃୟାରୀ ୨ରେ ଏଆର୍‌ସି କ୍ୱାର୍ଟର୍ସରେ ରହୁଥିବା ରାଜକିଶୋର ସାହୁଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୫/୨୩) ରୁଜୁ କରିଥିଲା।

## ଚିତ୍ରକଳା ପ୍ରଦର୍ଶନୀ 'ତୂଳୀରେ ବିବଶ ମହାନଦୀ'



ଚିତ୍ରକଳା ପ୍ରଦର୍ଶନୀରେ ବିଧାୟକ ମହମ୍ମଦ ମୋକିମ, ମେୟର ସୁବାସ ସିଂ ଓ ଅନ୍ୟମାନେ।

**କଟକ ଅଫିସ, ୨୬।୫**

କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ଏବଂ ମହାନଦୀ ବଞ୍ଚାଅ ଆନ୍ଦୋଳନ ସଙ୍ଗଠନର ମିଳିତ ଉଦ୍ୟମରେ ଏକ ଚିତ୍ରକଳା ପ୍ରଦର୍ଶନୀ 'ତୂଳୀରେ ବିବଶ ମହାନଦୀ' ସ୍ଥାନୀୟ ଗଡ଼ଗଡେଶ୍ୱର ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଚିତ୍ରକଳା ପ୍ରଦର୍ଶନୀ ମାଧ୍ୟମରେ ମହାନଦୀ ଶୁଖିଯାଉଥିବା ଏବଂ ମହାନଦୀରେ ଜଳ ସଙ୍କଟର ମୁଖ୍ୟ କାରଣ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସିଏମ୍‌ସି ମେୟର ସୁବାସ ସିଂ ଉଦ୍‌ଘାଟନ କରିଥିବାବେଳେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଧାୟକ ମହମ୍ମଦ ମୋକିମ, ଡ. ନିରଞ୍ଜନ ତ୍ରିପାଠୀ, ଅରୁଣ କୁମାର ପଣ୍ଡା, ରବି ନାରାୟଣ ରଥ, କ୍ଷୀତିଶ ପାତ୍ର, ଲକ୍ଷ୍ମୀଧର ରଣା, ମହାନଦୀ ବଞ୍ଚାଅ ଆନ୍ଦୋଳନର ଉପଦେଷ୍ଟା ସୁଦର୍ଶନ ଦାସ, ଜିତେନ୍ଦ୍ର ସାହୁ, ଦୀପ୍ତିମୟୀ ପାଢୀ, ବିଜୟ ସାହୁ, ପ୍ରତିମା ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ପ୍ରଭାତ ସାହୁ, ତେଜସ୍ୱିନୀ ସାମନ୍ତସିଂହାର, ଯଶମିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ସେକ୍ରେଟାରୀ ସଞ୍ଜୀବ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ମହାନଦୀରୁ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ

**ମଙ୍ଗୁଳି-ଜଗତପୁର, ୨୬।୫(ଡି.ଏନ୍.ଏ.)**

ମହାନଦୀର ଯୋବ୍ରା ଆନିକଟ ବ୍ରିଜ ୯୨ନଂ. ଗେଟ୍‌ରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହକୁ ଜଗତପୁର ପୋଲିସ ଶୁକ୍ରବାର ଜବତ କରିଛି। ସେ ଏକ ଖଇରିଆ ରଙ୍ଗର ନାଇଟ୍ ପିନ୍ଧିଥିବାବେଳେ ତାଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ କେତେଜଣ ଯୁବକ ମହାନଦୀରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଓଡ୍ରାଫ୍ ଟିମ୍ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୩) ରୁଜୁ ହୋଇଛି।

## ରଘୁନାଥ ପ୍ରସାଦ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ ଅଫିସ, ୨୬।୫**

ଏସ୍‌ବିଆଇ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳ କଟକ ସେଣ୍ଟରର ସାଧାରଣ ପରିଷଦ ବୈଠକ କଟକ ମୁଖ୍ୟ ଶାଖାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କମ୍ରେଡ ସ୍ୱାଧୀନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶେଷ ଅତିଥି ଭାବେ କମ୍ରେଡ୍ ଆଲୋକ କୁମାର ଦେ, ଉପେନ୍ଦ୍ର କୁମାର ଦାଶ, ଜ୍ୟୋତିଭୂଷଣ ମହାପାତ୍ର, ଗଙ୍ଗାପ୍ରସାଦ ପଟ୍ଟନାୟକ, ଶିବ ପ୍ରସାଦ ବେହେରା, ଅନ୍ନଦା ଶଙ୍କର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ରଘୁନାଥ ପ୍ରସାଦ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲୋକନାଥ ଛାଟୋଇ, ସରୋଜ କୁମାର ଦାସ, ଶୁଭେନ୍ଦୁ ତରାଇ, ତପନ କୁମାର ପାଲ, ସୁସ୍ମିତା ଦାସ, ସଞ୍ଜୟ କୁମାର ଜେନା ପ୍ରମୁଖ ସଭା ପରିଚାଳନା କରିଥିଲେ। ସଂଘର ଆଞ୍ଚଳିକ ସମ୍ପାଦକ ରାଜେଶ କୁମାର ଦାଶ ଧନ୍ୟବାଦ ଦେଇଥିଲେ।



ସଭାରେ ଏସ୍‌ବିଆଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ରଘୁନାଥ ପ୍ରସାଦ ଦାସଙ୍କ ସହ ଅନ୍ୟମାନେ।

## 'ଓଡ଼ିଶୀ ସଙ୍ଗୀତର ମାଧୁର୍ଯ୍ୟତା ବିଶ୍ୱରେ ବିରଳ'

**ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ସାଂସ୍କୃତିକ କର୍ମଶାଳା**

**କଟକ ଅଫିସ,୨୬।୫**

ଓଡ଼ିଶୀ ସଙ୍ଗୀତ ଗାନ ଶୈଳୀର ସ୍ୱତନ୍ତ୍ରତା ଓ ବୈଚିତ୍ର୍ୟତା ଓଡ଼ିଶୀ ନୃତ୍ୟରୁ ସୃଷ୍ଟି ହୋଇଛି। ଏହି ସଙ୍ଗୀତର ମାଧୁର୍ଯ୍ୟତା ବିଶ୍ୱରେ ବିରଳ। ଓଡ଼ିଶୀ ସଙ୍ଗୀତକୁ ସମସ୍ତେ ଭଲ ପାଇ ଶିଖିଲେ ଓ ଗାଇଲେ ଶାସ୍ତ୍ରୀୟ ମାନ୍ୟତା ମିଳିବା ସହଜ ହେବ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ତଥା କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ ଏହି ମତବ୍ୟକ୍ତ କରିଛନ୍ତି। କଟକ କଳାବିକାଶ କେନ୍ଦ୍ରରେ ଚାଲିଥିବା ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ସାଂସ୍କୃତିକ କର୍ମଶାଳାର ଶୁକ୍ରବାର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଗୋସାଇଁ ଯୋଗଦେଇଥିଲେ। କେନ୍ଦ୍ରର ଉପସଭାପତି ଆଡ୍‌ଭୋକେଟ୍ ପ୍ରସନ୍ନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଥାକାର ସୁବ୍ରତ ପତି ଯୋଗଦେଇ ଆମେ କଥା କହିବା କେମିତି ପ୍ରସଙ୍ଗରେ ଶିବିରାର୍ଥୀମାନଙ୍କୁ କହିଥିଲେ। କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି, ଟ୍ରଷ୍ଟି ରାଜକିଶୋର କଏଲ, ଟ୍ରଷ୍ଟି ଅରବିନ୍ଦ ମହାନ୍ତି, ସମ୍ପାଦକ ପ୍ରସେନ୍‌ଜିତ୍ ମହାନ୍ତି, ସୁଦୀପ୍ତା ଦାଶ, ରାଧାମୋହନ ସାହୁ, ପ୍ରମୋଦ ରଞ୍ଜନ ମହାନ୍ତି, ଡ. ସ୍ନେହଲତା ମିଶ୍ର ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ନାଟକ ବିଭାଗ ପକ୍ଷରୁ ବରିଷ୍ଠ କଳାକାର ସନ୍ଦୀପ ପାଣି ଓ ପ୍ରମୋଦ ମହାନ୍ତି ନାଟକର ଇତିହାସ ଓ ପ୍ରକ୍ରିୟା ଉପରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଗୁରୁ ଅଜୟ ବାରିକ, ଗୁରୁ ମେହେସୁଦ୍, ନାରାୟଣ ଦାସ, ଦେବୀ ପ୍ରସାଦ ସେଠୀ ପ୍ରମୁଖ ଯଥାକ୍ରମେ ଭାଓଲିନ୍, କି' ବୋର୍ଡ, ତବଲାର ବିଭିନ୍ନ ତାଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସଙ୍ଗୀତା ଗୋସାଇଁ ଓ ବିଭୁଦତ୍ତ ମଲ୍ଲ ଓଡ଼ିଶୀ ସଙ୍ଗୀତ ବୋଲିବାର ବ୍ୟାକରଣ ଉପରେ ଆଲୋକପାତ କରିଥିଲେ। ବିଜୟ କୁମାର ସାହୁ ଚିତ୍ରକଳା, ଜନ୍ମୟ ହୋତା ଶାସ୍ତ୍ରୀୟ ସଙ୍ଗୀତର ପ୍ରଶିକ୍ଷଣ ଦେଇଥିଲେ।



ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ସାଂସ୍କୃତିକ କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# କଟକରେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

**ବିଭିନ୍ନ ଅଞ୍ଚଳ ପରିଦର୍ଶନ**

**କଟକ ଅଫିସ,୨୬।୫**

ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଜଳବିବାଦ ଲାଗିରହିଛି। ଏଥିସହ ମହାନଦୀରେ ଉଦ୍‌ବେଗଜନକ ଭାବେ ଜଳସ୍ତର ହ୍ରାସ ପାଉଛି। ଏହି ପରିପ୍ରେକ୍ଷୀରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ବିଚାରପତି ଏ.ଏମ୍. ଖାନୱିଲକର, ବିଚାରପତି ଇନ୍ଦରମିତ କଉର କୋଚର, ବିଚାରପତି ଏ.କେ. ପାଠକ ଓ ସଦସ୍ୟାସଦସ୍ୟମାନେ ଶୁକ୍ରବାର କଟକ ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଜମି ଆକଳନକାରୀ ସଞ୍ଜୀବ ଅଗରୱାଲ ଓ ବିଜୟ କୁମାର ଦ୍ୱିବେଦୀ ଏହି ଦଳରେ ସାମିଲ ଥିଲେ। ଏହି ଟିମ୍ ଭୁବନେଶ୍ୱରରେ ପହଞ୍ଚିବା ପରେ ମେ ଫେୟାର ହୋଟେଲରେ ମହାନଦୀର ତ୍ରିକୋଣ ଭୂମି ଅଞ୍ଚଳ ବାବଦରେ ଏକ ପ୍ରେଜେଣ୍ଟେଶନ ଜରିଆରେ ଅବଗତ ହୋଇଥିଲେ। ପରେ ସେଠାରୁ ବାରଙ୍ଗ, ତ୍ରିଶୁଳିଆ ରାସ୍ତାରେ ଆସି ମୁଣ୍ଡଳି ଓ ପୁରୀ ମୁଖ୍ୟ କେନାଲ ପରିଦର୍ଶନ କରିଥିଲେ। ମୁଣ୍ଡଳି ପୋଲ ଓ ଆଠଗଡ଼ ଛକ ଦେଇ ସର୍ପେଶ୍ୱର ମହାଦେବଙ୍କ ଦର୍ଶନ ସହ ମହାନଦୀ ଓ ସାପୁଆ ନଦୀର ସଂଯୋଗସ୍ଥଳ ଦେଖିଥିଲେ। ସେଠାରୁ ନରାଜ ବ୍ୟାରେଜ୍ ଦେଇ କାଠଯୋଡ଼ି ଓ ମହାନଦୀର ସଂଯୋଗ ସ୍ଥଳ, ନରାଜ ପାହାଡ଼ ଶୀର୍ଷଦେଶ, ପୁରୁଣା ଆନିକଟ୍ ଓ ଚହଟା ଛକ ଅଞ୍ଚଳ ପରିଦର୍ଶନ କରିଥିଲେ।



ମହାନଦୀ ଟ୍ରିବ୍ୟୁନାଲ ଟିମ୍ ଜଗତପୁରସ୍ଥିତ ମହାନଦୀ ବ୍ୟାରେଜଠାରେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଛତିଶଗଡ଼ ରାଜ୍ୟର ଆଇନଜୀବୀ, ବିଶେଷଜ୍ଞ, ଛତିଶଗଡ଼ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ, ମୁଖ୍ୟଯନ୍ତ୍ରୀ, ଦାୟିତ୍ୱ ସମ୍ପନ୍ନ ଅଧିକାରୀ ପ୍ରମୁଖଙ୍କ ଏକ ୨୦ ଜଣିଆ ଦଳ ମଧ୍ୟ ଉପସ୍ଥିତ ଥିଲେ। ଏଥିସହ ଓଡ଼ିଶାର ନ୍ୟାୟିକ ଦଳରେ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ବରିଷ୍ଠ ଆଇନଜୀବୀ ମୋହନ ଭି. କଟାର୍କୀ ଓ ଅନ୍ୟ ଆଇନଜୀବୀମାନେ ଅନ୍ତର୍ଭୁକ୍ତ ଥିଲେ। ଓଡ଼ିଶା ପକ୍ଷରୁ ବିଶେଷଜ୍ଞ ଦଳରେ ଯନ୍ତ୍ରୀ ହରମୋହନ ପ୍ରଧାନ, ରାଜେଶ କୁମାର, ରମେଶ କୁମାର ଗୁପ୍ତା, ଡ. ଦିବାକର ନାୟକ, ଗୁଲାବ ପ୍ରସାଦ, ପ୍ରଶାନ୍ତ କୁମାର ପ୍ରଧାନ, ପରାମର୍ଶଦାତା ଡ. ଏ. ସୁଦର୍ଶନ ରାଓ, ପ୍ରମୋଦ ଚନ୍ଦ୍ର ମିଶ୍ର, ଯନ୍ତ୍ରୀ ରମେଶ ଚନ୍ଦ୍ର ତ୍ରିପାଠୀ ଓ ମନୋଜ ପଣ୍ଡା ପ୍ରମୁଖ ସାମିଲ ଥିଲେ। ମୁଖ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଆନ୍ତଃ ରାଜ୍ୟ ଯନ୍ତ୍ରୀମୁଖ୍ୟ ଆଶୁତୋଷ ଦାସ, ମୁଖ୍ୟଯନ୍ତ୍ରୀ ମହାନଦୀ କାଠଯୋଡ଼ି ପ୍ରଣାଳୀ ସାଗର ମହାନ୍ତି, ଜିଲାପାଳ ଭବାନୀ ଶଙ୍କର ଚୟନୀ, ପୋଲିସ ଉପ ଆୟୁକ୍ତ ପିନାକ ମିଶ୍ର, କଟକ ଜିଲା ଗ୍ରାମାଞ୍ଚଳ ଏସ୍‌ପି. ବି. ଯୁଗଳ କିଶୋର, କଟକ ଜଳସମ୍ପଦ ବିଭାଗ(ପୂର୍ବାଞ୍ଚଳ)ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ ଏବଂ କେନ୍ଦ୍ରାଞ୍ଚଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ସାମୁଦ୍ରିକ ସଂଗ୍ରହାଳୟକୁ ଗସ୍ତ ସମୟରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ଉପଜିଲାପାଳ, ବିଭାଗୀୟ ଅଧିକାରୀ, ପୋଲିସ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

**ଯୁବତୀଙ୍କୁ କମେଣ୍ଟ ମାରି ବନ୍ଦୀ ହେଲେ ସାଙ୍ଗ**

ଭୁବନେଶ୍ୱର,(ବ୍ୟୁରୋ): ସୋସିଆଲ ମିଡିଆ ଆକାଉଣ୍ଟରେ ଜଣେ ଯୁବତୀଙ୍କର ଏକ ପୋଷ୍ଟରେ ନାନାପ୍ରକାର ଅପଶବ୍ଦ ବ୍ୟବହାର କରିବା ସହ ପୀଡିତାଙ୍କ ଚରିତ୍ରକୁ ନେଇ ଆକ୍ଷେପ କରିବା ଅଭିଯୋଗରେ ଖାରବେଳ ନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ୱାଗତ ରାଜଦର୍ଶୀ। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ପଠାଇ ଦିଆଯାଇଛି। ପୂର୍ବରୁ ଏଭଳି ଏକ ଅଭିଯୋଗରେ ଇନଫୋସିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ଉଭୟ ସାଙ୍ଗ ବୋଲି ତଦନ୍ତବେଳେ ଜଣାପଡିଛି।



## ସଂକ୍ଷେପରେ

### ବାଲିଅନ୍ତା ଭାଜପା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ




ବାଲିଅନ୍ତା,୨୬।୫(ଡି.ଏନ୍.ଏ.)- ଭାଜପା ବାଲିଅନ୍ତା ମଣ୍ଡଳର ୪ର୍ଥ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଧବଳାହାର ଗ୍ରାମର କ୍ଲବ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସଞ୍ଜୟ କୁମାର ପରିଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭାଜପାର ଯୁବନେତା ସ୍ମୃତିରଞ୍ଜନ ବେହେରା, ଶିବ ମଲ୍ଲିକ, ସିଦ୍ଧେଶ୍ୱର ନାଥ, ଦେବେନ୍ଦ୍ର ନାଥ ସାହୁ, ମାନସ ସାହୁ ସମେତ ମଣ୍ଡଳର କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ଦଳର ସାଙ୍ଗଠନିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାଲିଅନ୍ତା ବ୍ଲକର ଭାଜପାର ସ୍ଥିତିକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ସହ ଭୋଟ ହାର ବୃଦ୍ଧି ପାଇଁ ବିଭିନ୍ନ ପ୍ରସ୍ତୁତ ଆଗତ କରାଯାଇଥିଲା। ତୃଣମୂଳ ସ୍ତରରୁ ସଙ୍ଗଠନକୁ ମଜଭୁତ କରିବା ପାଇଁ କୁହାଯାଇଥିଲା।

### ବେଆଇନ ବାଲିଚାଲାଣ, ଜେସବି, ଟ୍ରାକ୍ଟର ଜବତ

ବାଲିଅନ୍ତା,୨୬।୫(ଡି.ଏନ୍.ଏ.)- ମଞ୍ଚେଶ୍ୱର ଥାନା ଅଧୀନ କୁଆଖାଇ ନଦୀରୁ ବେଆଇନ ଭାବେ ବାଲି ଚାଲାଣ ବେଳେ ଶୁକ୍ରବାର ପୋଲିସ ଚଢ଼ାଉ କରି ଏକ ଜେସିବି ମେଶିନ ଓ ଗୋଟିଏ ଟ୍ରାକ୍ଟରକୁ ଜବତ କରିଛି। ଏହି ବାଲିଘାଟଟି ଦୀର୍ଘଦିନ ହେବ ବନ୍ଦ ରହିଛି। ପୂର୍ବରୁ ନିଲାମରେ ନେଇଥିବା ବ୍ୟକ୍ତି ଟଙ୍କା ଡିପୋଜିଟ କରି ବାଲି ଉଠାଇବା ପାଇଁ ୱାର୍କ ଅର୍ଡର ଅପେକ୍ଷାରେ ଅଛନ୍ତି। କିନ୍ତୁ ନଦୀରୁ ବାଲି ଉଠାଣ ପାଇଁ ଅନୁମତି ନ ଥିବା ବେଳେ ଗତ କିଛିଦିନ ହେବ ବାହାରୁ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ବାଲି ଚାଲାଣ ହେଉଛି। ଶୁକ୍ରବାର ସକାଳେ ଟ୍ରାକ୍ଟରରେ ବାଲି ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ବିରୋଧ କରିଥିଲେ। ପରେ ପୋଲିସ ସେଠାରେ ପହଞ୍ଚି ଟ୍ରାକ୍ଟର ଓ ମେଶିନକୁ ଜବତ କରି ଥାନାକୁ ନେଇଥିଲେ। ଖବରପାଇ ପାଣ୍ଡରା ଆର୍‌ଆଇ ଦୀପକ ପରିଡ଼ା ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ କହିବା ଅନୁଯାୟୀ, ବର୍ତ୍ତମାନ ଏହି ବାଲିଘାଟ ପାଇଁ ଟେଣ୍ଡର ପ୍ରୋସେସିଂ ଚାଲିଛି। କିନ୍ତୁ ବାହାର ଲୋକକ ରାତିରେ ବେଆଇନ ଭାବେ ବାଲି ଉଠାଇ ନେଉଛନ୍ତି।

### 'ମେଧାବୀଙ୍କୁ ପୁରସ୍କାର ମହାନତାର ନିଦର୍ଶନ'

ବାଲିପାଟଣା,୨୬।୫(ଡି.ଏନ୍.ଏ.) ବାଲିପାଟଣା ବ୍ଲକ ଅନ୍ତର୍ଗତ ଓଡ଼ଖଣ୍ଡ ସୋଧୁଅ ହରିଜନ ଆବାସିକ ବିଦ୍ୟାଳୟରେ ଶୁକ୍ରବାର ଏକ ମେଧାବୀ ସମ୍ମାନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ସାଥୁଆଙ୍କ ସଭାପତିତ୍ୱରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହଯୋଗର ହାତ ବଢ଼ାଇ ରାଜ୍ୟ ଘରୋଇ ହୋମିଓ ପ୍ୟାଥିକ ସଂଘ ସଭାପତି ନେତ୍ରାନନ୍ଦ ଭୋଇ ୨ଲକ୍ଷ ଟଙ୍କାର ସହାୟତା ଦେଇ ମହାନତାର ପରିଚୟ ପ୍ରଦାନ କରିଛନ୍ତି। ଡା. ନେତ୍ରାନନ୍ଦ କହିଥିଲେ, ଏହି ସହଯୋଗ ମେଧାବୀଙ୍କୁ ପ୍ରେରଣା। ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ରାଜକିଶୋର ବାରିକ, ରାଜକିଶୋର ପରିଡ଼ା, କୈଳାସ ସେଠୀ, ବଳରାମ ମଲ୍ଲିକ, କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାକଡ଼ରେ ଅଚଳ ଗାଡ଼ି, ଘର ଆଗରେ ଭଙ୍ଗା ଫର୍ନିଚର ରହିବନି

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ରାଜଧାନୀ ରାସ୍ତାକଡ଼ରେ ଆଉ ରହିବନି ଅଚଳ ଗାଡ଼ି। ଗାଡ଼ି ମାଲିକମାନେ ମନଇଚ୍ଛା ଅଚଳ ଗାଡ଼ିକୁ ଥୋଇ ପାରିବେ ନାହିଁ। ସେହିଭଳି ଲୋକଙ୍କ ଘର ଆଗରେ ଭଙ୍ଗା ଗାଡି ଓ ଫର୍ନିଚର ଗଦା ହୋଇପାରିବନି। ଏନେଇ ବିଏମ୍‌ସି ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯିବା ସହ ରାସ୍ତାକଡରେ ଅଚଳ ହୋଇ ପଡ଼ି ରହିଥିବା କେତେକ ଗାଡ଼ି ଓ ଘର ଆଗରେ ଥିବା ଭଙ୍ଗା ସାମଗ୍ରୀ ଉପରେ ନୋଟିସ ଲଗାଇଛି। ନୋଟିସ ଲଗାଇବାର ୭ଦିନ ମଧ୍ୟରେ ମାଲିକ ନିଜ ଅବ୍ୟବହୃତ ଗାଡ଼ି ବା ସାମଗ୍ରୀକୁ ସେଠାରୁ ହଟାଇବେ। ନ ମାନିଲେ ବିଏମ୍‌ସି ସେଗୁଡ଼ିକୁ ଉଠାଇ ନେଇ ଡିସ୍‌ପୋଜାଲ କରିଦେବ ବୋଲି ଟୁଇଟ୍ କରି ସୂଚନା ଦେଇଛି।

ଅନେକ ସମୟରେ ଏହି ଭଙ୍ଗା ଗାଡ଼ି ଅସାମାଜିକଙ୍କ ଅପରାଧୀଙ୍କ ଆଡ଼ାସ୍ଥଳୀ ସାଜୁଛି। ଏହା ସହରକୁ ଅସୁନ୍ଦର କରିବା ସହ ମଶାଙ୍କ ଦାଉ ବି ବଢ଼ୁଛି। ରାସ୍ତା କଡରେ ବିଭିନ୍ନ ଜାଗାରେ ଏମିତି ଗାଡିଗୁଡିକ ଖତ ହୋଇ ପଡିଥିବାରୁ ସେଗୁଡିକ ଜାଗା ମାଡି ରଖୁଛି। ଫଳରେ ଡ୍ରେନ ସଫା ହୋଇ ପାରୁନାହିଁ କି ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ବି ଯାଇପାରୁନି। ତେଣୁ ସହରର ସ୍ୱଚ୍ଛତା ଓ ସୁବିଧାକୁ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଯାଇ ବିଏମ୍‌ସି ଭୁବନେଶ୍ୱର ଭୋଇ ନଗରର ଦୁଇଟି ସ୍ଥାନରେ କାର ଓ ଟ୍ରାକ୍ଟରରେ ନୋଟିସ ଲଗାଇଥିଲା। ରାତିରେ ଲାଗିଥିବା ନୋଟିସକୁ ସକାଳ ବେଳକୁ କେହି ଚିରି ଦେଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବିଏମ୍‌ସିର ଏହି ନାଲି ଆଖିକୁ ଖାତିର କରି ନାହାନ୍ତି ଗାଡ଼ି ମାଲିକ। ବିଏମ୍‌ସି ଏମିତି କରେ ପୁଣି ଭୁଲିଯାଏ ବୋଲି କେତେଜଣ ମାଲିକ କହିଛନ୍ତି। ଏଭଳି ସ୍ଥିତିରେ ସହରକୁ ସଫା ଓ ସୁନ୍ଦର କରିବାର ଏହି ପ୍ରୟାସ ସଫଳ ହେବ କି ନାହିଁ

### ବିଏମ୍‌ସି ଲଗାଇଲା ନୋଟିସ



ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ସହରର ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ବିଏମ୍‌ସି ଲୋକଙ୍କ ଘର ଆଗରେ ଗଦା ହୋଇଥିବା ଭଙ୍ଗା ଗାଡି ଓ ଫର୍ନିଚରକୁ ଉଠାଇବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ସହରରେ ଗଦା ହୋଇଥିବା ଏହି ଅନାବଶ୍ୟକ ଜିନିଷକୁ ଖୋଜି ସେଥିରେ ନୋଟିସ ଲଗାଉଛି। ଏଭଳି ଅନାବଶ୍ୟକ ଗାଡି, ଘର ଆସବାବପତ୍ର ରହୁଥିବା ସ୍ଥାନରେ ଅଳିଆ ଜମା ହେବା ସହ ଲୋକଙ୍କ ପାଇଁ ତାହା ଡଷ୍ଟବିନ୍ ପାଲଟିଯାଉଛି। ଫଳରେ ସ୍ଥାନଟି ପୂତିଗନ୍ଧମୟ ବା ଅପରିଷ୍କାର ହୋଇରହୁଛି। ଏହାକୁ ରୋକିବା ପାଇଁ ଏଭଳି ପ୍ରୟାସ କରାଯାଉଥିବା ମେୟର ସୁଲୋଚନା ଦାସ କହିଛନ୍ତି। ସେ କହିଛନ୍ତି, ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରହୁଥିବାବେଳେ କେତେଜଣ ଅମାନିଆ ନିଜ ସୁବିଧା ପାଇଁ ଗାଡ଼ିକୁ ଘର ସମ୍ମୁଖରେ ପକାଇ ରଖିଛନ୍ତି। ଏହାଦ୍ୱାରା ଜାଗାଟି ସଫା କରିହେଉନାହିଁ। ଅସାମାଜିକ ବ୍ୟକ୍ତିଙ୍କ ଅଡ୍ଡାସ୍ଥଳୀ ପାଲଟିଛି। ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ୭ଦିନ ମଧ୍ୟରେ ଗାଡ଼ି ନ ହଟାଇଲେ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେୟର କହିଛନ୍ତି।

# ପୁରୀରେ ଉଚ୍ଛେଦ ଉଠାଦୋକାନୀଙ୍କୁ ଥଇଥାନ ଦାବି




ନବୀନ ନିବାସ ଅଭିମୁଖେ ଯିବା ପୂର୍ବରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯାଉଛି।

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ପୁରୀ ପୌରପାଳିକା ପକ୍ଷରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି। ଉଠାଦୋକାନ ଆଇନକୁ ନ ମାନି ପୌରପାଳିକା କର୍ତ୍ତୃପକ୍ଷ ମନମୁଖୀ ଭାବେ ଉଠାଦୋକାନ ଉଚ୍ଛେଦ କରି ଚାଲିଥିବାରୁ ଏହାକୁ ବିରୋଧ କରି ଶୁକ୍ରବାର ଭୁବନେଶ୍ୱରରେ ପ୍ରତିବାଦ କରାଯାଇଛି। ତ୍ରିନାଥ କ୍ଷୁଦ୍ର ବ୍ୟବସାୟୀ ସଂଘ ସଭାପତି ଲୋକନାଥ ବେହେରାଙ୍କ ନେତୃତ୍ୱରେ ଶହଶହ ଉଠାଦୋକାନୀ ଶୋଭାଯାତ୍ରାରେ ନବୀନ ନିବାସ ଘେରାଉ ପାଇଁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଆଲୋଚନା ପରେ ସଂଘର ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଥିଲେ। ସିଂହଦ୍ୱାରରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀଙ୍କୁ ତୁରନ୍ତ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ଷ୍ଟ୍ରିଟ୍ ଭେଣ୍ଡରର୍ସ ଆକ୍ଟ ୨୦୧୪କୁ ତୁରନ୍ତ କାର୍ଯ୍ୟକାରୀ କରିବା, ସମ୍ବିଧାନର ଧାରା ୧୯(୧)ଛ

### ନବୀନ ନିବାସ ଘେରାଉ ପାଇଁ ଯିବାବେଳେ ଅଟକାଇଲା ପୋଲିସ

ଓ ୨୨କୁ କାର୍ଯ୍ୟକାରୀ କରିବା, ସମସ୍ତ ଉଠାଦୋକାନୀଙ୍କୁ ଦ୍ୱିତୀୟଥର ସର୍ଭେ କରି ପରିଚୟ ପ୍ରଦାନ କରିବା, ଥଇଥାନ ନ ହେବା ଯାଏ ସେମାନଙ୍କୁ ସିଂହଦ୍ୱାର ନିକଟରେ ଦୋକାନ କରିବା ପାଇଁ ଅନୁମତି ପ୍ରଦାନ ଦେବା ଆଦି ୮ ଦଫା ଦାବି ପ୍ରଦାନ କରାଯାଇଥିଲା। ପୁରୀ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ଓ ଦାବିଗୁଡ଼ିକ ତର୍ଜମା କରାଯାଇ ୭ ଦିନ ମଧ୍ୟରେ ଜଣାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାର, ପୁରୀ ପୌରପାଳିକା ଉଚ୍ଛେଦ ଉଠାଦୋକାନୀଙ୍କୁ ତୁରନ୍ତ ଥଇଥାନ ନ କଲେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ନବୀନ ନିବାସ ଘେରାଉ କରିବ ବୋଲି ସଭାପତି ପ୍ରତାପ ସାହୁ ଚେତାବନୀ ଦେଇଛନ୍ତି।

# ୱେଲ୍‌ଫେୟାର ବୋର୍ଡ ଗଠନ ଦାବିକଲା ଉଠାଦୋକାନୀ ମହାସଂଘ




ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ମେ' ୨୫ ଅନ୍ତର୍ଜାତୀୟ ଉଠାଦୋକାନୀ ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ମାଷ୍ଟରକ୍ୟାଣ୍ଟିନ ଛକରୁ ଉଠାଦୋକାନୀମାନେ ହାତରେ ପ୍ଲାକାର୍ଡ଼ ଧରି ପିଏମ୍‌ଜି ଛକରେ ପହଞ୍ଚିଥିଲେ। ଓଡ଼ିଶାରେ ଉଠାଦୋକାନୀ ୱେଲ୍‌ଫେୟାର ବୋର୍ଡ଼ ଗଠନ କରିବା, ଉଠାଦୋକାନ ଉଚ୍ଛେଦ ନ କରିବା, ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ନିର୍ବାଚନ ମାଧ୍ୟମରେ ଟାଉନ୍ ଭେଣ୍ଡିଂ କମିଟି ଗଠନ କରିବା ଆଦି ଦାବି କରାଯାଇଥିଲା। ବିଧାନସଭା ଆଡକୁ

### ଶୋଭାଯାତ୍ରା ପରେ ୭ଦଫା ଦାବିପତ୍ର ପ୍ରଦାନ

ଶୋଭାଯାତ୍ରା ଯାଉଥିବାବେଳେ ପୋଲିସ ଅଟକାଇଥିଲା। ପରେ ମହାସଂଘ ସଭାପତି ପ୍ରତାପ ସାହୁଙ୍କ ନେତୃତ୍ୱରେ ଅନୁଜ ପ୍ରଧାନ, ସୂର୍ଯ୍ୟମଣି ସାହୁ, ଅନୁ ମିଶ୍ର, ଲଲାଟ କୁମାର ଓଝା, ଶୁଭଲକ୍ଷ୍ମୀ ମହାନ୍ତି ଓ ସସ୍ମିତା ସାହୁ ପ୍ରମୁଖ ୭ ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ୭ଦଫା ଦାବିପତ୍ର ଦେଇଥିଲେ। ମହାସଂଘ ସଭାପତି ପ୍ରତାପ ସାହୁ କହିଲେ, ରାଜ୍ୟ ସରକାର ତରବରିଆ ଭାବରେ ଯେଉଁ ଆଇନ ଗଠନ କରିଛନ୍ତି ତାହା କେନ୍ଦ୍ର ଆଇନକୁ ବିରୋଧ କରୁଛି। ତେଣୁ କେନ୍ଦ୍ର ଆଇନ ଅନୁଯାୟୀ ରାଜ୍ୟ ସରକାର ଓଡ଼ିଶା ଉଠାଦୋକାନୀ ଆଇନ ଗଠନ କରିବା ପାଇଁ ବହୁବାର ଦାବି ହୋଇ ଆସୁଛି। ମାତ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ସେହିପରି କେନ୍ଦ୍ରୀୟ ଆଇନରେ ଟାଉନ ଭେଣ୍ଡିଂ କମିଟିରେ ୪୦ ପ୍ରତିଶତ ପ୍ରତିନିଧି ଥିଲାବେଳେ ରାଜ୍ୟରେ ତାହାକୁ ୪ଜଣରେ ସୀମିତ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାର ରାଜ୍ୟ ଆଇନରେ ପରିବର୍ତ୍ତନ ନ ଆଣିଲେ ମହାସଂଘ ୩୦ଟି ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ନଗର ଉନ୍ନୟନ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ବାସଭବନ ଘେରାଉ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉଠାଦୋକାନୀ ସଂଘର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ।

### କମ୍ପାନୀର କଲେକ୍ସନ ଟଙ୍କା ହଡ଼ପ, କର୍ମଚାରୀ ଗିରଫ

ଭୁବନେଶ୍ୱର(ବ୍ୟୁରୋ)/ବାଲିଅନ୍ତା, ୨୬।୫(ଡି.ଏନ୍.ଏ.)

ଏକ କମ୍ପାନୀର ୫ ଲକ୍ଷ କଲେକ୍ସନ ଟଙ୍କା ହଡ଼ପ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଉକ୍ତ କମ୍ପାନୀର କର୍ମଚାରୀ କଟକ କିଶନ ନଗର ଅଞ୍ଚଳର ମନୋଜ କୁମାର ସାହୁଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୪/୨୩) ରୁଜୁ ହୋଇଛି। ସୌଭାଗ୍ୟ ମହାପାତ୍ରଙ୍କ କଟକ ଅଞ୍ଚଳରେ ଏକ ମୃଦୁପାନୀୟ କମ୍ପାନୀ ରହିଛି। ଅଭିଯୁକ୍ତ ମନୋଜ ଉକ୍ତ କମ୍ପାନୀରେ ଚାକିରି କରିବା ସହିତ ବିଭିନ୍ନ ସଂସ୍ଥାକୁ ମୃଦୁ ପାନୀୟ ଯୋଗାଣ କରିଥାନ୍ତି। ତେବେ ସେ ମାଲିକଙ୍କ ଅଜାଣତରେ ମୃଦୁପାନୀୟ ନେଉଥିବା ସଂସ୍ଥାଠାରୁ ୫.୫ ଲକ୍ଷ ଟଙ୍କା କଲେକ୍ସନ କରି ହଠାତ କମ୍ପାନୀ ଛାଡି ଦେଇଥିଲେ। ମାଲିକ ସୌଭାଗ୍ୟ ଏହା ଜାଣିବା ପରେ ଅଭିଯୁକ୍ତ ମନୋଜଙ୍କୁ ଯୋଗାଯୋଗ କରି ଟଙ୍କା ଫେରାଇବାକୁ କହିଥିଲେ। ସେ ସମସ୍ତ ଟଙ୍କା ଖର୍ଚ୍ଚ କରିଦେଇଥିବା ଓ ପରେ ଫେରାଇ ଦେବେ ବୋଲି ମନୋଜ କହିବା ସହ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ସୌଭାଗ୍ୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଅଭିଯୁକ୍ତ ମନୋଜଙ୍କୁ ଗିରଫ କରିଥିଲା।

# ଭକ୍ତ ମଧୁ ସ୍କୁଲ ଖେଳପଡ଼ିଆରେ ଡିଉଜ୍ ବଲରେ ଖେଳା ନ ଯାଉ

ପୁରୁଣା ଭୁବନେଶ୍ୱର,୨୬।୫(ଡି.ଏନ୍.ଏ.)

ପୁରୁଣା ଭୁବନେଶ୍ୱରର ଭକ୍ତ ମଧୁ ହାଇସ୍କୁଲ ଖେଳପଡ଼ିଆରେ ଡିଉଜ୍ ବଲ୍‌ରେ ଖେଳା ନ ଯିବା ପାଇଁ ଆଇନଜୀବୀ ଅରୁଣ କୁମାର ମହାପାତ୍ର ଜିଲା ପ୍ରଶାସନ, ପୋଲିସ କମିଶନର ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଏଠାରେ ସ୍କୁଲ ସମୟ ବାଦ୍ ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ପିଲାମାନେ କ୍ରିକେଟ, ଫୁଟବଲ, ଭଲିବଲ ଆଦି ଖେଳିଥାନ୍ତି। ବରିଷ୍ଠ ନାଗରିକମାନେ ସନ୍ଧ୍ୟା ଭ୍ରମଣ କରିଥାନ୍ତି। ତେବେ ଏହି ଖେଳପଡ଼ିଆରେ ଏକ ସ୍ପୋର୍ଟିଂ କ୍ଲବ ଦ୍ୱାରା ଡିଉଜ୍‌ବଲରେ ଖେଳିବା ଘାତକ ହୋଇଥାଏ। ତୁରନ୍ତ ଏଠାରେ ଡିଉଜ୍‌ବଲରେ ଖେଳା ନ ଯିବା ପାଇଁ ମହାପାତ୍ର ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏହି ପ୍ରସ୍ତାବକୁ ଉକ୍ତ ଅଞ୍ଚଳର ବୁଦ୍ଧିଜୀବୀମାନେ ସମର୍ଥନ ଜଣାଇଛନ୍ତି। କାର୍ଯ୍ୟାନୁଷ୍ଠାନ ନ ହେଲେ ପରବର୍ତ୍ତୀ ସମୟରେ ଏହାର ବିରୋଧ କରାଯିବ ବୋଲି କୁହାଯାଇଛି। ଏନେଇ ସବ୍‌କଲେକ୍ଟର ସତ୍ୟଜିତ ସାହୁ କହିଛନ୍ତି, ଡିଉଜ୍‌ବଲ ଖେଳିବାର ଗାଇଡ୍‌ଲାଇନ ଅନୁସନ୍ଧାନ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ସ୍ପୋର୍ଟିଂ କ୍ଲବ ସମ୍ପାଦକ ଦୀପକ ମଙ୍ଗରାଜ କୁହନ୍ତି, ଡିଉଜବଲ ଖେଳିବା ବେଳେ ସତର୍କତା ଅବଲମ୍ବନ କରାଯାଉଛି। ନେଟସ୍‌ରେ ଖେଳୁଛୁ, ଗହଳି କମିବାପରେ ଡିଉଜବଲରେ ପ୍ରାକ୍ଟିସ କରାଯାଉଛି। ନୂତନ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ଆମର ଲକ୍ଷ୍ୟ। ପ୍ରଧାନ ଶିକ୍ଷକ କହିଛନ୍ତି, ଏଠାରେ କୌଣସି ବାହାର ପିଲାଙ୍କୁ କିମ୍ବା ଡିଉଜବଲରେ ଖେଳିବା ପାଇଁ ଅନୁମତି ଦେଇନାହୁଁ।

# ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)–

ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ)ର କାର୍ଯ୍ୟକାରିଣୀ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ୟୁଟିଆର ପ୍ରତିଷ୍ଠାତା ବିକ୍ରମ କେଶରୀ ବର୍ମାଙ୍କ ୮୩ତମ ଜୟନ୍ତୀ ଅବସରରେ ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ବର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୮୫୪ ପ୍ରଧାନ ଶିକ୍ଷକଙ୍କୁ ସେମାନଙ୍କ ନିଯୁକ୍ତି ଦିବସରୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ ସରକାରୀକରଣ, ପୂର୍ବଭଳି ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା, ପ୍ରାଥମିକ ସ୍ତରରେ ନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିବସରୁ ଧାରାବାହିକ କରିବା, ପଦୋନ୍ନତିରେ ୫ବର୍ଷ ବାଦ୍ ନ ଦେବା ଆଦି ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ଭାଗବତ ପ୍ରଧାନ, ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ସମ୍ପାଦକ ଡ. ବ୍ରଜ କିଶୋର ନାୟକ, ଭିକାରୀ ଚରଣ ଧଳ, କମଳ କୁମାରୀ ଦାସ, ରାମଚନ୍ଦ୍ର ସାହୁ, ରୋଜିରାୟ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅର୍ଜୁନ ପରମଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।




୨୮୦୦ ଗ୍ରେଡ୍ ପେ', ମୂଳ ଚାକିରିରେ ୬ବର୍ଷର ଠିକା ଅବଧି ଯୋଗ ସହ ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ଦାବିରେ ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ପକ୍ଷରୁ ଲୋୟର ପିଏମ୍‌ଜିରେ ମୁହଁରେ କଳାପଟି ବାନ୍ଧି ନିରବ ବିକ୍ଷୋଭ।

# ଗଠନ ହେଲା 'ଭୁବନେଶ୍ୱର ଖବରକାଗଜ ବିତରକ ସମନ୍ୱୟ ସଂଘ'

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ବିଶ୍ୱ ହକର ଦିବସରେ ଶୁକ୍ରବାର ରାଜଧାନୀ ଭୁବନେଶ୍ୱରରେ ଥିବା ସମସ୍ତ ଖବରକାଗଜ ବିତରକ ଆସୋସିଏଶନ୍‌କୁ ନେଇ 'ଭୁବନେଶ୍ୱର ଖବରକାଗଜ ବିତରକ ସମନ୍ୱୟ ସଂଘ' ଗଠନ କରାଯାଇଛି। ଭୁବନେଶ୍ୱରର ସମସ୍ତ ବିତରକଙ୍କ ସାମାଜିକ ସୁରକ୍ଷା, ଆର୍ଥିକ ଉନ୍ନତି ଏବଂ ସମାଜରେ ଖବରକାଗଜ ବିତରକମାନେ ସମ୍ମାନର ସହ ବଞ୍ଚିବାର ହକ୍ ପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରଖିବା ଏହି ସଂଗଠନର ମୂଳ ଲକ୍ଷ୍ୟ ହେବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ସମନ୍ୱୟ ସଂଘ ପାଇଁ ନୂତନ କାର୍ଯ୍ୟକର୍ତ୍ତା ମନୋନୀତ ହୋଇଛନ୍ତି। ଅଭୟ କୁମାର ଯୋଗାଣିଆ ଏହାର ସଭାପତି ରହିଥିବାବେଳେ ଉପସଭାପତି ଭାବେ ସମ୍ପଦ କୁମାର ସାହୁ, ସମ୍ପାଦକ କମଳାକାନ୍ତ ଖାମୁରାଇ, ସହ ସମ୍ପାଦକ ଗୋବର୍ଦ୍ଧନ ପାଳ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା, ସହ କୋଷାଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ଉପଦେଷ୍ଟା ଅରୁଣ ଦେ ଏବଂ କାର୍ଯ୍ୟକାରୀ ସଭ୍ୟ ଭାବେ ପ୍ରଦୀପ୍ତ କୁମାର ବେହେରା, ସୁଶାନ୍ତ ରାଉତ, ଭାସ୍କର ସାହୁ, ସୁରଶ କୁମାର ପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି।



ନବଗଠିତ 'ଭୁବନେଶ୍ୱର ଖବରକାଗଜ ବିତରକ ସମନ୍ୱୟ ସଂଘ'ର କର୍ମକର୍ତ୍ତା ଓ ଅନ୍ୟମାନେ।

# ଶାନ୍ତିଯଜ୍ଞ କରି ପ୍ରତିବାଦ କଲେ ଚୁକ୍ତିଭିତ୍ତିକ ଶିକ୍ଷକ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ଶିକ୍ଷା ବିଭାଗ ଉପରେ ଗ୍ରହର କୁପ୍ରଭାବ ଦର୍ଶାଇ ଗାନ୍ଧୀମାର୍ଗରେ ଶାନ୍ତିଯଜ୍ଞ ସହ ହନୁମାନ ଚାଳିଶା ପାଠ। ଓଡିଶା ସରକାରୀ ହାଇସ୍କୁଲ ସିଟିବି ସଂଘର ଆହ୍ୱାନରେ ୨୦୧୬ରୁ୨୦୨୨ ମଧ୍ୟରେ ନିଯୁକ୍ତିପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକମାନେ ଶୁକ୍ରବାର ଏପରି ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି। ଦୀର୍ଘ ୮ମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ ୧୮ ହଜାର ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତିକୁ ରେଗୁଲାର କରିବା ପାଇଁ ଏସ୍‌ଓପି ଜାରି କରାଯାଉନାହିଁ। ବିଭାଗ ବାରମ୍ବାର ପ୍ରତିଶ୍ରୁତି ଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଠକି ଚାଲିଥିବା ସଂଘ ଅଭିଯୋଗ କରିଛି। ପୂର୍ବରୁ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ପରେ ସେମାନଙ୍କର ନିଯୁକ୍ତି ନିୟମିତ ହେବା ନେଇ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଗତ ୨୨ ତାରିଖରୁ ପୁଣିଥରେ ଶିକ୍ଷୟିତ୍ରୀଶିକ୍ଷକ ଶାନ୍ତିପୂର୍ଣ୍ଣ




ଧାରଣା ଦେଇଛନ୍ତି। ୨୦୨୨ ଅକ୍ଟୋବର ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେଲା ବୋଲି ଘୋଷଣା କରିଥିବାବେଳେ ୨୦୧୬ ରୁ ୨୦୨୨ ବ୍ୟାଚର ଶିକ୍ଷୟିତ୍ରୀଶିକ୍ଷକ ସେଥିରୁ ବାଦ୍ ପଡ଼ିବା ନିନ୍ଦନୀୟ ବୋଲି ସଂଘର ଉପଦେଷ୍ଟା ପ୍ରଭାତ ମହାନ୍ତି କହିଛନ୍ତି। ଅନ୍ୟତମ ଉପଦେଷ୍ଟା ବିଜୟ ମଲ୍ଲ ଓ ଶୁଭଜିତ ପ୍ରତିହାରୀ ଏସଓପି ପ୍ରକାଶ ନିମନ୍ତେ ଅହେତୁକ ବିଳମ୍ବ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସଂଘ ସଭାପତି ରାଜେନ୍ଦ୍ର ମଲ୍ଲିକ ପ୍ରକାଶଙ୍କ କହିବାନୁସାରେ, ଏପ୍ରିଲ ୧୩ରେ ପତ୍ର ସଂଖ୍ୟା ୮୪୭୪ ମାଧ୍ୟମରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ତାହା ଚୂଡାନ୍ତ ପ୍ରକ୍ରିୟା ନ ଥିଲା। ସେତେବେଳେ ଏନେଇ ଏସଓପି ଜାରି ହେବାର ଖବର ମିଳିଥିଲେ ମଧ୍ୟ ଏଯାଏ ତାହା ହୋଇନାହିଁ। ଏନେଇ ମେ' ୧ରେ ଓସେପା ଅଭିଯୋଗ ପ୍ରକୋଷ୍ଠରେ ସଂଘ ଅଭିଯୋଗ ଜଣାଇଥିଲେ। ସମାନ ଦାବି ନେଇ ବିଭିନ୍ନ ଜିଲାର ନେତୃତ୍ୱ ନିଜ ଜିଲାର ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଜିଲା ଶିକ୍ଷାଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି କୌଣସି ସୁଫଳ ମିଳିପାରିନାହିଁ। ସଂଘ ମହାସଚିବ ଦେବାଶିଷ ଜେନା କହିଛନ୍ତି, ଶିକ୍ଷକଙ୍କ ନିୟମିତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ବିଳମ୍ବ ହେବା ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନସିକ ଦୁଶ୍ଚିନ୍ତା ଭିତରକୁ ଟାଣିନେଇଛି। ସଂଘ ଆବାହକ ମନୋଜ କୁମାର ଜେନା କହିଛନ୍ତି, ବିଭାଗର ଅବହେଳା ପାଇଁ '୫-ଟି'ର ପ୍ରଥମ 'ଟି' ଏକ ପ୍ରଶ୍ନବାଚୀ ପାଲଟିଛି। ଝାରସୁଗୁଡ଼ା ଉପନିର୍ବାଚନ ପରେ ଏସ୍‌ଓପି ପ୍ରକାଶିତ ହେବାର ଥିଲା। ମାତ୍ର ତାହା ମଧ୍ୟ ହୋଇ ନ ଥିବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା ସମ୍ପାଦକ ଦେବରାଜ ସାହୁ କହିଛନ୍ତି। ତେବେ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ମହାଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ

ଖୋର୍ଦ୍ଧା ଅଫିସ,୨୬।୫

ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଞ୍ଚାୟତରେ ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା ନେଇ ଗ୍ରାମବାସୀ ଗୁରୁବାର କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଗୋଲଖ ବିହାରୀ ଶୁକ୍ଳାଙ୍କୁ ୫ଘଣ୍ଟା ଅଟକ ରଖିଥିଲେ। ମୁଣ୍ଡ ପିଛା ୧.୫ କେଜି ଚାଉଳ କଟାଯିବା ପ୍ରତିବାଦରେ ସମ୍ପୃକ୍ତ ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଗ୍ରାମବାସୀ ଗୁରୁଜଙ୍ଗ-ହଳଦିଆ ମୁଖ୍ୟରାସ୍ତା ଗାଁ ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳକୁ ଜିଲାପାଳ ନ ଆସିବା ପର୍ଯ୍ୟନ୍ତ ଧାରଣା ହଟିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ଆଦର୍ଶ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ବିଡିଓ କ୍ଷିରାବ୍ଧିତନୟା ସାହୁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଷ୍ଟକ୍ ରେଜିଷ୍ଟର ଯାଞ୍ଚ କରି ଫେରିଯାଇଥିଲେ। ତେବେ ବିଡିଓ ଗ୍ରାମବାସୀଙ୍କ ସହ କୌଣସି ଆଲୋଚନା କରି ନ ଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ବିଡିଓ ପିଇଓ ଶୁକ୍ଳାଙ୍କୁ ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନ୍ୟପକ୍ଷରେ ଗଡ଼ହଳଦିଆ ପିଇଓ ପ୍ରଶାନ୍ତ କୁମାର ଓଝାଙ୍କୁ ଚାଉଳ ବଣ୍ଟନ ଲାଗି ପରବର୍ତ୍ତୀ ନୋଟିସ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

ପ୍ରକାଶ ଯେ, ଖାଦ୍ୟ ସୁରକ୍ଷା ଯୋଜନାର ଅନ୍ତ୍ୟୋଦୟ ଯୋଜନାରେ ମୁଣ୍ଡ ପିଛା ୫ କେଜି ଚାଉଳ ବଣ୍ଟନ ନିୟମ ରହିଛି। ଉକ୍ତ ଗ୍ରାମରେ ୧୬ଶହ ହିତାଧିକାରୀ ରହିଥିବା ବେଳେ ୩ରୁ ୪ମାସ ହେବ ଚାଉଳ ହିତାଧିକାରୀ ପାଇ ନ ଥିଲେ। ପର୍ଯ୍ୟାୟକ୍ରମେ ଗ୍ରାମବାସୀଙ୍କୁ ଚାଉଳ ବଣ୍ଟନ କରାଯାଉଥିଲା। ଗୁରୁବାର ଦୁଇଟି ଗ୍ରାମର ହିତାଧିକାରୀଙ୍କୁ ଚାଉଳ ଦିଆଯିବା ସମୟରେ ମୁଣ୍ଡ ପିଛା ଦେଢ଼ କେଜି କାଟିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଗ୍ରାମବାସୀ ପିଇଓ ଶୁକ୍ଳାଙ୍କୁ ଚାଉଳ କଟାଯିବା ନେଇ ପ୍ରଶ୍ନ କରିଥିଲେ। ତେବେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପିଇଓଙ୍କୁ ୫ ଘଣ୍ଟା କାର୍ଯ୍ୟାଳୟରେ ତାଲା ପକାଇ ରଖିଥିଲେ। ସ୍ଥାନୀୟ ସରପଞ୍ଚ ସୁଦାମ ସେଠୀ ଏବଂ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ତାଙ୍କୁ ଛାଡିଥିଲେ। ଏନେଇ ସରପଞ୍ଚ

**ପିଡିଏସ୍ ଚାଉଳ ୧.୫ କେଜି କାଟିବା ଘଟଣା**
- ଗଡ଼ହଳଦିଆ ପିଇଓଙ୍କୁ ଅତିରିକ୍ତ ଦାୟିତ୍ୱ
- ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତାରୋକୋ
- ବିଡିଓ ଆଲୋଚନା ନ କରିବାରୁ ହିତାଧିକାରୀଙ୍କ ଅସନ୍ତୋଷ

ସେଠୀ କହିଛନ୍ତି, ଚାଉଳ କଟାଯିବାକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ ଖବରପାଇ ପିଇଓଙ୍କୁ ପଚାରିବା ସହ ବିଡିଓଙ୍କୁ ଜଣାଇଥିଲି। ପିଇଓ କାହା ଇଙ୍ଗିତରେ ଚାଉଳ କାଟିବାକୁ ଅନୁମତି ଦେଇଥିଲେ, ସୋମବାର ଏ ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା କରିବେ। ଏନେଇ ବିଡିଓ କ୍ଷିରାବ୍ଧିତନୟା ସାହୁ କହିଛନ୍ତି, ଚାଉଳ କଟାଯିବାକୁ କୌଣସି ନିୟମ ନାହିଁ। ଘଟଣା ସମ୍ପର୍କରେ ଖବର ପାଇବା ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଷ୍ଟକ୍ ରେଜିଷ୍ଟର ଯାଞ୍ଚ କରିଛି। ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଜିଲା ଶିକ୍ଷା ଅଧିକାରୀଙ୍କ ସମୀକ୍ଷା ବୈଠକ

**କୃଷ୍ଣପ୍ରସାଦ,୨୬।୫(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ୍‌ଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଶିକ୍ଷା ଅଧିକାରୀ ଗୁରୁତ୍ୱାରୋପ କରିବା ସହ ପରାମର୍ଶ ଦେଇଥିଲେ। ବିଦ୍ୟାଳୟକୁ ମିଳୁଥିବା ବିଭିନ୍ନ ଅନୁଦାନର ହିସାବ ସମୀକ୍ଷା କରାଯାଇଥିଲା। ବିଆରସିସି ସତ୍ୟବ୍ରତ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷା ଅଧିକାରୀ ଆଲୋଚନା କରିବା ଅବସରରେ ସମସ୍ୟାଗୁଡ଼ିକ ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ମମତା ରଥ, ସିଆରସିସି ବିଦ୍ୟାଧର ଜେନା, ରମେଶ ବେହେରା, ଦାଶରଥି ଶତପଥୀ, ସୁନୀଲ କୁମାର ଜେନା, ସୁକାନ୍ତ କୁମାର ଜେନା, ପ୍ରଦୀପ ପଲେଇଙ୍କ ସମେତ ୧୭ଜଣ ସିଆରସିସି ବୈଠକରେ ଉପସ୍ଥିତ ଥିଲେ।

### ଭାଜପା କାର୍ଯ୍ୟକାରିଣୀ ବୈଠକ

**କୃଷ୍ଣପ୍ରସାଦ,୨୬।୫(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ପଣସପଦା ପଞ୍ଚାୟତର ସିଆରା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତା ସତ୍ୟପ୍ରିୟ ଜେନା ଅଧକ୍ଷତା କରିଥିଲେ। ୧୦ନଂ. ଜୋନ୍ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଆସନ୍ତା ୩୦ ତାରିଖରୁ ଏକ ମାସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ମାର୍ଗଦର୍ଶନ କରାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନକାଳରେ ହୋଇଥିବା ଜନହିତକର କାର୍ଯ୍ୟଗୁଡ଼ିକ କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କେଳୁଚରଣ ଜେନା, ରବୀନ୍ଦ୍ର ମାଝୀ, ସୌମ୍ୟରଞ୍ଜନ ଲେଙ୍କା, ବିନୋଦ ପଲାଇ, ପିରିଜିପୁର ସରପଞ୍ଚ ଇଂ.ମଳୟ ଜେନା, ଗୋପୀନାଥପୁର ସରପଞ୍ଚ ସରୋଜ ଲେଙ୍କା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ଗମ୍ଭାରି ସରପଞ୍ଚ ସୁଶାନ୍ତ ପରିଡ଼ା, ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ମାଣିକା ସରପଞ୍ଚ ଜିକୃନ ବିବି ପ୍ରମୁଖ ଯୋଗଦେଇଥିଲେ।

### ପର୍ଶୁରାମ ହରିଚନ୍ଦନଙ୍କ ଶ୍ରାଦ୍ଧୋତ୍ସବ

**ଗମ୍ଭାରୀମୁଣ୍ଡା,୨୬।୫(ଡି.ଏନ୍.ଏ.):** ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପର୍ଶୁରାମ ମହାବିଦ୍ୟାଳୟ ପରିସରରେ ବିପ୍ଳବୀ ନାଟ୍ୟକାର ତଥା ସାମାଜିକକର୍ମୀ ପର୍ଶୁରାମ ହରିଚନ୍ଦନଙ୍କ ୪୬ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରେମରାଜ ପ୍ରଧାନଙ୍କ ସଭାପତିତ୍ୱରେ ଅତିଥିଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତସିଂହାର, ପୂର୍ବତନ ଅଧକ୍ଷ ସଂଗ୍ରାମ କେଶରୀ ସାହୁ, ମୁଖ୍ୟ ବକ୍ତାଭାବେ ବାଳମୁକୁନ୍ଦ ଦାସ ଯୋଗଦେଇଥିଲେ। ଡା.ସୁରେନ୍ଦ୍ର ନାଥ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗୋଲଖ ବିହାରୀ ପଟ୍ଟନାୟକ, ଦୁଷ୍ମନ୍ତ ହରିଚନ୍ଦନ, ଗୀତାଞ୍ଜଳି ବିଶ୍ୱାଳ, ନିରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଚିଲିକାର ପୂର୍ବତନ ବିଧାୟକ ବିଭୁତି ଭୂଷଣ ହରିଚନ୍ଦନ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ଘଟଣା, ଜଣେ ଗିରଫ

**ଜଟଣୀ,୨୬।୫(ଡି.ଏନ୍.ଏ.)**

ବିଦ୍ୟୁତ୍ କର୍ମଚାରୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିବା ଘଟଣାରେ ଜଟଣୀ ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ହରିପୁର ଗ୍ରାମର ଦୀପକ କୁମାର ରାଉତରାୟ(୨୨)। ସୂଚନା ମୁତାବକ, ଏହି ଥାନା ଅଧୀନ ହରିପୁର ଗ୍ରାମରେ କେହି ଜଣେ ବିଦ୍ୟୁତ୍ ଚୋରି କରୁଥିବା ନେଇ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ନୀହାର ରଞ୍ଜନ ସାହୁ ଜାଣିବାକୁ ପାଇଥିଲେ। ଏହା ପରେ ସେ ଅନ୍ୟ କର୍ମଚାରୀଙ୍କୁ ନେଇ ତଦନ୍ତ ପାଇଁ ଯାଇଥିଲେ। ତଦନ୍ତ ବେଳେ ଦୀପକ ଓ ତାଙ୍କ ସମର୍ଥକମାନେ ନୀହାରଙ୍କୁ ଗାଳି କରିବା ସହ ମାଡ଼ ମାରିଥିଲେ। ଏନେଇ ନୀହାର ଗତ ୨୦ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୯୫/୨୩)ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଦୀପକଙ୍କୁ ଶୁକ୍ରବାର ଗିରଫ କରିଥିଲା। ଏହି ଘଟଣାରେ ଜଡ଼ିତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି।

# ନୃତ୍ୟ, ସଙ୍ଗୀତରେ ଦର୍ଶକ ବିଭୋର



ବେଗୁନିଆ ବ୍ଲକ ଅଧୀନ ଗୋବିନ୍ଦପୁରରେ ଆୟୋଜିତ ଶୀତଳଷଷ୍ଠୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବେଗୁନିଆ,୨୬।୫(ଡି.ଏନ୍.ଏ.)**

**ଗୋବିନ୍ଦପୁରରେ ଶୀତଳଷଷ୍ଠୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଆୟୋଜିତ ଶୀତଳଷଷ୍ଠୀ ମହୋତ୍ସବ 'ସମ୍ଭବ-୨୦୨୩'ର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କମିଟି ସଭାପତି ସରୋଜ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଜୟ ପଟ୍ଟନାୟକ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ମଦନ ମୋହନ ସାହୁ, ବଡ଼ବେରଣା ସରପଞ୍ଚ ଅସିତ୍ ତ୍ରିପାଠୀ, ବିଶ୍ୱଜିତ ମିଶ୍ର, ଗ୍ରାମ୍ୟ କମିଟିର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଦେଶ କିମ୍ବା ବିଦେଶ ମାଟି ସବୁଠି ଗାଁର ପୁରାତନ ଲୋକକଳା ଲୋଡ଼ା ପଡିଥାଏ। ଏହାକୁ ଗ୍ରାମର ଲୋକେ ଜାଣିପାରନ୍ତି ନାହିଁ। ଏହା କେବଳ ମନୋରଞ୍ଜନରେ ସୀମିତ ନ ଥାଏ, ବରଂ ଆଧ୍ୟାତ୍ମିକ ଓ ସୃଜନାତ୍ମକ ଚେତନା ସୃଷ୍ଟି କରିଥାଏ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଓଡ଼ିଶୀ ସଙ୍ଗୀତ, ନିମାପଡ଼ାର ପାଇକ ଆଖଡ଼ା ପ୍ରଦର୍ଶନ, ବ୍ରହ୍ମଗିରିର ସ୍ମୃତି ଗୋଟିପୁଅ, ଭୁବନେଶ୍ୱରର ରତନ ମର୍ଡନ ଡ୍ୟାନ୍ସ ଆଦି ବିଭିନ୍ନ ଲୋକକଳା ପରିବେଷଣ ହୋଇଥିଲା। ଖଞ୍ଜଣି ଭଜନ ସମାରୋହ ଏବଂ ବାଦ୍ୟକାର ସପନୀଙ୍କ କଳା ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ଅଖିଳେଶ ମହାପାତ୍ର ଓ ସନ୍ତୋଷ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଅଞ୍ଚଳର ୫ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ଯେ, ପ୍ରତିବର୍ଷ ଭଳି ଚଳିତବର୍ଷ ଗ୍ରାମର ଆରାଧ୍ୟ ବାଲୁଙ୍କେଶ୍ୱର ଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ଗତ ଗୁରୁବାର ଠାରୁ ଆରମ୍ଭ ହୋଇଛି। ସନ୍ଧ୍ୟାରେ ବାଲୁଙ୍କେଶ୍ୱର ବିମାନରେ ଗ୍ରାମ ପରିକ୍ରମା କରିବା ସହ ଚାଚେରି ଭୋଗ ଲାଗି କରାଯାଇଛି। ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଅଙ୍କୁରାରୋପଣ, ଶାଳାମଣ୍ଡନ ପରେ ଶୁକ୍ରବାର ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଧି ମୁତାବକ ସୂର୍ଯ୍ୟପୂଜା, ଗୋପୂଜା ଆଦି ସମ୍ପନ୍ନ ହୋଇଥିଲା। ଗ୍ରାମର ବିଭିନ୍ନ ମନ୍ଦିରରୁ ୫ ଚଳନ୍ତି ପ୍ରତିମା ବିମାନରେ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପକୁ ଆସି ଅତିଥି ଠାକୁରଭାବେ ପୂଜା ପାଉଛନ୍ତି।

### ୧ରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ଗମ୍ଭାରୀମୁଣ୍ଡା,୨୬।୫(ଡି.ଏନ୍.ଏ.):** ଆସନ୍ତା ଜୁନ ୧ରେ ବାଣପୁର ପଲଟଣ ପଡିଆସ୍ଥିତ ଶହୀଦ କୃତିବାସ ଭବନ ପରିସରରେ ଆୟୋଜିତ ହେବ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର। ସ୍ୱେଚ୍ଛାସେବୀ ସଙ୍ଗଠନ ୪୯୯ ଗ୍ରୁପ ଓଡ଼ିଶା ଓ ଜୟ ହିନ୍ଦ୍ ସେବା ଫାଉଣ୍ଡେଶନ ମିଳିତ ଆନୁକୁଲ୍ୟରେ ଆଇଜିକେସି ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ଭୁବନେଶ୍ୱର ଦ୍ୱାରା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଯେଉଁମାନେ ଚିକିତ୍ସା ପାଇଁ ଆସିବେ ଆଧାରକାର୍ଡ କିମ୍ବା ଭୋଟ ପରିଚୟପତ୍ର ଆଣିବାକୁ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଛି।

# ଉଦୟଗିରିରେ ନାଟ୍ୟ ମହୋତ୍ସବ

**କୃଷ୍ଣପ୍ରସାଦ,୨୬।୫(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତ ଉଦୟଗିରି ଗ୍ରାମର ବୃନ୍ଦାବନ ଚନ୍ଦ୍ର ଦେବ ଓ ଭୁରୁକୁମା ଦେବୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜ୍ଞାନ ଶିକ୍ଷକ ବୁଲୁ କୁମାର ଜେନା ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ଶିକ୍ଷାବିତ୍ ସଦାନନ୍ଦ ଗୌଡ଼ଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ମୁଖ୍ୟ ବକ୍ତା ଶିକ୍ଷାବିତ୍ ଡ. ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥିଭାବେ ଉଦୟଗିରି ଗ୍ରାମ୍ୟ କମିଟି ସଭାପତି ମଦନ ପଲାଇ, ସମ୍ପାଦକ ସୁବାସ ଜେନା, ନୀଳମାଧବ କ୍ଲବ ସଭାପତି ବିକାଶ ପଲାଇ, ସମ୍ପାଦକ ଚିନ୍ମୟ ଗୌଡ଼, ପୂର୍ବତନ ସରପଞ୍ଚ ଅଜୟ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜକିଶୋର ଗୌଡ଼, ପୂର୍ଣ୍ଣଚନ୍ଦ୍ର ଦଳେଇ, ଗୋଲଖ ବିହାରୀ ଦଳବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ନାଟକ ଆଖି ଅବୁଝାକୁ ଲୁହ ଅବୁଝା, ଭାଇ ଭଉଣୀର ନୂଆ କାହାଣୀ ଦୁଇଦିନ ଧରି ମଞ୍ଚସ୍ଥ ହୋଇଥିଲା। ନାଟକରେ ବିଜୟ ବିଶ୍ୱାଳ, ଯୋଗେନ୍ଦ୍ର ପଲାଇ, ବିକ୍ରମ ବିଶ୍ୱାଳ ପ୍ରମୁଖ ନିର୍ଦ୍ଦେଶନା ଦେଇଥିଲେ। ନୀଳମାଧବ କ୍ଲବର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ସହଧର୍ମିଣୀ ନମିତା ମହାପାତ୍ର ଏବଂ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ମହୋତ୍ସବରେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଦୈତାରୀ ବିଶ୍ୱାଳ ମଞ୍ଚକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ଯୁଧିଷ୍ଠିର ପଲାଇ ଧନ୍ୟବାଦ ଦେଇଥିଲେ।

# 'ମେଧାବୀଙ୍କୁ ପୁରସ୍କାର ମହାନତାର ନିଦର୍ଶନ'

**ବାଲିପାଟଣା,୨୬।୫(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ଓଡ଼ଖଣ୍ଡ ସୋଧୁଅ ହରିଜନ ଆବାସିକ ବିଦ୍ୟାଳୟରେ ଶୁକ୍ରବାର ଏକ ମେଧାବୀ ସମ୍ମାନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ସାଥୁଆଙ୍କ ସଭାପତିତ୍ୱରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ସହଯୋଗର ହାତ ବଢ଼ାଇ ରାଜ୍ୟ ଘରୋଇ ହୋମିଓ ପ୍ୟାଥିକ ସଂଘ ସଭାପତି ନେତ୍ରାନନ୍ଦ ଭୋଇ ୨ଲକ୍ଷ ଟଙ୍କାର ସହାୟତା ଦେଇ ମହାନତାର ପରିଚୟ ପ୍ରଦାନ କରିଛନ୍ତି। ଡା. ନେତ୍ରାନନ୍ଦ କହିଥିଲେ, ଏହି ସହଯୋଗ ମେଧାବୀଙ୍କୁ ପ୍ରେରଣା। ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ରାଜକିଶୋର ବାରିକ, ରାଜକିଶୋର ପରିଡ଼ା, କୈଳାସ ସେଠୀ, ବଳରାମ ମଲ୍ଲିକ, କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାରୁ ଟଙ୍କା ଥିବା ବ୍ୟାଗ୍ ପାଇ ଫେରାଇଲେ



**ନିରାକାରପୁର,୨୬।୫(ଡି.ଏନ୍.ଏ.)**

**ଶିକ୍ଷାବିତ୍, ଖବରଦାତାଙ୍କ ସଚ୍ଚୋଟତା**

ସମାଜରେ ଏବେ ବି ବଞ୍ଚିଛି ସଚ୍ଚୋଟତା। ରାସ୍ତାରୁ ଟଙ୍କା, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଥିବା ବ୍ୟାଗ ପାଇ ଶୁକ୍ରବାର ଫେରାଇଛନ୍ତି ନିରାକାରପୁର ଥାନା ଅଧୀନ ଆରେଡି ଗ୍ରାମର ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଜେନା ଓ ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ। ସୂଚନା ମୁତାବକ, କୌଣସି କାମରେ ଖବରଦାତା ପଟ୍ଟନାୟକ ଓ ଶିକ୍ଷାବିତ୍ ଜେନା ପୁରୀ ଜିଲା ଜଙ୍କିଆ ଗଡ଼ସାହିକୁ ଯାଇ ରାତି ୮ଟାରେ ଘରକୁ ଫେରୁଥିଲେ। ସେହି ସମୟରେ ନୟାଗଡ ଜିଲା ରଣପୁର ଥାନା ଅନ୍ତର୍ଗତ ରାଜବାଟୀ ନୂଆସାହି ପର୍ଶୁରାମ ସାହୁଙ୍କ ପରିବାର ପୁରୀରୁ ଏକ ଅଟୋରେ ଘରକୁ ଫେରୁଥିବା ବେଳେ ସେମାନଙ୍କର ଏକ ବ୍ୟାଗ୍ ନୂଆ ଜଗନ୍ନାଥ ସଡ଼କ କେଶରପୁର ନିକଟରେ ଖସିପଡ଼ିଥିଲା। ତେବେ ଅଟୋ ପଛରେ ଆସୁଥିବା ଶିକ୍ଷାବିତ୍ ଓ ଖବରଦାତା ଏହି ବ୍ୟାଗ୍ ପାଇଥିଲେ। ଉକ୍ତ ବ୍ୟାଗ୍‌ରେ ଏକ ଆଧାର କାର୍ଡ, ମୋବାଇଲ, ୨୧୦ ଟଙ୍କା, କସ୍‌ମେଟିକ୍, ଟିଫିନ ଥିବା ଦେଖିବାକୁ ପାଇଥିଲେ। ଆଧାର କାର୍ଡରୁ ଫୋନ ନମ୍ବର ପାଇ ଉକ୍ତ ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରିଥିଲେ। ଶୁକ୍ରବାର ଅପରାହ୍ନରେ ନିରାକାରପୁର ସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ଉକ୍ତ ପରିବାର ସଦସ୍ୟ ପହଞ୍ଚି ବ୍ୟାଗ୍‌ଟିକୁ ନେଇଥିଲେ। ଏଥିସହ ଖବରଦାତା ପଟ୍ଟନାୟକ ଓ ଶିକ୍ଷାବିତ୍ ଜେନାଙ୍କୁ ସାଧୁବାଦ ଜଣାଇଥିଲେ।

# ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ କ୍ୱାଲିଫାୟର ଆରମ୍ଭ

**ଜଟଣୀ,୨୬।୫(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଆଶ୍ରୟ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଏଫ୍‌ଜେଡ୍ ଫୋରଜା ଓଏସବିଏ ସବ୍-ଜୁନିୟର (ଅଣ୍ଡର୧୭) ଅଲ ଓଡ଼ିଶା ଷ୍ଟେଟ ବ୍ୟାଡ୍‌ମିଣ୍ଟନ ରାଙ୍କିଙ୍ଗ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନ, ପୌରକନିଷ୍ଠ ଯନ୍ତ୍ରୀ ଦୀପକ ସ୍ୱାଇଁ ଯୋଗଦେଇ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ୩୦ଜିଲାର ୧୩୪ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ବାଳକ ସିଙ୍ଗଲ୍ସ, ବାଳିକା ସିଙ୍ଗଲ୍ସ, ବାଳକ ଡବଲ୍ସ, ବାଳିକା ଡବଲ୍ସ ଏବଂ ମିକ୍ସ ଡବଲ୍ସ ବିଭାଗରେ ୫୬ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସମସ୍ତ ଖେଳକୁ ରେଫରି ସୁଧୀର ମିଶ୍ର ପରିଚାଳନା କରିଥିଲେ। ସୌଭାଗ୍ୟ ଜଗଦେବ, ରସିକ ପଟେଲ, ଅବଦୁଲ ହାକିମ, ବସନ୍ତ ବେହେରା, ସୁନୀଲ ପାଢ଼ୀ, ପୃଥ୍ୱୀରାଜ ଦାସ, ଡ. ବେଣୁଧର ଦାସ, ଦିପୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ୭.୨୮ ଲକ୍ଷ ଲୁଟ୍

**ଖୋର୍ଦ୍ଧା ଅଫିସ,୨୬।୫**

ଗତ କିଛିଦିନର ନୀରବତା ପରେ ଖୋର୍ଦ୍ଧାରେ ପୁଣି ମାତିଛନ୍ତି ଲୁଟେରା। ଏମାନଙ୍କ ଟାର୍ଗେଟରେ ରହିଛନ୍ତି ଫାଇନାନ୍ସ କମ୍ପାନୀ ଏଜେଣ୍ଟ। ଶୁକ୍ରବାର ଅପରାହ୍ନ ୩ଟା ୩୦ରେ ଆଦର୍ଶ ଥାନା ସାମନ୍ତରାପୁର ବୁଢ଼ିବଗିଚା ଛକରୁ ଦୁଇଜଣ ବ୍ଲାକ୍ ପଲ୍‌ସରଧାରୀ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ୭ ଲକ୍ଷ ୨୮ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ନିକଟ ଦୋକାନରେ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଲୁଟ୍ ସମୟର ଦୃଶ୍ୟ କଏଦ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ କମ୍ପାନୀ ମ୍ୟାନେଜରଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ନବୀନାବାଗସ୍ଥିତ ଏକ ଘରୋଇ ଫାଇନାନ୍ସ କମ୍ପାନୀର ଦୁଇ କର୍ମଚାରୀ ବ୍ୟାଗ୍‌ରେ ୭ ଲକ୍ଷ ୨୮ହଜାର ଟଙ୍କା ନେଇ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ଜମା କରିବା ଲାଗି ବାଇକ୍‌ରେ ଯାଉଥିଲେ। ଏହି ସମୟରେ ପଛପଟୁ ସେମାନଙ୍କୁ ପିଛା କରିଥିଲେ ଦୁଇ ବ୍ଲାକ୍ ପଲ୍‌ସରଧାରୀ ଯୁବକ। ଚାଳକ ଲାଲ୍‌ରଙ୍ଗର ଟୋପି ଏବଂ ପଛରେ ବସିଥିବା ଯୁବକ ଧଳାରଙ୍ଗର ଟୋପି ପରିଧାନ କରିଥିଲେ। ରାସ୍ତା ଶୂନ୍‌ଶାନ୍‌ର ସୁଯୋଗ ନେଇ ପଲ୍‌ସର ପଛରେ ବସିଥିବା ଯୁବକ ଜଣକ ଟଙ୍କା ଭର୍ତ୍ତି ବ୍ୟାଗ୍ ଝାମ୍ପିଥିଲେ। ଫଳରେ ଫାଇନାନ୍ସ କର୍ମଚାରୀ ବାଇକ୍‌ରୁ ଖସିପଡ଼ିଥିଲେ। ପରେ ପଲ୍‌ସରଧାରୀ ଯୁବକ ତାଙ୍କ ବ୍ୟାଗ୍ ଝାମ୍ପିନେଇ ପଳାଇବା ବେଳେ ଫାଇନାନ୍ସ କର୍ମଚାରୀ ସେମାନଙ୍କ ପିଛା କରିଥିଲେ ମଧ୍ୟ ଧରିପାରି ନ ଥିଲେ। ଲୁଟେରାଦ୍ୱୟ ଖୋର୍ଦ୍ଧା ଟାଉନ ଅଭିମୁଖେ ଦ୍ରୁତଗତିରେ ପଳାଇଥିଲେ। ଏନେଇ କମ୍ପାନୀ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।


ସିସିଟିଭିରେ କଏଦ ଦୃଶ୍ୟ।

- ଖୋର୍ଦ୍ଧାରେ ବ୍ଲାକ୍ ପଲ୍‌ସର ଆତଙ୍କ
- ସିସିଟିଭି ଫୁଟେଜ୍‌ରେ ଲୁଟ୍‌ର ଦୃଶ୍ୟ

# ଘର ତାଲା ଭାଙ୍ଗି ୮ଲକ୍ଷ ଟଙ୍କାର ଅଳଙ୍କାର ନେଇଗଲେ

**ନିରାକାରପୁର,୨୬।୫(ଡି.ଏନ୍.ଏ.)**

ନିରାକାରପୁର ଥାନା ଅଧୀନ ମଞ୍ଜାରିଆ ପାଟଣାର ଧନେଶ୍ୱର ତ୍ରିପାଠୀଙ୍କ ଘରୁ ଗୁରୁବାର ରାତିରେ ୮ଲକ୍ଷ ଟଙ୍କାର ସୁନା ରୁପା ଅଳଙ୍କାର ଚୋରି ହୋଇଛି। ଏନେଇ ଧନେଶ୍ୱରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୨୩/୨୩) ରୁଜୁ ହୋଇଥିବା ବେଳେ ଶୁକ୍ରବାର ପୋଲିସ ସନ୍ଦେହରେ ୩ ଜଣଙ୍କୁ ଆଣି ପଚରାଉଚରା ଚଳାଇଛି। ଅଭିଯୋଗ ମୁତାବକ, କିଛିଦିନ ହେବ ଧନେଶ୍ୱର ପରିବାର ସହ ଶ୍ୱଶୁରଘର ବୁଲିବା ପାଇଁ ଯାଇଥିଲେ। ତବେ ତାଙ୍କ ରୁମ୍ ତାଲା ପଡିଥିବା ବେଳେ ଅନ୍ୟ ରୁମ୍‌ରେ ଦୁଇଭାଇ ଶୋଇଥିଲେ। କେହି ଦୁର୍ବୃତ୍ତ ବାରିପଟ ଗ୍ରୀଲ ତାଲା ଭାଙ୍ଗି ଘରେ ପଶିବା ସହ ପରିବାର ଲୋକ ଶୋଇଥିବା ଘର କବାଟ ଆଗପଟୁ ଶିଙ୍କୁଳି ପକାଇ ଦେଇଥିଲେ। ପରେ ଦୁର୍ବୃତ୍ତ ଧନେଶ୍ୱରଙ୍କ ରୁମ୍‌ର ତାଲା ଭାଙ୍ଗି ପଶିଥିଲେ। ଗଡ୍‌ରେଜ ତାଲା ଭାଙ୍ଗି ଲକରରେ ଥିବା ୨ଟି ହାର, ମଙ୍ଗଳସୂତ୍ର, ୩ଟି ଚେନ୍, ୧୦ଟି ମୁଦି, ୩/୪ ହଳ କାନର ଝରା ଓ ଫୁଲ, ୧୫୦ ଗ୍ରାମ୍‌ରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ନେଇଯାଇଥିଲେ। ଏଥିସହ ଦୁର୍ବୃତ୍ତମାନେ ଅନ୍ୟ ବାକ୍ସ ବାରିପଟେ ଫିଙ୍ଗିଦେବା ସହ କିଛି କୂଅରେ ଫୋପାଡ଼ି ଦେଇ ପଳାଇଥିଲେ। ରାତି ପ୍ରାୟ ସାଢ଼େ ୨ଟାରେ ପରିବାର ଲୋକ ପରିସ୍ରା କରିବା ପାଇଁ କବାଟ ଖୋଲିଲାବେଳକୁ ବାହାରୁ ଦିଆଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଫୋନ୍‌ରେ ପଡ଼ିଶା ଲୋକଙ୍କୁ ଜଣାଇବା ପରେ ସେମାନେ ଆସି କବାଟ ଖୋଲିବାରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।



## ସଂକ୍ଷେପରେ

### ମା' ବାସେଳୀ ଠାକୁରାଣୀଙ୍କ ଜଳାଶାୟୀ ଉତ୍ସବ

ପୁରୀ ଅଫିସ, ୨୬।୫: ଶୀତଳଷଷ୍ଠୀ ଅବସରରେ ଗୁରୁବାର ପୁରୀ ବାସେଳିସାହିର ମା' ବାସେଳୀ ଠାକୁରାଣୀଙ୍କ ଜଳାଶାୟୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ପୂଜାର୍ଚ୍ଚନା ପରେ ଠାକୁରାଣୀଙ୍କୁ ବେଶ କରାଯାଇ ଜଳାଶାୟୀ ନିମନ୍ତେ ପ୍ରସ୍ତୁତ କରାଯାଇଥିଲା। ପାଣିଆ ସେବକଙ୍କ ଦ୍ୱାରା ବାସେଳୀଙ୍କ କୂଅରୁ ପାଣି କଢ଼ାଯାଇଥିଲା। ପରେ ସାହିର ଅନେକ ବ୍ରାହ୍ମଣ ଯୁବକ ନୂଆ ପଇତା ପରିଧାନ କରି ୧୦୦୮ ଅଭିମନ୍ତ୍ରିତ ଜଳ ମା'ଙ୍କ ଗମ୍ଭିରାରେ ଢାଳିଥିଲେ। ଦୀର୍ଘ ତିନିଘଣ୍ଟା ପରେ ଭଗବତୀ ମା' ବାସେଳୀ ଗମ୍ଭିରା ଭିତରେ ଜଳାଶାୟୀ ହୋଇ ଅତ୍ୟନ୍ତ ଶାନ୍ତ ଓ ସୁଶୋଭିତ ମୁଦ୍ରାରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ଏହି ସୁବାସିତ ଜଳ ଗମ୍ଭିରାକୁ ଖୋଲାଯାଇଥିଲା। ଏହି ଜଳରେ ସ୍ନାନ କଲେ ମାଆଙ୍କ ଆଶିଷ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ସାହିର ପିଲାମାନେ ମା'ଙ୍କ ଜଳାଶାୟୀ ଜଳରେ ସ୍ନାନ କରି ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ। ମା' ବାସେଳୀ ସମିତି ଦ୍ୱାରା ଉତ୍ସବ ପରିଚାଳିତ ହୋଇଥିଲା।

### ବଟି ଆଦାୟ କରି ଜଣେ ଗିରଫ

ପୁରୀ ଅଫିସ,୨୬।୫- ପର୍ଯ୍ୟଟକମାନଙ୍କଠାରୁ ବଟି ଆଦାୟ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୌଡବାଡ ସାହି ରିଫିଫୁଜି କଲୋନୀର ଅକ୍ଷା ମଲ୍ଲିକ୍ ଓରଫ ଅଖାରୀ (୪୨)। ପୋଲିସ ଅଖାରୀଠାରୁ ଗୋଟିଏ ଛୁରି ଏବଂ ୨୫୦ ଟଙ୍କା ଜବତ କରିଛି। ଏନେଇ ପୋଲିସ ନଂ.୮୩/୨୩ରେ ଏକ ମାମଲା ରୁଜୁ କରିଛି।

### ମେଧାବୀ ବିଦ୍ୟାର୍ଥୀ ସମାଜ ପାଇଁ ଉତ୍ସର୍ଗୀକୃତ ହେବା ଆବଶ୍ୟକ

ନିମାପଡ଼ା,୨୬।୫(ଡି.ଏନ୍.ଏ.)- ମେଧାବୀ ଛାତ୍ରୀଛାତ୍ର, ବିଦ୍ୟାର୍ଥୀମାନେ ଭବିଷ୍ୟତରେ ଦେଶ, ସମାଜ ପାଇଁ ଉତ୍ସର୍ଗୀକୃତ ହେବା ଆବଶ୍ୟକ। ଲୋକଙ୍କ ସେବା କରିବାକୁ ଦୃଢ଼ ଇଚ୍ଛାଶକ୍ତି ଥିଲେ ଅନେକ ମାଧ୍ୟମ ଆସିବ, କଠିନ ପରିଶ୍ରମ ହିଁ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଆଣିବ ବୋଲି ବିଧାୟକ ସମୀର ରଞ୍ଜନ ଦାଶ ନିମାପଡ଼ା ପଞ୍ଚାୟତ ସମିତି ସଭାକକ୍ଷରେ ଆୟୋଜିତ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବ ଯୋଗଦେଇ ମତପ୍ରକାଶ କରିଛନ୍ତି। ସମାରୋହରେ ସମ୍ମାନିତ ଅତିଥି ଭବେ ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଗୋପ ପଞ୍ଚାୟତ ସମିତି ଅଧକ୍ଷ ଝୁନୁ ମଲ୍ଲିକ, ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ ଜଗତପ୍ରସାଦ ସାବୁତ, ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଲ କୁମାର ବ୍ରହ୍ମା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପ୍ରତ୍ୟେକ ଛାତ୍ରୀଛାତ୍ର ଭଲ ମଣିଷ ହୋଇ ମାଟି, ଦେଶ ପାଇଁ ଟେକ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ସମାରୋହରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ନିମାପଡ଼ା ବ୍ଲକର ୨୪ଜଣ ଓ ଗୋପ ବ୍ଲକର ୧୯ଜଣ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ମୋଟ ୪୩ଜଣ ଛାତ୍ରୀଛାତ୍ରଙ୍କୁ ବିଧାୟକ ଦାଶ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ନିମାପଡ଼ା ବ୍ଲକର ଟପ୍ପର ଛାତ୍ରୀ ଅନନ୍ୟାମୟୀ ମିଶ୍ର ଓ ଗୋପ ବ୍ଲକର ଟପ୍ପର ଛାତ୍ରୀଛାତ୍ର ଇପ୍ସିତା ମିଶ୍ର ଓ ସୂର୍ଯ୍ୟାଂଶ ସାଶମଲ ଏହି ସଫଳତା ସମ୍ପର୍କରେ ନିଜ ଅନୁଭୂତି ବଖାଣିଥିଲେ। ସମାରୋହରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ପ୍ରମୁଖ ଯୋଗଦେଇଥିଲେ।

# କାଠଚକ୍ର ବାଣରେ ପ୍ରକମ୍ପିତ ହେଲା ଶୈବପୀଠ

ପିପିଲି,୨୬।୫(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ନିକଟସ୍ଥ ବାଗେଶ୍ୱରପୁର ଗ୍ରାମରେ ପ୍ରସିଦ୍ଧ ଶ୍ରୀରାମେଶ୍ୱର ଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ୧୭୭୦ ମସିହାରୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ଉତ୍ସବର ସମସ୍ତ ରୀତିନୀତି ସହ ଶ୍ରୀରାମେଶ୍ୱର ଦେବ ଓ ମା ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଏହାପରେ ଶୀତଳ ଷଷ୍ଠୀ ଦିନ ପ୍ରଭୁ ରାମେଶ୍ୱର ଓ ମା' ପାର୍ବତୀଙ୍କ ସହ ସୁସଜ୍ଜିତ ବିମାନରେ ଗ୍ରାମକୁ ଯାଇ ନଗର ପରିକ୍ରମା କରିବା ପରେ ଶୁକ୍ରବାର ସପ୍ତମୀ ଦିନ ବାଣମରା ପର୍ବ ପାଳନ ହୋଇଥିବା ମୁଖ୍ୟ ପୂଜକ ଚନ୍ଦ୍ର ଶେଖର ପଣ୍ଡା କହିଛନ୍ତି। ବାଗେଶ୍ୱରପୁର, କଣ୍ଣପୁର ଓ ଜମ୍ବିଲା ଗ୍ରାମବାସୀ ଆନନ୍ଦଉଲ୍ଲାସରେ କାଠଚକ୍ର ବାଣ ସହ ବିଭିନ୍ନ ପାରମ୍ପରିକ ବାଣ ପ୍ରଦର୍ଶନ କରି ପ୍ରଭୁ ଶ୍ରୀରାମେଶ୍ୱରଙ୍କୁ ନିଜ ସ୍ଥାନ ବିଜେ କରିଛନ୍ତି। ଅପରାହ୍ନ ୪ଟାରୁ ଶ୍ରୀରାମେଶ୍ୱର ଦେବଙ୍କ ପୀଠରେ ବାଣ ଯାତ୍ରା ଆରମ୍ଭ ହୋଇ ରାତି ପ୍ରାୟ ୮ଟା ୩୦ ପର୍ଯ୍ୟନ୍ତ ହୋଇଥିଲା। ଏହି ବାଣ ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଏହି ବାଣଯାତ୍ରାରେ ୩୬ରୁ ଉର୍ଦ୍ଧ୍ୱ କାଠ ଚକ୍ର ସହ ବାଉଁଶ ଚକ୍ର, ତୋପ ବାଣ, ଶବ୍ଦ ଭିତ୍ତିକ ବିଭିନ୍ନ ବାଣରେ ପ୍ରଦର୍ଶନ କରାଯାଇଥିଲା। ୧୫ଦିନ ପୂର୍ବରୁ ଉଭୟ ଗ୍ରାମରେ ବାଣ କାରିଗରମାନେ କାଠ ଓ ବାଉଁଶ ଚକ୍ର ବାଣ ପ୍ରଭୁଙ୍କ ରୀତିନୀତି ଅନୁସାରେ ପ୍ରସ୍ତୁତି କରିଥିଲେ। ଏହି କାଠଚକ୍ର ବାଣ ଲିମ୍ବ, ଚିଣିଆ କାଠ ଗଣ୍ଡିରେ ତିଆରି କରାଯାଇଥାଏ ବୋଲି ଗ୍ରାମର ଶ୍ରୀଧର ଆଚାର୍ଯ୍ୟ କହିଛନ୍ତି। କାଠଚକ୍ର ବାଣ ଗର୍ଜନ କରି ବୁଲିବା ସମୟରେ ଉଭୟ ଗ୍ରାମର ଲୋକେ ପୂର୍ବ ପରମ୍ପରା ଅନୁସାରେ ଗାମୁଛା ଉଡାଇ ଖୁସି ମନାଇଥାନ୍ତି ବୋଲି ଶ୍ରଦ୍ଧାଳୁ ପ୍ରମୋଦ ନନ୍ଦ କହିଛନ୍ତି। ତେବେ ରାମେଶ୍ୱର ଦେବଙ୍କ ଏହି ବାଣମରା ଉତ୍ସବରେ ଗ୍ରାମର ରାମେଶ୍ୱର ଦେବ ଯୁବ ପରିଷଦର ସଦସ୍ୟମାନେ ସହଯୋଗ କରିଥିବା ବେଳେ ଗ୍ରାମର ପ୍ରହ୍ଲାଦ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ମିଶ୍ର, ରାଜକିଶୋର ମହାପାତ୍ର, ଲୋକନାଥ ଦାଶ, ନୃସିଂହ ରଥ, ନାରାୟଣ ସାମନ୍ତରାୟ, ପଦ୍ମଚରଣ ସାମନ୍ତରାୟ, ସଉରୀ ସାମନ୍ତରାୟ, ରାମଚନ୍ଦ୍ର ମିଶ୍ର, ସନ୍ତୋଷ ମିଶ୍ର, ଅଭିମନ୍ୟୁ ମହାପାତ୍ର, ରାମଚନ୍ଦ୍ର ଷଡଙ୍ଗୀ, ଅଭିମନ୍ୟୁ ମହାପାତ୍ର, ପ୍ରକାଶ ଚନ୍ଦ୍ର ମିଶ୍ର, ସତ୍ୟବ୍ରତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ବାଣମରା ଉତ୍ସବ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ପୋଲିସ ବାହିନୀ, ଦମକଳ ବାହିନୀ ନିୟୋଜିତ କରାଯାଇଥିଲା।



ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ଲୋକଙ୍କ ଭିଡ ଜମିଛି ।

### ରାମେଶ୍ୱର ଦେବଙ୍କ ଶୀତଳଷଷ୍ଠୀ ଯାତ୍ରା ଶେଷ



ଶୀତଳ ଷଷ୍ଠୀ ତଥା ଶିବ ବିବାହ ଅବସରରେ ପୁରୀର ପଞ୍ଚମହାଦେବ ଶୁକ୍ରବାର ନଗର ପରିକ୍ରମାରେ ବାହାରି ମରିଚୀ ଠାକୁରାଣୀଙ୍କ ନିକଟରେ ପନ୍ତି ଭୋଗ ଖାଉଛନ୍ତି ।

# ଗଡିଶ୍ୱର ପୀଠରେ ଶୀତଳଷଷ୍ଠୀ ଯାତ୍ରା

ପିପିଲି,୨୬।୫(ଡି.ଏନ୍.ଏ.)

ପିପିଲି ଗୋବର୍ଦ୍ଧନପୁର ଗ୍ରାମରେ ଥିବା ଗଡିଶ୍ୱର ମନ୍ଦିରରେ ପବିତ୍ର ଶୀତଳଷଷ୍ଠୀ ଯାତ୍ରା ଓ ଶିବ ବିବାହ ଉତ୍ସବ ବୈଦିକ ରୀତିରେ ପାଳିତ ହୋଇଯାଇଛି। ବୁଧବାର ବିବାହ ଉତ୍ସବ ପାଳନ ହୋଇଥିବା ବେଳେ ଗୁରୁବାର ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁସଜ୍ଜିତ ପୁଷ୍ପକ ବିମାନରେ ପତିତପାବନଙ୍କୁ ଓ ପାଲିଙ୍କିରେ ଗଡିଶ୍ୱରଙ୍କୁ କାନ୍ଧେଇ ପିପିଲି ଟୋଲଗେଟ ଠାରୁ ବିରାଟ ଶୋଭାଯାତ୍ରାରେ ଉତ୍ସବର ମୁଖ୍ୟ କର୍ତ୍ତା ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଘର ଅର୍ଜ୍ଜୁନଗୋଦା ଗ୍ରାମ ପର୍ଯ୍ୟନ୍ତ ନିଆଯାଇଥିଲା। ପରେ ସେଠାରେ ଏକ ସ୍ୱତନ୍ତ୍ର ବନ୍ଧାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଘଣ୍ଟ ପାଟୁଆ, ହରିନାମ ସଂକୀର୍ତ୍ତନ ଓ ପାରମ୍ପରିକ ବାଦ୍ୟ ଏବଂ ଲୋକ ନୃତ୍ୟ ସହ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପରିକ୍ରମା ସମୟରେ ଗୃହିଣୀମାନେ ଦେବ ଦମ୍ପତିଙ୍କୁ ଧୂପ ଦୀପ ଏବଂ ନୈବେଦ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଦୀର୍ଘ ୯ବର୍ଷ ଧରି ପାଳିତ ହୋଇ ଆସୁଥିବାବେଳେ ମାନସିକଧାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ଆତସବାଜିର ଆୟୋଜନ କରାଯାଇଥିଲା। ବର ପିତା ଦେବେନ୍ଦ୍ର ପରଡ଼ା ହୋଇଥିବା ବେଳେ କନିଆ ପିତା ଭାବେ ପ୍ରତାପ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଶେଷରେ ପତିତପାବନ ଓ ଗଡିଶ୍ୱରଙ୍କ ମଧ୍ୟରେ ହରିହର ଭେଟ ହୋଇଥିଲା। ଏହାକୁ ଦେଖିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଶୀତଳଷଷ୍ଠୀ ପୂଜା କମିଟି ଓ ସ୍ଥାନୀୟ ଗ୍ରାମବାସୀ ପରିଚାଳନା କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟ ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଥିଲା।



ଗଡିଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି ।

# ବରଯାତ୍ରୀ ସହ ଆସି ହରଚଣ୍ଡୀଙ୍କୁ ବିବାହକଲେ ଚଣ୍ଡେଶ୍ୱର

ସାକ୍ଷୀଗୋପାଳ, ୨୬।୫(ସ୍ୱ.ପ୍ର./ଡି.ଏନ୍.ଏ.)

ସାକ୍ଷୀଗୋପାଳ ବ୍ଲକ ଅନ୍ତର୍ଗତ ଶାସନ ଶ୍ରୀରାମଚନ୍ଦ୍ରପୁର ଗାଁରେ ଶିବ ବିବାହ ନୀତି ବୈଦିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ବରପିତା ଭାବେ ବସନ୍ତ ମିଶ୍ର, ଚଣ୍ଡେଶ୍ୱର ଦେବ ଓ ବରଯାତ୍ରୀଙ୍କୁ ନେଇ ଘଣ୍ଟ, ତେଲିଙ୍ଗି ବାଜା, ମହୁରୀ, ବିଜେ କାହାଳୀ ଓ ବିରବାଦ୍ୟ ସହିତ ୫ଟି ସୁସଜ୍ଜିତ ବିମାନରେ ଯାହା ଗୋଟିଏ ବିମାନରେ ଚଣ୍ଡେଶ୍ୱର ଓ ପତ୍ନୀ ହରଚଣ୍ଡୀ ବିଜେ କରିବା ବେଳେ ଅନ୍ୟ ୪ଟି ବିମାନରେ ବରଯାତ୍ରୀ ଭାବେ ଜଟେଶ୍ୱର, ନୀଳକଣ୍ଠ, ବାଲୁଙ୍କେଶ୍ୱର, ଜମ୍ବେଶ୍ୱର, ଦଣ୍ଡା ବାଲୁଙ୍କେଶ୍ୱର, ଗୋପୀନାଥ, ହନୁମାନ ଆଦି ଠାକୁର ରୋଶଣିରେ ହରଚଣ୍ଡୀ ମନ୍ଦିରକୁ ବିଜେ କରିଥିଲେ। କନ୍ୟାପିତା ଭାବରେ ଜିତେନ୍ଦ୍ର ମହାପାତ୍ର ବାଟବରଣ କରି ଚଣ୍ଡେଶ୍ୱର ଦେବଙ୍କୁ ବେଦିକୁ ପାଛୋଟି ନେଇଥିଲେ। ବିବାହ ଉତ୍ସବରେ ଗ୍ରାମ କୋଠ ଦ୍ୱାରା ପ୍ରସ୍ତୁତି ହାବେଳି ସହ ଅନ୍ୟାନ୍ୟ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ପୁରୋହିତ ହରପ୍ରସାଦ ଦାଶ ଓ ପଣ୍ଡିତ ବିଶ୍ୱମ୍ଭର ଦାଶ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହ ଉତ୍ସବରେ ସମ୍ପାଦକ ମାନସ ତ୍ରିପାଠୀ, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାଶ, ଡାକ୍ତର ମନୋରମା ଦାଶଙ୍କ ସହିତ ଶାସନ ଗ୍ରାମର ଅନେକ ବ୍ୟକ୍ତି ଯୋଗଦେଇଥିଲେ। ଗ୍ରାମର କୌଶିକ ସାହି, ଅଷ୍ଟଯୋଗ, ସତର ଭାଗ, ୬୦ ଘର, ୪୦ ଘର ବାଘ ସାହିର ଯୁବକମାନେ ବିବାହ ସମୟରେ ପ୍ରଦର୍ଶନ କରୁଥିବା ହାବେଳି ବାଣ ପାଇଁ ଦୀର୍ଘ ଦିନ ଆଗରୁ ନିଷ୍ଠାର ସହ ରହି ବ୍ରତ ଧାରଣ କରିଥାନ୍ତି। ଖାର, ଗନ୍ଧକ ଓ ଅନ୍ୟ ସାମଗ୍ରୀ ଦ୍ୱାରା ଯେଉଁ ବାଣ ପ୍ରସ୍ତୁତି ହୋଇଥାଏ ସେହି ବାଣକୁ ରୋଶଣି ସମୟରେ ବ୍ୟବହାର କରାଯାଇଥାଏ।



ଠାକୁରଙ୍କ ବିବାହ ଉତ୍ସବ ସମ୍ପନ୍ନ କରାଯାଉଛି ।

### ଶାସନ ଶ୍ରୀରାମଚନ୍ଦ୍ରପୁରରେ ଦେବ ବିବାହ ସମ୍ପନ୍ନ

# ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ)ର କାର୍ଯ୍ୟକାରିଣୀ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ୟୁଟିଆର ପ୍ରତିଷ୍ଠାତା ବିକ୍ରମ କେଶରୀ ବର୍ମାଙ୍କ ୮୩ତମ ଜୟନ୍ତୀ ଅବସରରେ ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ବର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୮୫୪ ପ୍ରଧାନ ଶିକ୍ଷକଙ୍କୁ ସେମାନଙ୍କ ନିଯୁକ୍ତି ଦିବସରୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ ସରକାରୀକରଣ, ପୂର୍ବଭଳି ପେନ୍ସନ ବ୍ୟବସ୍ଥା ଲାଗୁ କରିବା, ପ୍ରାଥମିକ ସ୍ତରରେ ନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିବସରୁ ଧାରାବାହିକ କରିବା, ପଦୋନ୍ନତିରେ ୫ବର୍ଷ ବାଦ୍ ନ ଦେବା ଆଦି ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ଭାଗବତ ପ୍ରଧାନ, ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ସମ୍ପାଦକ ଡ. ବ୍ରଜ କିଶୋର ନାୟକ, ଭିକାରୀ ଚରଣ ଧଳ, କମଳ କୁମାରୀ ଦାସ, ରାମଚନ୍ଦ୍ର ସାହୁ, ରୋଜିରାୟ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅର୍ଜୁନ ପରମଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।



ନିମାପଡ଼ା ପଞ୍ଚାୟତ ସମିତି ସଭାକକ୍ଷରେ ଆୟୋଜିତ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

# ଭାଜପା ୩ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ନିମାପଡ଼ା,୨୬।୫(ଡି.ଏନ୍.ଏ.)

ମହାସମ୍ପର୍କ ଅଭିଯାନ ପରିପ୍ରେକ୍ଷୀରେ ନିମାପଡ଼ା ନିର୍ବାଚନମଣ୍ଡଳୀର ଧନୁଆଁ ମଣ୍ଡଳ, ବଳଙ୍ଗା ମଣ୍ଡଳ, ନିମାପଡ଼ା ଗ୍ରାମୀଣ ମଣ୍ଡଳ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଗରପଦା ମହାଦେବଙ୍କ ପ୍ରାଙ୍ଗଣ ଓ ଭଗବତୀପୁର କଲ୍ୟାଣମଣ୍ଡପରେ ଆୟୋଜିତ ଏହି ବୈଠକରେ ଅତିଥି ଭାବେ ଧନୁଆଁ ମଣ୍ଡଳ ପକ୍ଷରୁ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ବଳଙ୍ଗା ମଣ୍ଡଳ ପକ୍ଷରୁ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ନିମାପଡ଼ା ମଣ୍ଡଳ ପକ୍ଷରୁ ଭାଜପା ବରିଷ୍ଠ ନେତା ଦିଲୀପ ନାୟକ, ସଂଯୋଜକ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଯତୀନ୍ଦ୍ର ସ୍ୱାଇଁ, ପ୍ରସନ୍ନ ଦାଶ, ମାନସ ପ୍ରଧାନ ପ୍ରମୁଖ ମଣ୍ଡଳ ସଭାପତି ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୩୦ରୁ ଜୁନ୍ ୩୦ ପର୍ଯ୍ୟନ୍ତ ମହାଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହେବ। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ୯ବର୍ଷର ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ନିଷ୍ପତ୍ତି ହୋଇଥିଲା।

# ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଗୋପ,୨୬।୫(ଡି.ଏନ୍.ଏ.)

### କମ୍ ସଂଖ୍ୟକ କର୍ମଚାରୀ ଉପସ୍ଥିତିକୁ ନେଇ ଅସନ୍ତୋଷ

ଗୋପ ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଓ ବାଲ୍ୟ ନିଷେଧ କମିଟି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାତଗଣତି କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଯେ ଗ୍ରାମାଞ୍ଚଳରେ ବାଲ୍ୟ ବିବାହକୁ ନିଷେଧ, ବିଭିନ୍ନ ହୋଟେଲ ସହିତ ଅନ୍ୟାନ୍ୟ ସ୍ଥାନରେ ନାବାଳକ, ନାବାଳିକାଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଉଥିବାକୁ ବିରୋଧ କରିବା ସହ ଏ ନେଇ ଶିଶୁ ପାଇଁ ଦିନଟିଏ ଭଳି ଅନେକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମ ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେବା ଓ ସଚେତନତା ଏହାର ମୁଖ୍ୟ କାରଣ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ଜନପ୍ରତିନିଧି, ସାଧାରଣ ଲୋକମାନଙ୍କୁ ସାମିଲ କରାଯାଇ ନ ଥିଲା। ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଗୋପ ସମ୍ମିଳିତ ଶିଶୁ ବିଭାଗ ମିଳିତ ଭାବେ ଏହି କାର୍ଯ୍ୟକ୍ରମ କରାଯାଉଥିଲା। ରାଜ୍ୟ ସରକାର ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏହି ଦୁଇ ବିଭାଗ କେବଳ ଅଳ୍ପ କିଛି କର୍ମଚାରୀଙ୍କୁ ନେଇ କାର୍ଯ୍ୟକ୍ରମ କରିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ ଅଞ୍ଚଳରେ ନାବାଳିକାଙ୍କୁ ନିର୍ଯ୍ୟାତନା, ନାବାଳିକା ଅପହରଣ ଆଦି ଘଟଣା ସହିତ ଅନେକ ସମସ୍ୟା ରହିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଥିଲା। ମାତ୍ର ଗୋପ ସମ୍ମିଳିତ ଶିଶୁ ବିଭାଗ ଅଧିକାରିଣୀ ବୈଠକ ଡାକି ଅନୁପସ୍ଥିତ ରହିବା ସମସ୍ତଙ୍କୁ ଚକିତ କରିଥିଲା। ବୈଠକରେ ବିଡିଓ ଦୀପ୍ତିରାଣୀ ଦାସଙ୍କ ସହିତ ଆଉ କେତେକ ହାତ ଗଣତି କର୍ମଚାରୀ ଉପସ୍ଥିତ ଥିଲେ। ଏ ନେଇ ବିଡିଓ କହିଥିଲେ, ସିଡିପିଓ ବୈଠକ ଡାକିବା ପରେ ଅନୁପସ୍ଥିତ ରହିବା ସହ ପ୍ରଚାର ପ୍ରସାର ଆବଶ୍ୟକ।

# ୨୮ରେ ପୁରୀ ରୋଟାରି କ୍ଲବ୍ ପକ୍ଷରୁ ହାସ୍ୟକବି ଆସର

ପୁରୀ ଅଫିସ, ୨୬।୫:

ରୋଟାରି କ୍ଲବ୍ ପୁରୀ ପକ୍ଷରୁ ଆସନ୍ତା ୨୮ ତାରିଖ ରବିବାର ସନ୍ଧ୍ୟାରେ ଟାଉନହଲରେ ହାସ୍ୟକବି ଆସର ଆୟୋଜନ ହେବ। ରୋଟାରି କ୍ଲବ ଦ୍ୱାରା ପ୍ରତିଷ୍ଠିତ ଚକ୍ଷୁ ଚିକିତ୍ସା କେନ୍ଦ୍ରର ପରିଚାଳନା ପାଇଁ ଏହି ଆସର ମାଧ୍ୟମରେ ଅର୍ଥ ସଂଗ୍ରହ କରାଯିବ। ଆସରରେ ହାସ୍ୟ-ବ୍ୟଙ୍ଗ କଳାକାର ସତ୍ୟାନାଶ, ଜ୍ଞାନ ହୋତା, ସର୍ବଗିଳା, ଡ. ରମାକାନ୍ତ ମହାପାତ୍ର, ପ୍ରିୟବ୍ରତ ପଣ୍ଡା, ରାମ କିଶୋର ଶର୍ମା, ଦୁର୍ଗା ମହାପାତ୍ର, ସୁଶାନ୍ତ, ଛନ୍ଦା ମିଶ୍ର ପ୍ରମୁଖ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିବେ। ସେହିପରି ଦର୍ଶକଙ୍କ ମଧ୍ୟରୁ ଇଚ୍ଛୁକ ବ୍ୟକ୍ତି ମୃତ୍ୟୁ ପରେ ଚକ୍ଷୁଦାନ ପାଇଁ ଉତ୍ସର୍ଗ ପତ୍ରରେ ସ୍ୱାକ୍ଷର କରିବାର ବ୍ୟବସ୍ଥା ହୋଇଛି। ଚକ୍ଷୁଦାନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କ୍ଷୁଦ୍ର ଭିଡିଓ ଫିଲ୍ମ ଉନ୍ମୋଚନ ହେବ। ଏଥିରେ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ତଥା ସେଲିବ୍ରିଟିଙ୍କ ବକ୍ତବ୍ୟ ରହିବ। ଏହା ଉନ୍ମୋଚନ ହେବା ପରେ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯିବ ବୋଲି ଶୁକ୍ରବାର ରୋଟାରି ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଚକ୍ଷୁ ଚିକିତ୍ସା କେନ୍ଦ୍ରର ଚେୟାରମ୍ୟାନ ଭୀମସେନ୍ ପାତ୍ର, କ୍ଲବ୍ ସଭାପତି କମଳେନ୍ଦୁ ଦାଶ, ହାସ୍ୟ ଆସର ଆବାହକ ତପନ କୁମାର ଦାଶ, ଦେବୀପ୍ରସନ୍ନ ନନ୍ଦ ଏବଂ ଭକ୍ତ ଚରଣ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରମାବଲ୍ଲଭ ରୋଡସ୍ଥିତ ରୋଟାରୀ କ୍ଲବ୍ ପରିସରରେ ୨୦୨୧ ଜୁନ ୨୪ରେ ଚକ୍ଷୁ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ତତ୍କାଳୀନ ରୋଟାରୀ ଇଣ୍ଟର ନ୍ୟାଶନାଲର ସଭାପତି ଶେଖର ମେହେତା ଓ ରୋଟାରୀ ଜିଲା ଗଭର୍ଣ୍ଣର ସୌମ୍ୟରଞ୍ଜନ ମିଶ୍ରଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଉକ୍ତ କେନ୍ଦ୍ର କଟକସ୍ଥିତ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ସହିତ ଅନୁବନ୍ଧିତ ହୋଇ କାର୍ଯ୍ୟ କରୁଛି। ବିଗତ ୧ବର୍ଷ ୭ମାସ ମଧ୍ୟରେ ଏହି କେନ୍ଦ୍ରରେ ୯୪୪୨ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହିତ ୩୫୪ଜଣଙ୍କୁ କଟକ ପଠାଇ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି। ଚିକିତ୍ସା କେନ୍ଦ୍ରକୁ ଚଳାଇବାରେ କ୍ଲବର ସଦସ୍ୟମାନେ ସର୍ବଦା ସହଯୋଗର ହାତ ବଢ଼ାଇ ଆସିଛନ୍ତି।




ଖବରଦାତା ସମ୍ମିଳନୀରେ ରୋଟାରି କ୍ଲବ୍ ପୁରୀର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

# ପୁରୀରେ ଉଚ୍ଛେଦ ଉଠାଦୋକାନୀଙ୍କୁ ଥଇଥାନ ଦାବି

### ନବୀନ ନିବାସ ଘେରାଉ ପାଇଁ ଯିବାବେଳେ ଅଟକାଇଲା ପୋଲିସ

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ପୁରୀ ପୌରପାଳିକା ପକ୍ଷରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି। ଉଠାଦୋକାନ ଆଇନ ବା ସମ୍ବିଧାନର ଧାରା ୧୯(୧)ଛ ଓ ୨୨କୁ ନ ମାନି ପୌରପାଳିକା କର୍ତ୍ତୃପକ୍ଷ ମନମୁଖୀ ଭାବେ ଉଠାଦୋକାନ ଉଚ୍ଛେଦ କରି ଚାଲିଥିବାରୁ ଏହାକୁ ବିରୋଧ କରି ଶୁକ୍ରବାର ଭୁବନେଶ୍ୱରରେ ପ୍ରତିବାଦ କରାଯାଇଛି। ତ୍ରିନାଥ କ୍ଷୁଦ୍ର ବ୍ୟବସାୟୀ ସଂଘ ସଭାପତି ଲୋକନାଥ ବେହେରାଙ୍କ ନେତୃତ୍ୱରେ ଶହଶହ ଉଠାଦୋକାନୀ ଶୋଭାଯାତ୍ରାରେ ନବୀନ ନିବାସ ଘେରାଉ ପାଇଁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଆଲୋଚନା ପରେ ସଂଘର ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଥିଲେ। ସିଂହଦ୍ୱାରରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ଷ୍ଟ୍ରିଟ୍ ଭେଣ୍ଡରର୍ସ ଆକ୍ଟ ୨୦୧୪କୁ ତୁରନ୍ତ କାର୍ଯ୍ୟକାରୀ କରିବା, ସମ୍ବିଧାନର ଧାରା ୧୯(୧)ଛ ଓ ୨୨କୁ କାର୍ଯ୍ୟକାରୀ କରିବା, ସମସ୍ତ ଉଠାଦୋକାନୀଙ୍କୁ ଦ୍ୱିତୀୟଥର ସର୍ଭେ କରି ପରିଚୟ ପ୍ରଦାନ କରିବା, ଥଇଥାନ ନ ହେବା ଯାଏ ସେମାନଙ୍କୁ ସିଂହଦ୍ୱାର ନିକଟରେ ଦୋକାନ କରିବା ପାଇଁ ଅନୁମତି ପ୍ରଦାନ ଦେବା ଆଦି ୮ ଦଫା ଦାବି ପ୍ରଦାନ କରାଯାଇଥିଲା। ପୁରୀ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ଓ ଦାବିଗୁଡ଼ିକ ତର୍ଜମା କରାଯାଇ ୭ ଦିନ ମଧ୍ୟରେ ଜଣାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାର, ପୁରୀ ପୌରପାଳିକା ଉଚ୍ଛେଦ ଉଠାଦୋକାନୀଙ୍କୁ ତୁରନ୍ତ ଥଇଥାନ ନ କଲେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ନବୀନ ନିବାସ ଘେରାଉ କରିବ ବୋଲି ମହାସଂଘ ସଭାପତି ପ୍ରତାପ ସାହୁ ଚେତାବନୀ ଦେଇଛନ୍ତି।




ନବୀନ ନିବାସ ଘେରାଉ ପାଇଁ ପୁରୀରୁ ଆସିଥିବା ଉଠାଦୋକାନୀମାନେ ।

## ପଞ୍ଚ ଦିନାତ୍ମକ ମହାଯଜ୍ଞର ପୂର୍ଣ୍ଣାହୁତି

ନିଶ୍ଚିନ୍ତକୋଇଲି (ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତ ବାଣୀନଗରସ୍ଥିତ ଶ୍ରୀଶ୍ରୀ ଶକ୍ତିଶ୍ୱର ପୀଠରେ ଚାଲିଥିବା ପଞ୍ଚ ଦିନାତ୍ମକ ଶ୍ରୀ ବକ୍ରତୁଣ୍ଡ ଗଣପତି ମହାଯଜ୍ଞର ପୂର୍ଣ୍ଣାହୁତି ଶୁକ୍ରବାର ରାତ୍ରିରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦଧାମ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯଜ୍ଞ ନିମନ୍ତେ ୨୨ ତାରିଖରେ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରୁ ଭକ୍ତମାନେ ଜଳ ଉଠାଇ କଳସ ଶୋଭାଯାତ୍ରାରେ ଆସିଥିଲେ। ଏହାପରେ ଯଜ୍ଞ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଶ୍ରୀ ହନୁମାନ ମହାଯଜ୍ଞ, ଶିବ ବିବାହ, ଶ୍ରୀମଦ ଭଗବତ ଗୀତା ମହାଯଜ୍ଞ, ଶ୍ରୀ ଗଣପତି ମହାଯଜ୍ଞ, ଶ୍ରୀ ଲକ୍ଷ୍ମୀ ମହାଯଜ୍ଞ, ଶ୍ରୀଚଣ୍ଡୀ ମହାଯଜ୍ଞ ଆଦି କରାଯାଇ ପୂର୍ଣ୍ଣାହୁତି କରାଯାଇଥିଲା। କର୍ତ୍ତାଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, କର୍ତ୍ତି ଅନ୍ନପୂର୍ଣ୍ଣା ଜେନା ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ।

## ସଂକ୍ଷେପରେ

### ୮ ଅଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ସିଏମ୍‌ସି ସ୍ଥାୟୀ କମିଟି ନିର୍ବାଚନ**

କଟକ ଅଫିସ, ୨୬।୫: କଟକ ମହାନଗର ନିଗମ (ସିଏମ୍‌ସି)ର ୮ଟି ସ୍ଥାୟୀ କମିଟି (ଷ୍ଟାଣ୍ଡିଂ କମିଟି) ଅଧ୍ୟକ୍ଷ ନିର୍ବାଚନ ଶୁକ୍ରବାର ନିଗମ କାର୍ଯ୍ୟାଳୟ ବିଜୁ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ଟି ସ୍ଥାୟୀ କମିଟି ମଧ୍ୟରୁ ୮ଟିରେ ନିର୍ବାଚନ ହୋଇଥିଲା। ପୂର୍ବରୁ ଯେଉଁମାନେ କମିଟିର ଅଧ୍ୟକ୍ଷା ଓ ଅଧ୍ୟକ୍ଷ ଥିଲେ ପୁନର୍ବାର ସେମାନେ ନିର୍ବାଚିତ ହୋଇଛନ୍ତି। ତେବେ ବିରୋଧୀ କଂଗ୍ରେସ ଓ ଭାଜପା ପକ୍ଷରୁ ନାମାଙ୍କନପତ୍ର ଦାଖଲ କରାଯାଇ ନ ଥିଲା। ପ୍ରଥମେ ବିଭିନ୍ନ ସ୍ଥାୟୀ କମିଟି ଅଧ୍ୟକ୍ଷ ପାଇଁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଥିଲା। ଏହି କ୍ରମରେ ଯେଉଁମାନେ ପୂର୍ବରୁ ସ୍ଥାୟୀ କମିଟିର ଅଧ୍ୟକ୍ଷ ଥିଲେ ସେମାନେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହାପରେ ଅନ୍ୟ କେହି ନାମାଙ୍କପତ୍ର ଦାଖଲ କରିବା ପାଇଁ ୩୦ ମିନିଟ ସମୟ ଦିଆଯାଇଥିଲା। ମାତ୍ର କେହି ଦାଖଲ କରି ନ ଥିଲେ। ଫଳରେ ସମସ୍ତ ୮ଟି କମିଟିର ଅଧ୍ୟକ୍ଷଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରାଯାଇଥିଲା। ଡେପୁଟି କମିଶନର ଅଜୟ ମହାନ୍ତି ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ ସିଏମ୍‌ସି ମେୟର ସୁବାସ ସିଂ କାଉନସିଲ କକ୍ଷରେ ନିର୍ବାଚିତ ଅଧ୍ୟକ୍ଷଙ୍କ ନାମ ଘୋଷଣା କରିଥିଲେ।

### ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ନିଶ୍ଚିନ୍ତକୋଇଲି, ୨୬।୫(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ବଡକ୍ଷୀର ଗ୍ରାମରେ ଦୁର୍ବୃତ୍ତମାନେ ଗୁରୁବାର ରାତ୍ରିରେ ଜଣେ ବ୍ୟକ୍ତିଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ବଡ଼କ୍ଷୀର ଗ୍ରାମର ସନ୍ତୋଷ ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ସେ କେନ୍ଦୁଝରରେ ଚାକିରି କରି ସପରିବାରେ ସେଠାରେ ରହିଆସୁଛନ୍ତି। ନିକଟରେ ପଣ୍ଡାଙ୍କ ପୁତ୍ରର ବ୍ରତଘର ନିମନ୍ତେ ନୂତନ ବାସନ କୁସନ, ସ୍ୱର୍ଣ୍ଣ ଅଳଙ୍କାର ଓ ନୂତନ ପୋଷାକ ପତ୍ର ଓ ମୂଲ୍ୟବାନ୍ ଶାଢ଼ି କିଣି ବଡ଼କ୍ଷୀରସ୍ଥିତ ବାସଭବନରେ ରଖିଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରର ପଛପଟ ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ଏଥିସହ ଘରର ଗଡ୍ରେଜ ଆଲମିରା ଭାଙ୍ଗି ବିଭିନ୍ନ ସାମଗ୍ରୀ ନେଇଯାଇଛନ୍ତି।

### ବୁଥ୍‌ସ୍ତରୀୟ ଅଧିକାରୀ, ସୁପରଭାଇଜରଙ୍କ ତାଲିମ ଶିବିର

ଆଠଗଡ଼, ୨୬।୫(ସ୍ୱ.ପ୍ର.): ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏନ୍‌ଏସି, ବ୍ଲକ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଭିନ୍ନ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କ ୨ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ବେହେରା ଏଥିରେ ଯୋଗଦେଇ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ନୂତନ ଭାବେ ପ୍ରଚଳିତ ବିଏଲ୍‌ଓ ଆପ ସମ୍ପର୍କରେ ସୂଚନା ଦେଇଥିଲେ। ସେଥିରୁ ବୁଥ୍‌ସ୍ତରୀୟ ସୂଚନା ସଂଗ୍ରହ କରିବାର ସରଳ ଉପାୟ ଅଧିକାରୀମାନଙ୍କୁ କହିଥିଲେ। ଏଥିସହ ନୂତନ ଭୋଟର ପଞ୍ଜୀକରଣ, ଦରିଆପାରି ଭୋଟର, ଆଧାର ବୈଧକରଣ, ଭୋଟର ତାଲିକା ସଂଶୋଧନ ଓ ଭିନ୍ନକ୍ଷମଙ୍କ ଠିକ୍ ପଞ୍ଜୀକରଣ ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ଆଠଗଡ଼ ବିଡିଓ ପ୍ରଦୀପ କୁମାର ସାହୁ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ସହାୟକ ସୂର୍ଯ୍ୟମଣୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ନୀଳମଣୀ ନାୟକ ପ୍ରମୁଖ ସହାୟତା କରିଥିଲେ।

# ଧଳତଙ୍ଗଗଡ଼ ଚତୁଃପାର୍ଶ୍ୱରେ ପ୍ରାଚୀର ଦାବିରେ ଗଣସତ୍ୟାଗ୍ରହ

■ ବନ୍ୟଜନ୍ତୁ ସଂରକ୍ଷଣ ଓ ଚାଷୀଙ୍କ ଫସଲ ସୁରକ୍ଷା ମୁଖ୍ୟ ସମସ୍ୟା

■ ୩ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ପାଇଁ ପ୍ରତିଶ୍ରୁତି


ଗଣସତ୍ୟାଗ୍ରହରେ ସାମିଲ ହୋଇଥିବା ଚାଷୀ, ବିଭିନ୍ନ ସଙ୍ଗଠନ ସଦସ୍ୟ ଓ ଲୋକପ୍ରତିନିଧି।

ରଘୁନାଥପୁର, ୨୬।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକର ୭ଟି ପଞ୍ଚାୟତ ପରିସୀମାକୁ ଲାଗି ରହିଥିବା ଧଳତଙ୍ଗଗଡ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ ଦାବିରେ ଶୁକ୍ରବାର ଗଣସତ୍ୟାଗ୍ରହ ପୂର୍ବାହ୍ନ ୯ ଟାରୁ ଆରମ୍ଭ ହୋଇଥିଲା। ବନ୍ୟଜନ୍ତୁ ସଂରକ୍ଷଣ ଓ ଜଙ୍ଗଲୀ ହରିଣଙ୍କ ଦ୍ୱାରା ଉଜୁଡି ଯାଉଥିବା ଖରିଫ, ରବି ଓ ପନିପରିବା ଫସଲର ସୁରକ୍ଷା ଦାବିରେ ପୂର୍ବ ନିଷ୍ପତ୍ତି ମୁତାବକ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ସମ୍ପାଦକ ଇଂ.ବାବାଜୀ ଚରଣ ଜେନାଙ୍କ ନେତୃତ୍ୱରେ ରାମଚନ୍ଦ୍ରପୁରସ୍ଥିତ ମଇଁଷିଗୋଠରେ ଗଣସତ୍ୟାଗ୍ରହ କରାଯାଇଥିଲା। ଏଥିରେ ଆଖପାଖ ଗୋପାଳପୁର, ଶାଳିଜଙ୍ଗା, କାକୁଡିଆ ଓ ଅନ୍ୟାନ୍ୟ ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ। ପ୍ରତିବାଦ ସଭାରେ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ, କୃଷକ ସଙ୍ଗଠନ ସଭାପତି ଗୋବିନ୍ଦ ଜେନା, କର୍ମକର୍ତ୍ତା ଦିଲୀପ ରଥ, ସାରଦା ଦାସ, ବିନୋଦ ବିହାରୀ ମହାନ୍ତି, ପାର୍ଥଶାଖା ପାଲଟାସିଂହ, ଆଗାମୀ ଓଡ଼ିଶା ସଭାପତି ବିଜୟ ସ୍ୱାଇଁ, ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା ନିଗମାନନ୍ଦ ଦାସ ଓ ବାସୁଦେବ ଦାସ ପ୍ରମୁଖ ସରକାର ଓ ଜଙ୍ଗଲ ବିଭାଗ ବିରୋଧରେ ବର୍ଷିଥିଲେ। ହରିଣଙ୍କ ଉତ୍ପାତ ଯୋଗୁ ହଜାର ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେଉଥିବାବେଳେ ଜଙ୍ଗଲ ବିଭାଗ କେବଳ ଅଳ୍ପ କିଛି କ୍ଷତିପୂରଣ ଦେଇ ତାର କାମ ସାରିଦେଉଛି। ଏଥିରେ ମଧ୍ୟ ଅନେକ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘବର୍ଷ ତଳୁ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଲିଖିତ ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଚାଷୀମାନଙ୍କ ଜୀବନ ଜୀବିକା ପାଇଁ ପ୍ରଶାନ୍ତ କୁମାର ନାୟକ ଆତ୍ମାହୁତି ଦେବାକୁ ପ୍ରସ୍ତୁତ ବୋଲି ସତ୍ୟାଗ୍ରହ ସ୍ଥଳରେ ପ୍ରକାଶ କରି ଅନଶନରେ ବସିଥିଲେ। ୭୨ ଘଣ୍ଟା ମଧ୍ୟରେ ଏହାର ସମାଧାନ କରା ନ ଗଲେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ। ଖବରପାଇ ଆସିଷ୍ଟାଣ୍ଟ କଞ୍ଜରଭେଟର ଫରେଷ୍ଟ(ଏସିଏଫ୍) ସୌଭାଗ୍ୟ କୁମାର ସାହୁ ଓ ରେଞ୍ଜର ରବିନାରାୟଣ ମହାନ୍ତି ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝେଇବାକୁ ଉଦ୍ୟମ କରିଥିଲେ। ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କାର୍ଯ୍ୟ କେବେଠାରୁ ଆରମ୍ଭ ହେବ ସେ ସମ୍ପର୍କରେ ଚାଷୀମାନେ ଲିଖିତ ପ୍ରତିଶ୍ରୁତି ପାଇଁ ଅଡ଼ି ବସିଥିଲେ। ୧୫ ଦିନ ଭିତରେ ଅଫିସିଆଲ ପ୍ରୋସେସିଂ କରାଯାଇ ଆସନ୍ତା ୩ ମାସ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ଏସିଏଫ ସାହୁ ପ୍ରତିଶ୍ରୁତି ଦେବାପରେ ସତ୍ୟାଗ୍ରହ ସ୍ଥଗିତ ରହିଥିଲା। ଅନଶନକାରୀ ନାୟକଙ୍କୁ ଫଳରସ ଦେଇ ଅନଶନରୁ ଉଠାଇଥିଲେ। ପ୍ରତିଶ୍ରୁତି ପାଳନରେ ବ୍ୟତିକ୍ରମ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବା ସହ ଭୋଟ ବର୍ଜନ କରିବେ ବୋଲି ଏସ୍‌ଏଚ୍‌ଜି କର୍ମକର୍ତ୍ତା କଳ୍ପନା ସେଣ, ଜୟଶ୍ରୀ ଜେନା, ସଂଯୁକ୍ତା ସ୍ୱାଇଁ, ସାରଳା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଗଣଧାରଣାରେ ଡ.ସୁରେନ୍ଦ୍ର ମହାପାତ୍ର, ସନ୍ତୋଷ ପ୍ରଧାନ, ଅଜୟ କୁମାର ନାୟକ,ଟୁକୁଲି ଜେନାଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆରାଧ୍ୟା



ପୁରୀ ଅଫିସ, ୨୬।୫

ପ୍ରତିଭାର କୌଣସି ବୟସ ନ ଥାଏ ତାହା ପ୍ରମାଣ କରି ଦେଖାଇଛନ୍ତି ପୁରୀ ମାର୍କଣ୍ଡେଶ୍ୱର ସାହି ଅନ୍ତର୍ଗତ ମାତା ଗୋସେଇଁ ଲେନ୍‌ର ଆରାଧ୍ୟା ପ୍ରଧାନ। ମାତ୍ର ୨ବର୍ଷ ୪ମାସ ବୟସରେ ଆରାଧ୍ୟା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇ ପୁରୀ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଆରାଧ୍ୟା ୧୫ ପ୍ରାଣୀର ନାମ, ବର୍ଷର ବିଭିନ୍ନ ମାସ ଓ ଋତୁର ନାମ, ଇଂଲିଶରେ ୧ ଠାରୁ ୧୦୦, ଏଠାରୁ ଜେଡ୍ ପର୍ଯ୍ୟନ୍ତ କହିବା, ୩ରୁ ୪ଟି ଶ୍ଳୋକ ବୋଲିବା, ୪୦ଟି ସାଧାରଣ ଜ୍ଞାନ ଆଦି ଟେଷ୍ଟ ଦେଇଥିଲେ। ଯେଉଁଥିରେ ସେ ସଫଳ ହୋଇଥିଲେ। ଫଳରେ ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ବାପା ରାଜେଶ କୁମାର ପ୍ରଧାନ ଏବଂ ମା' ଲୁଇନା ପ୍ରଧାନଙ୍କ ସହ ଆରାଧ୍ୟା ପୁରୀରେ ରହୁଛନ୍ତି। ତେବେ ତାଙ୍କ ଘର କଟକ ଜିଲା ନିଆଳି ବ୍ଲକ୍‌ର ତିହୁଡ଼ିରେ ହୋଇଥିବାବେଳେ ବାପା ରାଜେଶ ଜଗନ୍ନାଥ ଟେମ୍ପଲ ଫାୟାର ଷ୍ଟେଶନରେ ଅଗ୍ନିଶମ କର୍ମଚାରୀ ଭାବେ କାର୍ଯ୍ୟରତ। ବର୍ତ୍ତମାନ ସୁଦ୍ଧା ଆରାଧ୍ୟା ସ୍କୁଲ ଯାଇନାହାନ୍ତି, ତଥାପି ପଢିବା ପ୍ରତି ଥିବା ଆଗ୍ରହ ତାଙ୍କୁ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇବାରେ ସହାୟକ ହୋଇଛି। ଇ ଣ୍ଡିଆ ବୁକ୍ ଅଫ ରେକର୍ଡ୍ସ ପକ୍ଷରୁ ଆରାଧ୍ୟାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଆରାଧ୍ୟା ଏକବର୍ଷର ହୋଇଥିବାବେଳେ ତାଙ୍କୁ ଯାହା କୁହାଯାଉଥିଲା ତାହାକୁ ସେ ସଙ୍ଗେସଙ୍ଗେ ମନେ ରଖିଦେଇ କହିପାରୁଥିଲେ। ଝିଅର ଏହି ସଫଳତା ନେଇ ଉଭୟ ମା' ବାପା ଖୁସିଥିବା ରାଜେଶ ପ୍ରକାଶ କରିଛନ୍ତି।



ବିଶ୍ୱ ହକର ଦିବସ ଅବସରରେ ବାଦାମବାଡି ବସ୍‌ଷ୍ଟାଣ୍ଡରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେୟରଙ୍କ ସହ ସଂଘର ସଦସ୍ୟମାନେ।



ବକ୍ସିବଜାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ।

# 'ହକରଙ୍କ ସମସ୍ୟା ସମାଧାନ କରାଯିବ'

**ବିଶ୍ୱ ହକର ଦିବସ**

କଟକ ଅଫିସ, ୨୬।୫

ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଖବରକାଗଜ ବିତରକ ସଂଘ ପକ୍ଷରୁ ବିଶ୍ୱ ହକର ଦିବସ ପାଳିତ ହୋଇଯାଇଛି। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହକରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷକରି ବୟସ୍କ ହକରଙ୍କୁ ଭତ୍ତା, ରାଶନ କାର୍ଡ, ନୂଆ ବସ୍‌ଷ୍ଟାଣ୍ଡରେ ହକରଙ୍କ ପାଇଁ ଏକ ସେଟ୍, ସାମାଜିକ ସୁରକ୍ଷା, ପରିବାରକୁ ସୁବିଧା ମିଳିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନା ପରିଚାଳନା କରିଥିଲେ। ସଂଘ ସମ୍ପାଦକ ରାଧେଶ୍ୟାମ ଦାସ, ସହସମ୍ପାଦକ ଅଭୟ ବେହେରା, ନିରଞ୍ଜନ ବେହେରାଙ୍କ ସମେତ ସମସ୍ତ ସଭ୍ୟ ଥିଲେ।

ସେହିପରି ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ହକର ଦିବସ କଟକ ବକ୍ସିବଜାରଠାରେ ପାଳିତ ହୋଇଯାଇଛି। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ପ୍ରଦ୍ୟୁମ୍ନ ବିଶୋଇ, ମନୋଜ ପାଲ୍, ନବଘନ ସାହୁ, ହୃଷୀକେଶ ପଢ଼ିହାରୀ, ଦେବାଶିଷ ଭୋଇ, ସକିଲ୍ ଖାଁ, ସୁବାସ ପ୍ରଧାନ, ରବି ପାଲ, ବଇଁଶୀ ସାହୁ, ଉତ୍ତମ ବେହେରା, ଦୁଃଖିଶ୍ୟାମ ମହାପାତ୍ର ଉପସ୍ଥିତ ଥିଲେ।

### ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୬।୫ (ବ୍ୟୁରୋ)

ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ)ର କାର୍ଯ୍ୟକାରିଣୀ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ୟୁଟିଆର ପ୍ରତିଷ୍ଠାତା ବିକ୍ରମ କେଶରୀ ବର୍ମାଙ୍କ ୮୩ତମ ଜୟନ୍ତୀ ଅବସରରେ ସଂଘ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ବର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୮୫୪ ପ୍ରଧାନ ଶିକ୍ଷକଙ୍କୁ ସେମାନଙ୍କ ନିଯୁକ୍ତି ଦିବସରୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ ସରକାରୀକରଣ, ପୂର୍ବଭଳି ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା, ପ୍ରାଥମିକ ସ୍ତରରେ ନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିବସରୁ ଧାରାବାହିକ କରିବା, ପଦୋନ୍ନତିରେ ୫ବର୍ଷ ବାଦ୍ ନ ଦେବା ଆଦି ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ଭାଗବତ ପ୍ରଧାନ, ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ସମ୍ପାଦକ ଡ. ବ୍ରଜ କିଶୋର ନାୟକ, ଭିକାରୀ ଚରଣ ଧଳ, କମଳ କୁମାରୀ ଦାସ, ରାମଚନ୍ଦ୍ର ସାହୁ, ରୋଜି ରାୟ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅର୍ଜୁନ ପରମଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦ୍ୟ ଶୈଶବ ଯତ୍ନ, ବିକାଶ ସମ୍ପର୍କିତ ବ୍ଲକସ୍ତରୀୟ ଆଲୋଚନା

ବଡ଼ମ୍ବା, ୨୬।୫(ଡି.ଏନ୍.ଏ)

ସ୍ୱେଚ୍ଛାସେବୀ ସଙ୍ଗଠନ ଆଇନ୍ ସେବା ସଂସ୍ଥା କ୍ଲାପ ତରଫରୁ ବଡ଼ମ୍ବା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଦ୍ୟ ଶୈଶବ ଯତ୍ନ ଓ ବିକାଶ ସମ୍ପର୍କିତ ବ୍ଲକସ୍ତରୀୟ ଆଲୋଚନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇଥିଲେ। ପଞ୍ଚାୟତସ୍ତରରେ ପ୍ରସ୍ତୁତ ହେଉଥିବା ଗ୍ରାମ ପଞ୍ଚାୟତ ବିକାଶରେ ଶିଶୁ ମିତ୍ର ପଞ୍ଚାୟତ ଯୋଜନାରେ ଆଦ୍ୟ ଶୈଶବ ଯତ୍ନ ଓ ବିକାଶ ସମ୍ବନ୍ଧୀୟ ବିଭିନ୍ନ ଉପଯୋଜନାକୁ ସ୍ଥାନିତ କରିବା ପାଇଁ ସଭାରେ ଆହ୍ୱାନ ଦିଆଯାଇଥିଲା। ବିଡିଓ ରମେଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନବ କିଶୋର ମିଶ୍ର, ରାଜ୍ୟ ପଞ୍ଚାୟତିରାଜ ପ୍ରତିଷ୍ଠାନ ପ୍ରଶିକ୍ଷକ ଡି.ଏମ୍.କେ.ମାନସିଂହ, ମୋବାଇଲ କ୍ରେଚ୍ ନୂଆ ଦିଲ୍ଲୀ ମୁଖ୍ୟାଳୟ କମ୍ୟୁନିଟି ମୋବିଲାଇଜର ଅଜିତ କୁମାର, କ୍ଲାପର ଗୋଷ୍ଠୀ ସଙ୍ଗଠକ ଅଜିତ କୁମାର ବିଶୋଇ, ଗୋପମଥୁରା ଗ୍ରାମ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ଜଗଦେବ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ, ବ୍ଲକ ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଦ୍ୟ ଶୈଶବ ଶିଶୁମାନଙ୍କ ଯତ୍ନ ଓ ବିକାଶ ପାଇଁ ସ୍ୱତନ୍ତ୍ର ବଜେଟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ବଡ଼ମ୍ବା ବ୍ଲକର ୩୮ ପଞ୍ଚାୟତ ସରପଞ୍ଚ, ସରପଞ୍ଚଙ୍କ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ସମ୍ପ୍ରସାରଣ ଅଧିକାରୀମାନେ ଯୋଗ ଦେଇଥିଲେ। ଆଇନ୍ ସେବା ପ୍ରତିଷ୍ଠାନ ସମ୍ପାଦକ ପୁରୁଷୋତ୍ତମ ସାହୁ, ମୋବାଇଲ କ୍ରେଚ ନୂଆଦିଲ୍ଲୀ ମୁଖ୍ୟାଳୟର ବରିଷ୍ଠ ପ୍ରବନ୍ଧକ ମଦନ ଲାଲ ଉପସ୍ଥିତ ଥିଲେ। ସଭାରେ ମୋବାଇଲ କ୍ରେଚ ପକ୍ଷରୁ ଉପସ୍ଥିତ ସରପଞ୍ଚମାନଙ୍କୁ ସଂକଳ୍ପ ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପାରା ଲିଗାଲ ଆକ୍ଟିଭିଷ୍ଟ ସରୋଜ କୁମାର ସାହୁ, ଚିନ୍ମୟ ଗୋଚ୍ଛି, ସଲିମଉଦ୍ଦିନ ଖାଁ ଓ ଧନେଶ୍ୱର ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଆଲୋଚନାରେ ସଭାରେ ଯୋଗଦେଇଥିବା ଅତିଥିମାନେ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା


ସମୀକ୍ଷା ବୈଠକରେ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼, ୨୬।୫(ସ୍ୱ.ପ୍ର.)

ଆଠଗଡ ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ଆଠଗଡ଼, ତିଗିରିଆ, ଟାଙ୍ଗୀ -ଚୌଦ୍ୱାର ଆଦି ବ୍ଲକର ବିଭିନ୍ନ ଗ୍ରାମରେ ନିର୍ମାଣ ଚାଲିଥିବା ଅଙ୍ଗନୱାଡ଼ି କେନ୍ଦ୍ର, ମିଶନ ଶକ୍ତି ଗୃହ, ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ମରାମତି କାର୍ଯ୍ୟର ସମୀକ୍ଷା ବୈଠକ ଆଠଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆଠଗଡ ବିଡିଓ ପ୍ରଦୀପ କୁମାର ସାହୁ, ସିଡିପିଓ ନିବେଦିତା ରାୟ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖାଡେଙ୍ଗା, କୃଷିମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରଞ୍ଜନ କୁମାର ଆଚାର୍ଯ୍ୟ, ବ୍ଲକ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ, ତିଗିରିଆ ବିଡିଓ ପ୍ରଣବ ହେରା,ସିଡିପିଓ ସତ୍ୟଭାମା ବିଶୋଇ,ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ନନ୍ଦଙ୍କ ସମେତ ସମସ୍ତ ସହକାରୀ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'କେନ୍ଦ୍ର ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ'

**ଭାଜପା କାର୍ଯ୍ୟକାରିଣୀ ବୈଠକ**

ଆଠଗଡ, ୨୬।୫(ସ୍ୱ.ପ୍ର)

ଆଠଗଡ଼ ବ୍ଲକ ଅନ୍ତର୍ଗତ ସମସରପୁର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ମାସ ଧରି ମହା ଜନ ସମ୍ପର୍କ ଅଭିଯାନ ଉପରେ ଆଲୋଚନା ହୋଇଥିଲା। ମୋଦି ସରକାରଙ୍କ ସୁଶାସନ ଯୋଗୁ ଦେଶର ଗୌରବ ବିଶ୍ୱସ୍ତରରେ ବୃଦ୍ଧି ପାଇବାରେ ଲାଗିଛି । ଏହି ଅଭିଯାନ ଅନ୍ତର୍ଗତ ସାରା ଦେଶରେ ବ୍ୟାପକ ଜନ ସମ୍ପର୍କ, ଲାଭାର୍ଥୀ ସମ୍ପର୍କ, ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହ ସମ୍ପର୍କ, ବରିଷ୍ଠ କାର୍ଯ୍ୟକର୍ତ୍ତା ସମ୍ପର୍କ କରାଯିବ। ଏଥିସହ ଲୋକସଭା, ବିଧାନସଭା ଏବଂ ବୁଥସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଆଠଗଡ଼ ଭାଜପା ନେତା ବ୍ରଜେନ୍ଦ୍ର ରାୟ, ବିଧାନସଭା ପ୍ରଭାରୀ ଜ୍ଞାନେନ୍ଦ୍ର ସ୍ୱାଇଁ, ମଣ୍ଡଳ ସଭାପତି ତପନ ଲେଙ୍କା, କ୍ୟାପଟେନ ପ୍ରଫୁଲ୍ଲ ପରିଡ଼ା,ଶଶୀଧର ମିଶ୍ର,ମିଥୁନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଜିଲା ଉପସଭାପତି ବିଚିତ୍ରାନନ୍ଦ ଜେନା ସଭାରେ ସଭାପତିତ୍ୱ କରିଥିଲେ। ଶେଷରେ ମମତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକାରିଣୀ ବୈଠକରେ ଭାଜପା ନେତୃବୃନ୍ଦ।

# ମୋ ବସ୍‌ରେ ଚୋରି କରୁଥିବା ଗ୍ୟାଙ୍ଗ୍ ଧରାପଡ଼ିଲା, ୩ ଗିରଫ

ଭୁବନେଶ୍ୱର, ୨୬।୫(ବ୍ୟୁରୋ)





ମୋ ବସ୍‌ରେ ଯାତ୍ରୀଙ୍କଠାରୁ ଚୋରି କରୁଥିବା ଏକ ଗ୍ୟାଙ୍ଗ୍‌କୁ ନୟାପଲ୍ଲୀ ଥାନା ପୋଲିସ ଧରିଛି। ଏଥିସହ ଗ୍ୟାଙ୍ଗ୍‌ର ୩ଜଣ ସଦସ୍ୟଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କଟକ ଜିଲା ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ସେଖ୍ ମୁନା (୩୨), ବାସୁ ଖାନ୍ (୩୨) ଓ ବଡ଼ମ୍ବା ଥାନା ଅନ୍ତର୍ଗତ ବିଶ୍ୱମ୍ଭପୁର ଗ୍ରାମର ବିଦ୍ୟାଧର ବାରିକ (୪୨)। ସେମାନଙ୍କଠାରୁ ୨ ପର୍ସ ଓ ୭ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ନୟାପଲ୍ଲୀ ନୂଆସାହି ଲେନ୍-୧ର ଊର୍ମିଳା ଷଡ଼ଙ୍ଗୀ ତାଙ୍କ ପୁଅ ସହ ଗତ ଶନିବାର ମଧ୍ୟାହ୍ନରେ କଲ୍ୟାଣୀ ମାର୍କେଟ ଛକରୁ ରୁଟ୍ ନଂ. ୨୮ରେ ଚଳାଚଳ କରୁଥିବା ମୋ ବସ୍‌ରେ ସିଆର୍‌ପି ଛକକୁ ଯାଉଥିଲେ। ଏହି ସମୟରେ ଊର୍ମିଳାଙ୍କଠାରୁ ଜଣେ ଅଭିଯୁକ୍ତ ୧୦ ହଜାର ଟଙ୍କା ଥିବା ଭ୍ୟାନିଟି ଚୋରି କରି ନେଇଥିଲେ। ଏନେଇ ଊର୍ମିଳା ଥାନାରେ ଏତଲା ଦେବାପରେ ପୋଲିସ ଏକ ମାମଲା (ନଂ.୬୯/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଜୟଦେବବିହାର ଛକରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ସେମାନେ ନିୟମିତ ମୋ ବସ୍‌ରୁ ଗ୍ରାହକଙ୍କଠାରୁ ଚୋରି କରୁଥିବା ସ୍ୱୀକାର କରିଥିଲେ। ଗାଡକଣସ୍ଥିତ ବିଦ୍ୟାଧରଙ୍କ ଘରେ ସମସ୍ତ ଚୋରି ସାମଗ୍ରୀ ଓ ଟଙ୍କାକୁ ଭାଗକରି ବାଣ୍ଟି ନେଉଥିଲେ। ତେବେ ମୁନାଙ୍କ ନାମରେ ନୟାପଲ୍ଲୀ ଥାନାରେ ୪ଟି, ବାସୁଙ୍କ ନାମରେ ୩ଟି ଓ ବିଦ୍ୟାଧରଙ୍କ ନାମରେ ୩ଟି ଚୋରି ମାମଲା ରହିଛି। ଅଭିଯୁକ୍ତମାନେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସେମାନଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।


ପ୍ରିୟଙ୍କା ଚୋପ୍ରା

# ଆକ୍ସନ ସିନ୍‌ରେ ନଜର ଆସିବେ ଦେଶୀଗର୍ଲ

**ମୁମ୍ବାଇ:** ବଲିଉଡ ସହ ହଲିଉଡରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା। ଆକ୍ସନ ହେଉ କିମ୍ବା ରୋମାନ୍ସ କି କୌଣସି କ୍ୟାରେକ୍ଟର ରୋଲ ପ୍ରିୟଙ୍କା ଏଥିରେ ଏମିତି ମଜି ଯାଆନ୍ତି ଯେ ଲାଗେ ଯେମିତି ସେ ହିଁ ଏହି କ୍ୟାରେକ୍ଟର ପାଇଁ ଏକଦମ ଫିଟ୍‌। ତାଙ୍କର ଶେଷ ଆମାଜନ ପ୍ରାଇମ ରିଲିଜ ୱେବ୍‌ ସିରିଜ 'ସିଟାଡେଲ' ଦର୍ଶକଙ୍କୁ ବହୁତ ପସନ୍ଦ ଆସିଥିଲା। ଏଥିରେ ରିଚାର୍ଡ ମ୍ୟାଡେନଙ୍କୁ ଆକ୍ସନରେ ପୂରା ଟକ୍କର ଦେଇଥିଲେ ପିସି। ଗୁରୁବାର 'ସିଟାଡେଲ'ର ଦ୍ୱିତୀୟ ସିଜନ ଘୋଷଣା କରାଯାଇଛି। ସିଟାଡେଲ ଅନ୍‌ ପ୍ରାଇମ ପ୍ରିୟଙ୍କା ଚୋପ୍ରା ଓ ହଲିଉଡ ଷ୍ଟାର ରିଚାର୍ଡ ମ୍ୟାଡେନଙ୍କ ଏକ ନୂଆ ପୋଷ୍ଟର ଅଫିସିଆଲ ଆକାଉଣ୍ଟରେ ଶେୟାର କରି ପ୍ରଶଂସକମାନଙ୍କୁ ଦ୍ୱିତୀୟ ସିଜିନ ବିଷୟରେ ଜଣାଇଥିଲେ।

# ସବୁଠୁ ବିପଦପୂର୍ଣ୍ଣ ରାସ୍ତା

**ବ**ଲିଭିଆରେ ରହିଛି ବିଶ୍ୱର ସବୁଠାରୁ ବିପଜ୍ଜନକ ରାସ୍ତା। ଏହି ରାସ୍ତାରେ ଗାଡ଼ି ଚଳାଇବା ଜଣକ ପାଇଁ ଶେଷ ଡ୍ରାଇଭ ହୋଇପାରେ। ବଲିଭିଆର ଡେଥ୍‌ ରୋଡ ଦୁନିଆର ସବୁଠାରୁ ବିପଜ୍ଜନକ ରାସ୍ତା ବୋଲି ବିବେଚନା କରାଯାଏ। ସମୟ ଥିଲା ଯେତେବେଳେ ପ୍ରତିବର୍ଷ ଏଠାରେ ୨୦୦ରୁ ୩୦୦ ଲୋକଙ୍କ ମୃତ୍ୟୁ ଘଟୁଥିଲେ। ଏହି କାରଣରୁ ଏହାକୁ ଡେଥ୍‌ ରୋଡ କୁହାଯାଉଥିଲା। ପ୍ରାୟ ୭୦ କିଲୋମିଟର ଏହି ରାସ୍ତାରେ ଭୂସ୍ଖଳନ, କୁହୁଡ଼ି ଏବଂ ଭୁଶୁଡ଼ି ପଡ଼ିବାର ବିପଦ ସବୁବେଳେ ରହିଥାଏ। ରାସ୍ତାଟି କେବଳ କିଛି ବାଟ ପର୍ଯ୍ୟନ୍ତ ୧୦ ଫୁଟରୁ ଅଧିକ ଚଉଡ଼ା, ବାକିଗୁଡ଼ିକ ସଂକୀର୍ଣ୍ଣ। ୧୯୩୦ ଦଶକ ପାରାଗୁଏ-ବ୍ରାଜିଲ ଯୁଦ୍ଧରେ ବନ୍ଦୀ ହୋଇଥିବା ପାରାଗୁଏ କଏଦୀମାନେ ପାହାଡ଼ କାଟି ଏହାକୁ ତିଆରି କରିଥିଲେ। ଏହି ରାସ୍ତା ବଲିଭିଆର ରାଜଧାନୀ ଲା ପାଜକୁ କୋରିକୋ ସହର ସହିତ ସଂଯୋଗ କରେ। ୨୦୦୬ ପର୍ଯ୍ୟନ୍ତ ଏହା ଦୁଇ ସହର ମଧ୍ୟରେ ଏକମାତ୍ର ରାସ୍ତା ଥିଲା। ଖରାପ ପାଗରେ ଲୋକମାନେ ଏହି ରାସ୍ତାରେ ବାହାରକୁ ଯାଆନ୍ତି ନାହିଁ।



# ୬୦ ବର୍ଷରେ ଦ୍ୱିତୀୟ ବିବାହ କଲେ ଆଶିଷ ବିଦ୍ୟାର୍ଥୀ



**ମୁମ୍ବାଇ:** ଭେଟେରାନ ଅଭିନେତା ଆଶିଷ ବିଦ୍ୟାର୍ଥୀ ଗୁରୁବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସେ ଆସାମର ରୁପାଲି ବାରୁଆଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ଅନେକ ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ, ମାଲାୟାଲମ ଏବଂ ଅଧିକ ଆଞ୍ଚଳିକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଅଭିନେତା ପୁଣିଥରେ ପ୍ରେମରେ ପଡ଼ିଛନ୍ତି। ଜାତୀୟ ପୁରସ୍କାର ପ୍ରାପ୍ତ ଅଭିନେତା ପୂର୍ବରୁ ୟେଷ୍ଟେୟାର ଅଭିନେତ୍ରୀ ଶକୁନ୍ତଳା ବାରୁଆଙ୍କ ଝିଅ ରାଜୋଶି ବାରୁଆଙ୍କୁ ବିବାହ କରିଥିଲେ। ବିଦ୍ୟାର୍ଥୀଙ୍କ ବର୍ତ୍ତମାନ ସ୍ତ୍ରୀ ହେଉଛନ୍ତି ରୁପାଲି। ବନ୍ଧୁ ଏବଂ ପରିବାରବର୍ଗଙ୍କ ଉପସ୍ଥିତିରେ ଦୁହେଁ ରେଜେଷ୍ଟ୍ରି ବିବାହ କରିଛନ୍ତି।

## ଅନ୍ୟାନ୍ୟ ଖବର

### ଏସିଡ୍‌ ପିଇ ୨ଶିଶୁ ଅସୁସ୍ଥ

**ଦେବଗଡ଼, ୨୬।୫(ଡି.ଏନ୍‌.ଏ.):** ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡ଼ା ଗ୍ରାମରେ ପାଣି ଭାବି ଏସିଡ୍‌ ପିଇ ୨ ଶିଶୁ ଅସୁସ୍ଥ ହୋଇ ପଡ଼ିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ସୁଗୁଡ଼ା ଗ୍ରାମର ହେମନ୍ତ କୁମାର ସାହୁ ବ୍ୟାଟେରୀରେ ଭର୍ତ୍ତି କରିବା ପାଇଁ ଏକ ବୋତଲ ସଲ୍‌ଫରିକ ଏସିଡ୍‌ ଘରକୁ ଆଣି ରଖିଥିଲେ। ଶୁକ୍ରବାର ସନ୍ଧ୍ୟା ସମୟରେ ହେମନ୍ତଙ୍କ ୭ ବର୍ଷର ଝିଅ ଝିଲିରାଣୀ ଏବଂ ୨ ବର୍ଷର ପୁଅ ସିକୁନ ଘରେ ଖେଳୁଥିବାବେଳେ ଏହାକୁ ହାତ ପାଆନ୍ତାରେ ପାଇ ପାଣି ଭାବି ଉକ୍ତ ବୋତଲରୁ କିଛି ପରିମାଣର ଏସିଡ୍‌ ପିଇ ଦେଇଥିଲେ। ତେବେ ଏହା ପାଟିକୁ ଅରୁଚିକର ହେବା ସହ ଉଭୟଙ୍କର ବାନ୍ତି ହୋଇଥିଲା। ପରିବାର ଲୋକେ ଚିକିତ୍ସା ନିମନ୍ତେ ଉଭୟଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାତି ପର୍ଯ୍ୟନ୍ତ ଉଭୟେ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି। ଉଭୟଙ୍କର ଅବସ୍ଥା ବିପଦ ଶୂନ୍ୟ ଥିବା ଚିକିତ୍ସା କରୁଥିବା ଡାକ୍ତରଙ୍କ ସୂତ୍ରରୁ ସୂଚନା ମିଳିଛି।

### ଗରମ ଖିରି ଡେକ୍‌ଚିରେ ପଡ଼ି ଶିଶୁ ଗୁରୁତର

**ଖଡ଼ିଆଲ,୨୬।୫(ଡି.ଏନ.ଏ):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ରାଣିମୁଣ୍ଡା ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଗଙ୍ଗା ଭୋଜି ପାଇଁ ରନ୍ଧା ଚାଲିଥିବା ଖିରି ଡେକଚିରେ ପଡି ଶିଶୁ ଗୁରୁତର ହୋଇଛି। ଗ୍ରାମର ହୁତେଶ କୁମାର ହେର୍ଣ୍ଣାଙ୍କ ଚାରି ବର୍ଷର ପୁଅ ବିକାଶ ଭୋଜି ପାଖରେ ଖେଳୁଥିବା ସମୟରେ ଖିରି ପାତ୍ରରେ ପଡ଼ି ଯାଇଥିଲେ। ତାଙ୍କ ଶରୀର ୯୦ ପ୍ରତିଶତ ପୋଡି ଯାଇଛି। ତାଙ୍କୁ ପ୍ରଥମେ ଖଡ଼ିଆଲ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ରାୟପୁରକୁ ସ୍ଥାନାନ୍ତରିତ କରାଯାଇଛି। ଶିଶୁ ପଡ଼ିବା ପରେ ପାଖରେ ଥିବା ଧନସିଂ ନାଗ ତାଙ୍କୁ ଉଦ୍ଧାର କରିଥିଲେ। ଶିଶୁର ଦେହ ସାରା ପୋଡି ଯାଇଥିବା ବେଳେ ଧନ ସିଂଙ୍କ ଦୁଇ ହାତ ମଧ ପୋଡି ଯାଇଛି। ଶିଶୁର ବାପା ଜଣେ ଗଣଶିକ୍ଷକ ହେବା ହେତୁ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟକାର୍ଡ ମଧ ମିଳିନାହିଁ। ଏପରି ଅବସ୍ଥାରେ କିପରି ପୁଅର ଚିକିତ୍ସା କରାଇବେ ସେନେଇ ଚିନ୍ତାରେ ଅଛନ୍ତି। ଶିଶୁର ଚିକିତ୍ସା ପାଇଁ ସରକାରୀ ସହଯୋଗ ଜରୁରୀ ହୋଇପଡ଼ିଛି ବୋଲି ସେ ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଧର୍ମଶାଳା,୨୬।୫(ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ସାରୋଇ ଛକ ନିକଟରେ ଶୁକ୍ରବାର ଅଜଣା ଗାଡ଼ି ଧକ୍କାରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଧାମନଗର ଅଞ୍ଚଳର ଚିରଞ୍ଜୀବ ମଲ୍ଲ ଓ ତାଙ୍କ ସ୍ତ୍ରୀ ନନ୍ଦିତା ଜେନା ଏକ ବାଇକ୍‌ରେ କଟକ ଯାଇ ଘରକୁ ଫେରୁଥିଲେ। ରାତି ପ୍ରାୟ ୯ଟାରେ ଏକ ଅଜଣା ଗାଡ଼ି ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନନ୍ଦିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଚିରଞ୍ଜୀବ ଗୁରୁତର ହୋଇଥିଲେ। ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚିରଞ୍ଜୀବଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ନନ୍ଦିତାଙ୍କ ମୃତଦେହ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନିଯୁକ୍ତି ଆଶାୟୀ ଓଡ଼ିଆଙ୍କୁ ଖଡ଼ଗପୁରରେ ମାଡ଼

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ୍‌.ଏ.),୨୬।୫**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଏକ କାରଖାନାରେ ନିଯୁକ୍ତି ପାଇଁ ଖଡ଼ଗପୁରଠାରେ ଗତ ୨୧ ତାରିଖରେ ଅନୁଷ୍ଠିତ ସାକ୍ଷାତ୍‌କାରରେ ଓଡ଼ିଆ ଯୁବତୀଯୁବକ ହୀନସ୍ତା ହୋଇ ଘରକୁ ଫେରିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହି ଘଟଣା ପଦାକୁ ଆସିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଓଡ଼ିଆଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏନେଇ ଓଡ଼ିଆ ଶିକ୍ଷିତ ଯୁବତୀଯୁବକଙ୍କ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଛି। ହେଲେ ନେତାମାନଙ୍କ ଶିଳ୍ପ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରୋକ୍ଷରେ ସହଯୋଗ କରୁଥିବାରୁ ସ୍ଥାନୀୟ ନିଯୁକ୍ତି ଦାବି ପୂରଣ ହୋଇପାରୁନାହିଁ।

ଯାଜପୁର ଜିଲାରେ କମ୍ପାନୀ ପକ୍ଷରୁ ଦିଆଯାଉଥିବା ଓଡ଼ିଆ ଏବଂ ଅଣଓଡ଼ିଆ ନିଯୁକ୍ତି ତଥ୍ୟ ଉପରେ କେବେ ବି ଥରେ ତଦନ୍ତ ହୋଇନାହିଁ। ତେଣୁ କେତେକ ଶିଳ୍ପ କମ୍ପାନୀ ନିଜର ଠିକାସଂସ୍ଥା ପ୍ରତିଷ୍ଠା କରି ଶିକ୍ଷିତ ଯୁବତୀଯୁବକଙ୍କୁ ଶୋଷଣ କରୁଛନ୍ତି। ଏପରିକି କମ୍ପାନୀ ପକ୍ଷରୁ ନିୟୋଜିତ ଅଣଓଡ଼ିଆ ଠିକାସଂସ୍ଥାଗୁଡ଼ିକ ରାଜ୍ୟ ବାହାରେ ଇଣ୍ଟରଭ୍ୟୁ କରୁଛନ୍ତି। ଖଡଗପୁରଠାରୁ ନିରାଶ ହୋଇ ଫେରିଥିବା ଯୁବତୀଯୁବକଙ୍କ କହିବା ଅନୁସାରେ ଜୁନିୟର ଇଞ୍ଜିନିୟର, ଆସିଷ୍ଟାଣ୍ଟ ଇଞ୍ଜିନିୟର, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଅପରେଟର, ଟେକ୍ନିସିଆନ, ଇଓଟି ଅପରେଟର, ଇଓଟି କ୍ରେନ ଅପରେଟର ଆଦି ପଦବୀ ପାଇଁ କିଛି ଦିନ ତଳେ ବିଜ୍ଞାପନ ପ୍ରକାଶ ପାଇଥିଲା। ଖଡ଼ଗପୁର ଖଡ୍ରଙ୍ଗା ଗ୍ରିଫିନ୍ସ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଗତ ୨୧ ତାରିଖ ପୂର୍ବାହ୍ନ ସାଢେ ୮ଟାରୁ ଇଣ୍ଟରଭ୍ୟୁ ଆରମ୍ଭ ହେବ ବୋଲି ସେଥିରେ ଉଲ୍ଲେଖ ରହିଥିଲା। ଓଡ଼ିଶାର କେଉଁ ଶିଳ୍ପ କମ୍ପାନୀ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ହୋଇଥିଲା ତାହାକୁ ଗୋପନ ରଖାଯାଇଥିଲା। ତେବେ ଏହି ପଦବୀଗୁଡ଼ିକ ପାଇଁ ଯାଜପୁର ଜିଲାର ପ୍ରାୟ ୨ ହଜାର ସମେତ ରାଜ୍ୟରୁ ୪ ହଜାରରୁ ଊର୍ଦ୍ଧ୍ୱ ଆଶାୟୀ ଖଡ଼ଗପୁରଠାରେ ପହଞ୍ଚିଥିଲେ। ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ବାୟୋଡାଟା ଦେଇ ଗେଟ୍‌ ବାହାରେ ପ୍ରଚଣ୍ଡ ଖରାରେ ଅପେକ୍ଷା କରିଥିଲେ। କିନ୍ତୁ କେତେଜଣ ଅଣଓଡ଼ିଆ ପ୍ରାର୍ଥୀଙ୍କୁ ଭିତରକୁ ଡକାଯାଇଥିଲା। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥିତି ଅଣାୟତ୍ତ ହେବାରୁ ଓଡ଼ିଆ ଆଶାୟୀମାନେ ଦେଇଥିବା ବାୟୋଡାଟା ଏବଂ ଅନ୍ୟାନ୍ୟ ପ୍ରମାଣପତ୍ରଗୁଡ଼ିକୁ ଗେଟ୍‌ ବାହାରକୁ ଫୋପାଡ଼ି ଦିଆଯାଇଥିଲା। ଏହାକୁ ନେଇ ଗେଟ୍‌ ପାଖରେ ଠେଲାପେଲା ହେବାରୁ ସୁରକ୍ଷାକର୍ମୀ ଓ କେତେଜଣ ଅଣଓଡ଼ିଆ ଯୁବକ ନିଯୁକ୍ତି ଆଶାୟୀ ଓଡ଼ିଆମାନଙ୍କୁ ମାଡ଼ ମାରି ତଡ଼ି ଦେଇଥିଲେ। ଭବିଷ୍ୟତରେ ପୁଣି ଚାକିରି ନ ପାଇବା ଭୟରେ ସେମାନେ ଆଇନର ଆଶ୍ରୟ ନେଇ ପାରିନାହାନ୍ତି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କହିଛନ୍ତି, ଗତ ୬ ବର୍ଷ ହେଲା ଯାଜପୁର ଜିଲାରେ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକ ହୋଇନାହିଁ। ଏହାଦ୍ୱାରା ବିଭିନ୍ନ ଶିଳ୍ପ କମ୍ପାନୀରେ ଓଡ଼ିଆ ନିଯୁକ୍ତି ହାର ଜାଣିବା କଷ୍ଟକର ହେଉଛି। ସେମାନେ ଭୁଲ୍‌ ନିଯୁକ୍ତି ତଥ୍ୟ ଦେଇ ସରକାରଙ୍କୁ ଭୁଆଁ ବୁଲାଉଛନ୍ତି। ଖଡ଼ଗପୁରରେ ଓଡ଼ିଆଙ୍କୁ ମାଡ଼ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି।

# କଟକ ପାଣିପାଗ କେନ୍ଦ୍ରକୁ ଡବ୍ଲ୍ୟୁଏମ୍‌ଓ ସ୍ୱୀକୃତି

**ନୂଆଦିଲ୍ଲୀ, ୨୬।୫**

୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପାଣିପାଗ ସମ୍ପର୍କିତ ତଥ୍ୟ ଦେଇଆସୁଥିବା କଟକସ୍ଥିତ ପର୍ଯ୍ୟବେକ୍ଷଣ କେନ୍ଦ୍ର ସମେତ ଗୁଜରାଟର ଦ୍ୱାରକା ଏବଂ ଭେରାଭାଲ କେନ୍ଦ୍ରକୁ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ସ୍ୱୀକୃତି ପ୍ରଦାନ କରିଛି। ଦୀର୍ଘବର୍ଷ ଧରି ପର୍ଯ୍ୟବେକ୍ଷଣ କେନ୍ଦ୍ର ଭାବେ ସେବା ଯୋଗାଇ ଆସିଥିବାରୁ ଏହି ସ୍ୱୀକୃତି ମିଳିଛି। ଏନେଇ ଡବ୍ଲ୍ୟୁଏମ୍‌ଓ ଅଧ୍ୟକ୍ଷଙ୍କଠାରୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସାର୍ଟିଫିକେଟ ଗ୍ରହଣ କରିଛନ୍ତି। ମୃତ୍ୟୁଞ୍ଜୟ ଡବ୍ଲ୍ୟୁଏମ୍‌ଓରେ ଭାରତର ସ୍ଥାୟୀ ପ୍ରତିନିଧି ମଧ୍ୟ ଅଛନ୍ତି। ଏହି ସଫଳତା ପାଇଁ କଟକ, ଦ୍ୱାରକା ଏବଂ ଭେରାଭାଲର ପାଣିପାଗ କେନ୍ଦ୍ର କର୍ମଚାରୀ ଓ ଅବସରପ୍ରାପ୍ତ ସହକର୍ମୀମାନଙ୍କୁ ଆଇଏମ୍‌ଡି ଅଭିନନ୍ଦନ ଜଣାଇଛି।

# ବୃଦ୍ଧ ଦମ୍ପତିଙ୍କଠାରୁ ସାଢ଼େ ୪ ଲକ୍ଷ ଝାମ୍ପିନେଲେ

**ବ୍ରହ୍ମପୁର ଅଫିସ,୨୬।୫**

ବ୍ରହ୍ମପୁର ସହରରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଶୁକ୍ରବାର ସ୍ୱଷ୍ଟ ଦିବାଲୋକରେ ଆଙ୍କୁଲି ଓଭରବ୍ରିଜ ନିକଟରେ ବୃଦ୍ଧ ଦମ୍ପତିଙ୍କଠାରୁ ଲୁଟେରା ସାଢ଼େ ୪ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ବୈଦ୍ୟନାଥପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୋପାଳପୁର ଥାନା ଅନ୍ତର୍ଗତ ଆରୁଆପଲି ଗ୍ରାମର ପ୍ରଭାକର ପଟ୍ଟନାୟକ ଜଣେ ଅବସରପ୍ରାପ୍ତ କର୍ମଚାରୀ। ଅବସର ପରେ କମ୍ପାନୀ ପକ୍ଷରୁ ତାଙ୍କୁ ୫ଲକ୍ଷ ଟଙ୍କା ମିଳିଥିଲା। ଶୁକ୍ରବାର ପ୍ରଭାକର ଓ ତାଙ୍କ ସ୍ତ୍ରୀ ଖୋଡ଼ାସିଂରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ୫ଲକ୍ଷ ୨୦ ହଜାର ଟଙ୍କା ଉଠାଣ କରିଥିଲେ। ଦମ୍ପତି ଗୋଟିଏ ବ୍ୟାଗରେ ସାଢ଼େ ୪ଲକ୍ଷ ଟଙ୍କାର ୫୦୦ ଟଙ୍କିଆ ନୋଟ ଓ ଅନ୍ୟ ଏକ ବ୍ୟାଗରେ ୭୦ ହଜାର ଟଙ୍କା ରଖିଥିଲେ। ଅପରାହ୍ନରେ ସେମାନେ ଟଙ୍କା ବ୍ୟାଗ ଧରି ବାଇକ୍‌ରେ ଇଞ୍ଜିନିୟରିଂ ସ୍କୁଲ ଛକରୁ ଆଙ୍କୁଲି ଓଭରବ୍ରିଜ ଦେଇ ଘରକୁ ଫେରୁଥିଲେ। ଓଭରବ୍ରିଜରେ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ପ୍ରଭାକରଙ୍କ ସ୍ତ୍ରୀ ଧରିଥିବା ଟଙ୍କା ଭର୍ତ୍ତି ବ୍ୟାଗଟି ଝାମ୍ପି ନେଇଥିଲେ। ପ୍ରଭାକର ସେମାନଙ୍କ ପିଛା କରିଥିଲେ ମଧ୍ୟ ଆଉ ଟେର ପାଇପାରି ନ ଥିଲେ। ପରେ ସେମାନେ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ପ୍ରଭାକରଙ୍କ ଅଭିଯୋଗ କ୍ରମେ ସେ ଟଙ୍କା ଉଠାଣ କରିଥିବା ବ୍ୟାଙ୍କକୁ ପୋଲିସ ଯାଇ ସିସି ଟିଭି ଫୁଟେଜ ମଧ୍ୟ ଯାଞ୍ଚ କରିଛି। ଲୁଟେରାଙ୍କୁ ଧରାଯାଇ ପାରିନାହିଁ।

# ଜାପାନରେ ୬.୨ ତୀବ୍ରତାର ଭୂକମ୍ପ

**ଟୋକିଓ, ୨୬।୫**

ଜାପାନର ପୂର୍ବ ଭାଗରେ ଶୁକ୍ରବାର ସନ୍ଧ୍ୟାରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୨ ଥିଲା। ତେବେ ସୁନାମୀ ସତର୍କ ସୂଚନା ଜାରି ହୋଇନାହିଁ। ଭୂକମ୍ପ ପ୍ରଭାବରେ ରାଜଧାନୀ ଟୋକିଓ ସମେତ ଏହାର ଆଖପାଖ ଅଞ୍ଚଳରେ କୋଠାଗୁଡ଼ିକ ଦୋହଲିଥିଲା। ଜାପାନ ବିଶ୍ୱର ସର୍ବାଧିକ ଭୂକମ୍ପ ପ୍ରବଣ ଦେଶ। ୨୦୧୧ ମାର୍ଚ୍ଚ ୧୧ରେ ସେଠାରେ ୯ ତୀବ୍ରତାର ଭୂକମ୍ପ ସାଙ୍ଗକୁ ୪୦ ମିଟର ଉଚ୍ଚର ସୁନାମୀ ମାଡ଼ିଆସିବା ଯୋଗୁ ବ୍ୟାପକ ଧନଜୀବନ ନଷ୍ଟ ହୋଇଥିଲା। ଏହି ପ୍ରଳୟଙ୍କରୀ ଭୂକମ୍ପ ଓ ସୁନାମୀରେ ୧୯,୭୫୯ ଲୋକଙ୍କ ମୃତ୍ୟୁ ହେବା ସହ ୨,୫୫୩ ଜଣ ନିଖୋଜ ହୋଇଯାଇଥିଲେ।

# ଗଛରେ ପିଟିହେଲା କମ୍ପାନୀ ବସ୍‌: ୬ ଗୁରୁତର

**ଢେଙ୍କାନାଳ ଅଫିସ, ୨୬।୫**

ଢେଙ୍କାନାଳ ପୌରାଞ୍ଚଳ ୮ନଂ. ୱାର୍ଡ ମହିଷାପାଟ ମାଣିଆବନ୍ଧଠାରେ ଶୁକ୍ରବାର ମଧ୍ୟାହ୍ନରେ ଏକ କମ୍ପାନୀ ବସ୍‌ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ମହିଳାଙ୍କ ସମେତ ମୋଟ ୬ଜଣ ଗୁରୁତର ହୋଇଛନ୍ତି।

କଟକ ଜିଲା ଆଠଗଡ଼ସ୍ଥିତ ଆରତୀ ଷ୍ଟିଲ୍‌ କମ୍ପାନୀରେ ନିୟୋଜିତ ବସ୍‌ (ଓଡ଼ି ୦୫ ଡବ୍ଲ୍ୟୁ ୩୫୧୪) ଢେଙ୍କାନାଳରୁ କର୍ମଚାରୀଙ୍କୁ ନେଇ କାରଖାନାକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଢେଙ୍କାନାଳ ଗଜମରାର ତୁଳସୀ ପ୍ରଧାନ, ମାନସୀ ପ୍ରଧାନ, ସଦର ଥାନା ସୁଧାଡ଼ିହକାଟେଣୀର ଜିତେନ୍ଦ୍ର ସାହୁ, ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମ ନିବାସୀ ତଥା ଜୁବିଲି ଟାଉନ୍‌ ଅଞ୍ଚଳରେ ରହୁଥିବା ଗଜେନ୍ଦ୍ର ମହାପାତ୍ର, ଶଙ୍କରପୁରର ଶ୍ରୀନିବାସ ସାହୁ, ଦୁଦୁକାଟେଣୀର ମନ୍‌ଜିତ ବେହେରା ପ୍ରମୁଖ ଗୁରୁତର ହୋଇଥିଲେ। ସୂଚନା ପାଇ ଟାଉନ ଥାନା ପୋଲିସ, ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ମା' ଆଗରେ ଚାଲିଗଲା ଶିଶୁର ଜୀବନ

## ୨ ବାଇକ୍‌ ଧକ୍କା ପରେ କଣ୍ଟେନର ଚଢ଼ିଗଲା


ତହସିଲଦାର ସୌଭାଗ୍ୟ ପଣ୍ଡା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

**ବାସୁଦେବପୁର,୨୬।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସହର ଧାମରା ରୋଡ୍‌ର ଇରମ ପଢୁଁଆ ଟ୍ରେକର ଷ୍ଟାଣ୍ଡ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍‌ ଧକ୍କା ପରେ ଏକ କଣ୍ଟେନର ଚଢ଼ିଯିବାରୁ ମା' ଆଗରେ ୬ ମାସ ଶିଶୁପୁତ୍ରର ଜୀବନ ଯାଇଛି। ମୃତ ଶିଶୁପୁତ୍ର ହେଉଛି ବିନୋବାଭାବେନଗର ଗ୍ରାମର ଶୁକଦେବ ମଣ୍ଡଳଙ୍କ ପୁଅ ବାବୁଲା। ଶୁକଦେବଙ୍କ ସ୍ତ୍ରୀ ଗୀତା ପୁଅକୁ ନେଇ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ବାସୁଦେବପୁର ଡାକ୍ତରଖାନା ଆସୁଥିଲେ। ସେମାନଙ୍କ ବାଇକ୍‌କୁ ଅନ୍ୟ ଏକ ବାଇକ୍‌ ଧକ୍କା ଦେବାରୁ ମା' କୋଳରୁ ଶିଶୁପୁତ୍ର ରାସ୍ତାକୁ ଛିଟିକି ପଡ଼ିଥିଲା। ସେହି ସମୟରେ ରାସ୍ତାରେ ଯାଉଥିବା ଏକ କଣ୍ଟେନର ଶିଶୁପୁତ୍ର ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସହ ରାସ୍ତାରୋକୋ କରାଯାଇଥିଲା। ଫଳରେ ବାସୁଦେବପୁର ସହର ମୁଖ୍ୟରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବରପାଇ ତହସିଲଦାର ସୌଭାଗ୍ୟ ପଣ୍ଡା ଓ ବାସୁଦେବପୁର ଥାନା ଆଇଆଇସି ସାବିତ୍ରୀ ପଣ୍ଡା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ରିପୋର୍ଟ ଲେଖାହେବା ସୁଦ୍ଧା ଉତ୍ତେଜନା ଜାରି ରହିଥିଲା।

### ପ୍ରତିବାଦରେ ରାସ୍ତାରୋକୋ

# ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ନବୀକରଣ ହେବ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**



- ୱାଇଫାଇ,ଫୁଡ୍‌କୋର୍ଟ ସୁବିଧା ମିଳିବ
- ଖୋଲିବ ଆହାର କେନ୍ଦ୍ର
- କ୍ୟାରିୟର କାଉନ୍‌ସେଲିଂ, ମୋଟିଭେଶନାଲ ଟକ୍‌ ଆୟୋଜନ କରାଯିବ
- ବାପୁଜୀନଗରରେ ଖୋଲିବ ଜନ ଲାଇବ୍ରେରି

ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ରାଜ୍ୟର ଏକ ପ୍ରମୁଖ ପାଠାଗାର। ପ୍ରତିଦିନ ଏଠାକୁ ଶହ ଶହ ଛାତ୍ରୀଛାତ୍ର ତଥା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଯୁବ ବର୍ଗ ଓ ସାଧାରଣ ଲୋକ ଅଧ୍ୟୟନ ପାଇଁ ଆସିଥାନ୍ତି। ଏହି ପାଠାଗାରଟି ପୁରୁଣା ହୋଇଯାଇଥିବାରୁ ଏହାର ପୁନରୁଦ୍ଧାର କରାଯାଇ ଚୌକି, ଟେବୁଲ ଓ ଅନ୍ୟ ଆସବାବପତ୍ରର ନବୀକରଣ ସହ ଚଟାଣ ଓ ବିଭିନ୍ନ ସିଭିଲ ଷ୍ଟ୍ରକ୍‌ଚରର ମଧ୍ୟ ଉନ୍ନତି କରାଯିବ। ଏଥିସହିତ ପୁସ୍ତକଗୁଡ଼ିକ ଅତ୍ୟାଧୁନିକ ପଦ୍ଧତିରେ ସଂରକ୍ଷଣ ସହ ସମ୍ପୂର୍ଣ୍ଣ ପାଠାଗାରକୁ ବାତାନୁକୂଳିତ କରାଯିବ। ପାଠାଗାର ପରିସରରେ ଥିବା ନୂତନ କୋଠାରେ ଆସବାବପତ୍ର ଓ ବାତାନୁକୂଳ ବ୍ୟବସ୍ଥା କରାଯାଇ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଓ ଜନସାଧାରଣ ଯେଭଳି ସୁବିଧାରେ ଅଧ୍ୟୟନ କରିପାରିବେ, ସେଥିପାଇଁ ପଦକ୍ଷେପ ନିଆଯିବ। ଲାଇବ୍ରେରି ପ୍ରାଙ୍ଗଣର ଲ୍ୟାଣ୍ଡସ୍କେପିଂ କରାଯିବ। ତା' ସହିତ ଲାଇବ୍ରେରିକୁ ଆସୁଥିବା ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ପାଇଁ ଫୁଡ୍‌କୋର୍ଟ ଖୋଲାଯିବ ଓ ମିଶନ ଶକ୍ତି ପକ୍ଷରୁ କାଫେଟେରିଆ ମଧ୍ୟ କରାଯିବ। ଏହାଛଡା ଛାତ୍ରୀଛାତ୍ରମାନଙ୍କ ସୁବିଧା ପାଇଁ ଆହାର କେନ୍ଦ୍ର ମଧ୍ୟ ଖୋଲାଯିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଶୁକ୍ରବାର ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପରିଦର୍ଶନରେ ଯାଇଥିଲେ। ସେଠାରେ ସେ ଛାତ୍ରୀଛାତ୍ରମାନଙ୍କ ସହିତ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ।

ଲାଇବ୍ରେରିକୁ ଆସୁଥିବା ଛାତ୍ରୀଛାତ୍ରମାନେ, ମୁଖ୍ୟତଃ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବାରୁ ଲାଇବ୍ରେରିରେ ପର୍ଯ୍ୟାପ୍ତ କମ୍ପିଟିଭ ମାଗାଜିନ ରଖାଯିବ ଏବଂ ସମ୍ପୂର୍ଣ୍ଣ ଲାଇବ୍ରେରିକୁ ଆଇଟି ଏନେବଲ୍‌ଡ ସ୍ମାର୍ଟ ମ୍ୟାନେଜମେଣ୍ଟ ଦ୍ୱାରା ପରିଚାଳିତ କରାଯିବ। ଏତଦବ୍ୟତୀତ କ୍ୟାରିୟର କାଉନସେଲିଂ ପାଇଁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମୋଟିଭେଶନାଲ ଟକ୍‌ ଆୟୋଜନ ମଧ୍ୟ ନିୟମିତ ଭାବରେ କରାଯିବ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ବିଶେଷ ସହାୟକ ହେବ। ହରେକୃଷ୍ଣ ମହତାବ ରାଜ୍ୟ ଲାଇବ୍ରେରିରେ ୱାଇଫାଇ ବ୍ୟବସ୍ଥା ଉପଲବ୍ଧ କରାଯିବ। ରାଜ୍ୟ ପାଠାଗାରରେ ଭିଡ଼ କମାଇବା ପାଇଁ ବାପୁଜୀ ନଗରରେ ଜନ ଲାଇବ୍ରେରି ଖୋଲାଯିବ। ସେଠାରେ ଅତ୍ୟାଧୁନିକ ସୁବିଧା ସୁଯୋଗର ବିକାଶ ସହ ଫୁଡ୍‌କୋର୍ଟର ବ୍ୟବସ୍ଥା ରଖାଯିବ। ଏହି କାର୍ଯ୍ୟକ୍ରମଟି ୫-ଟି ଉପକ୍ରମରେ ଓଡ଼ିଶା ଖଣି ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯିବ।

୫-ଟି ସଚିବଙ୍କ ଗସ୍ତ ସମୟରେ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

